


ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଶୁକ୍ରବାର ୧୦ ମଇ ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 10 May 2024

Vol.No. 35 ■ No.125 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019

ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :

ମୁଖ୍ୟ ସମ୍ପାଦକ ସାଗରିକା

ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

# ଆଜି ଭୁବନେଶ୍ୱରରେ ମୋଦିଙ୍କ ରୋଡ୍ ଶୋ'



ଭୁବନେଶ୍ୱର, ୦୯/୫ (ନି.ପ୍ର): ଆସନ୍ତାକାଲି ଦୁଇ ଦିନିଆ ଓଡ଼ିଶା ଗସ୍ତରେ ଆସିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଭୁବନେଶ୍ୱରରେ ଆସନ୍ତାକାଲି ପ୍ରଧାନମନ୍ତ୍ରୀ ଏକ ରୋଡ୍ ଶୋ' କରିବେ। ରାତି ସାଢ଼େ ୮ଟାରୁ ବିଜେପି ପାର୍ଟି ଅଫିସରୁ ଏହି ରୋଡ୍ ଶୋ' ବାହାରିବାର କାର୍ଯ୍ୟକ୍ରମ ରହିଛି। ଏହା ବାଣୀବିହାର ପର୍ଯ୍ୟନ୍ତ ଯିବ। ସେଥିପାଇଁ ଜନପଥରେ (ମାଷ୍ଟରକ୍ୟାଣ୍ଟିନ୍‌ରୁ ବାଣୀବିହାର ପର୍ଯ୍ୟନ୍ତ) ଟ୍ରାଫିକ କଟକଣା ଜାରି କରିଛି କମିଶନରେଟ୍ ପୁଲିସ। କାଲି ଅପରାହ୍ନ ୨ଟାରୁ ରୋଡ୍ ଶୋ' ସରିବା ଯାଏଁ ମାଷ୍ଟରକ୍ୟାଣ୍ଟିନ୍‌ରୁ ବାଣୀବିହାର ପର୍ଯ୍ୟନ୍ତ ରାସ୍ତା ବନ୍ଦ ରହିବ। ସେହିପରି ଅପରାହ୍ନ ୪ଟାରୁ ରୋଡ୍ ଶୋ' ଶେଷ ହେବା ପର୍ଯ୍ୟନ୍ତ ବାଣୀବିହାରରୁ ମାଷ୍ଟରକ୍ୟାଣ୍ଟିନ୍ ରାସ୍ତା ବନ୍ଦ ରହିବ। ଏହା ସହିତ ଜନପଥକୁ ସଂଯୋଗ କରୁଥିବା କୌଣସି ଗଳିରୁ ଗାଡ଼ିଗୁଡ଼ିକୁ ରାସ୍ତାକୁ ଛଡ଼ାଯିବନି। ସୂଚନା ଅନୁଯାୟୀ, ଆସନ୍ତାକାଲି ରାତି ୮ଟା ୧୫ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜନପଥ ସ୍ଥିତ ବିଜେପି ରାଜ୍ୟ ମୁଖ୍ୟ କାର୍ଯ୍ୟାଳୟରେ ପହଞ୍ଚିବେ। ରାତି ସାଢ଼େ ୮ଟାରୁ ସେ ରୋଡ୍ ଶୋ' ଆରମ୍ଭ କରିବେ। ଏହା ରାତି ପ୍ରାୟ ସାଢ଼େ ୯ଟା ପର୍ଯ୍ୟନ୍ତ ଚାଲିବ ଓ ବାଣୀବିହାର ଛକରେ ଶେଷ ହେବ। ମୋଦିଙ୍କ ରୋଡ୍ ଶୋ'ରେ ଦେଖିବାକୁ ମିଳିବ ଓଡ଼ିଆ କଳା ଓ ସଂସ୍କୃତିର ଝଲକ। ବିଜେପି କାର୍ଯ୍ୟାଳୟରୁ ବାଣୀ ବିହାର ମଧ୍ୟରେ ୧୦ଟି ସ୍ଥାନରେ ରହିବ ଓଡ଼ିଶା କଳା ଓ ପରମ୍ପରାର ୧୦ଟି ଆଇକନ। ବିଜେପି ପାର୍ଟି ଅଫିସରେ କୋଣାର୍କ ଚକ୍ର ଓ ବାଣୀବିହାର ଛକରେ ଖଣ୍ଡଗିରି ଐତିହ୍ୟ ସ୍ଥାନିତ ହେବ। ଝାଞ୍ଜ ମୃଦୁଙ୍ଗରେ ମୋଦିଙ୍କୁ ସ୍ୱାଗତ କରାଯିବା ସହିତ ସମ୍ବଲପୁରୀ ଭଳି ଏକାଧିକ ଲୋକନୃତ୍ୟ ପ୍ରଦର୍ଶନ କରାଯିବ। ଭୁବନେଶ୍ୱର ବାସିନ୍ଦାଙ୍କୁ ରୋଡ୍ ଶୋ' ମାଧ୍ୟମରେ ଭେଟିବେ ପ୍ରଧାନମନ୍ତ୍ରୀ। ଏହା ପରେ ରାଜଭବନରେ ରାତ୍ରି ଯାପନ କରିବେ। ତା' ପର ଦିନ (ଶନିବାର) ୩ଟି କାର୍ଯ୍ୟକ୍ରମରେ ଯୋଗ ଦେବେ ମୋଦି। ପ୍ରଥମେ ସକାଳ ସାଢ଼େ ୯ଟାରେ କନ୍ଧମାଳ ଷ୍ଟାଡିୟମ ପଡ଼ିଆରେ ଏକ ସମାବେଶରେ ଯୋଗ ଦେବେ। ପରେ ସାଢ଼େ ୧୧ଟାରେ ବଲାଙ୍ଗିରରେ ସାଧାରଣ ସଭାରେ ଉଦବୋଧନ ଦେବେ। ଶେଷରେ ଦିନ ଗୋଟାଏ ବେଳେ ବରଗଡ଼ ଟୋଲ ଗେଟ୍ ପଡ଼ିଆରେ ମୋଦି ଏକ ବିଶାଳ ଜନସଭାକୁ ସମ୍ବୋଧିତ କରିବେ।

## ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କୁ ଅନ୍ତରୀଣ ଜାମିନ୍ ମିଳିବ କି ନାହିଁ ଆଜି ସୁପ୍ରିମକୋର୍ଟ ଦେଇପାରନ୍ତି ରାୟ



ନୂଆଦିଲ୍ଲୀ, ୦୯/୫ : ପ୍ରଚାର ଏକ ମୌଳିକ ଅଧିକାର ନୁହେଁ । ଏହାକୁ ଅନ୍ତରୀଣ ଜାମିନ ପାଇଁ ଆଧାର କରାଯାଇପାରିବ ନାହିଁ । ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କ ଜାମିନ ଆବେଦନ ବିରୋଧରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଶୁକ୍ରବାର ସୁପ୍ରିମ୍ କୋର୍ଟରେ ଏପରି ନିଜର ଆଭିମୁଖ୍ୟ ରଖିଛି । ନିର୍ବାଚନ ଆଳରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀଙ୍କୁ ମୁକ୍ତ କରିବାକୁ ଚେଷ୍ଟା କରାଯାଉଛି । ଯଦି ସେ ମୁକ୍ତ ହେବେ ତାହେଲେ ଏହା ଏକ ଭୁଲ ଉଦାହରଣ ସୃଷ୍ଟି କରିବ । ଇଡି ଏପରି କିଛି ସୁପ୍ରିମ୍ କୋର୍ଟଙ୍କୁ କହିଛନ୍ତି । ନିର୍ବାଚନ ଲଢୁଥିବା କୌଣସି ବ୍ୟକ୍ତିଙ୍କୁ ଏହି ଆଧାରରେ ଅନ୍ତରୀଣ ଜାମିନ ମିଳିନାହିଁ । ଇଡି ଆହୁରି ମଧ୍ୟ କହିଛି ଯେ ଯଦି ଏହି ଆଧାରରେ ମୁକ୍ତ କରାଯାଏ, ତେବେ ଦେଶରେ ନିର୍ବାଚନ ହେଉଥିବାରୁ ଜଣେ ରାଜନେତାଙ୍କୁ ଗିରଫ କିମ୍ବା ଅଟକ ରଖିବା କଷ୍ଟକର ହେବ । ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କ ଅନ୍ତରୀଣ ଜାମିନ ଆବେଦନ ଉପରେ ସୁପ୍ରିମକୋର୍ଟ ଶୁକ୍ରବାର ରାୟ ଶୁଣାଣି କରିପାରନ୍ତି । ଏହା ପୂର୍ବରୁ ଇଡି ଫେବ୍ରୁଆରି ୯ରେ ଏହାର ସତ୍ୟପାଠ ଦାଖଲ କରିଛି । ଗତ ୭ ତାରିଖରେ ସୁପ୍ରିମକୋର୍ଟ କେଜ୍ରିୱାଲଙ୍କୁ ଅନ୍ତରୀଣ ଜାମିନ ଉପରେ ରାୟ ସଂରକ୍ଷିତ ରଖିଥିଲେ । ଇଡି ପକ୍ଷରୁ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ଅରବିନ୍ଦ କେଜ୍ରିୱାଲଙ୍କ ଅନ୍ତରୀଣ ଜାମିନକୁ ବିରୋଧ କରି କୋର୍ଟରେ କହିଛନ୍ତି ଯେ ଆମ୍ ଆଦମୀ ପାର୍ଟିର ରାଷ୍ଟ୍ରୀୟ ସଂଯୋଜକ ଅରବିନ୍ଦ କେଜ୍ରିୱାଲଙ୍କୁ ଅନ୍ତରୀଣ ଜାମିନ ଦେବା ରାଜନେତାଙ୍କ ପାଇଁ ଏକ ଅଲଗା ଶ୍ରେଣୀ ସୃଷ୍ଟି କରିବା ପରି ହେବ । ଗତ ଶୁଣାଣିରେ ସୁପ୍ରିମକୋର୍ଟଙ୍କ ଖଣ୍ଡପୀଠ ମୁଖ୍ୟମନ୍ତ୍ରୀ କେଜ୍ରିୱାଲଙ୍କ ଓକିଲଙ୍କୁ କହିଥିଲେ, ପ୍ରଥମେ ଦେଖିବାକୁ ହେବ ଯେ ଅନ୍ତରୀଣ ଜାମିନ ପ୍ରଦାନ କରାଯାଇପାରିବ କି ନାହିଁ ।

## ଭୁବନେଶ୍ୱରରେ ହେବ ୧୧୧ କିଲୋମିଟର ରିଂ ରୋଡ୍: ଗଡ଼କାରୀ



ଭୁବନେଶ୍ୱର, ୦୯/୫ (ନି.ପ୍ର): ରାଜଧାନୀ ଭୁବନେଶ୍ୱରରେ ହେବ ୧୧୧ କିଲୋମିଟରର ରିଂ ରୋଡ୍। ଏହା ୬ ଲେନ୍ ବିଶିଷ୍ଟ ହେବ। ଏ ବାବଦରେ ଖର୍ଚ୍ଚ ହେବ ୬, ୫୦୦ କୋଟି ଟଙ୍କା। ଆସନ୍ତା ଅକ୍ଟୋବରରୁ କାମ ଆରମ୍ଭ ହେବ। ଏହି ରିଂ ରୋଡ୍ ସରିଲେ କଟକ-ଭୁବନେଶ୍ୱର-ଖୋର୍ଦ୍ଧା ଯା'ଆସ ସହଜ ହେବ। ତା'ସହ ଚିଲିକା ଉପରେ ନିର୍ମାଣ ହେବ ପୋଲ। ଆଜି ପୁରୀ କୃଷ୍ଣପ୍ରସାଦରେ ବିଜେପିର ବିଜୟ ସେତୁ ସଂକଳ୍ପ ସମାବେଶରେ ଯୋଗ ଦେଇ ଏହି ସୂଚନା ଦେଇଛନ୍ତି କେନ୍ଦ୍ର ପରିବହନ ମନ୍ତ୍ରୀ ନୀତିନ ଗଡ଼କରୀ। ଗଡ଼କରୀ ଆହୁରି ମଧ୍ୟ କହିଛନ୍ତି, ଏହି ଦୁଇ ପୋଲ ନିର୍ମାଣ ହେଲେ ଦୁଇ ଏନ୍‌ଏଚ୍ ଯୋଡ଼ି ହେବ। ଗୋଟିଏ ପୋଲ ୧ କିମି ଓ ଅନ୍ୟଟି ଅଢ଼େଇ କିମିର ୨ ଲେନ୍ ବିଶିଷ୍ଟ ହେବ। ଏଥିପାଇଁ ଡିପିଆର ପ୍ରସ୍ତୁତି ଚାଲିଛି। ନିର୍ବାଚନ ସରିଲେ ଟେଣ୍ଡର ଡକାଯିବ। ସେହିପରି ରାମେଶ୍ୱର-ପୁରୀ-କୋଣାର୍କ-ଦୀଘା ୧୭୭ କିମି ରାସ୍ତା ୪ ଲେନ ବିଶିଷ୍ଟ ହେବ। ଏଥିପାଇଁ ୮୫୦୦ କୋଟି ଟଙ୍କା ଖର୍ଚ୍ଚ ହେବ। କଟକ-ପାରାଦୀପ ୮୭ କିମିର ରାସ୍ତା ୪ ଲେନ୍ ବିଶିଷ୍ଟ ହେବ। ▶▶ପୃଷ୍ଠା ୭

### ଷ୍ଟ୍ରେଚରରେ ବୁହା ହେଲେ ରୋଗୀ

ଭୁବନେଶ୍ୱର/ ଦେବଗଡ଼ , ୦୯/୫ (ନି.ପ୍ର): ଗାଁକୁ ପହଞ୍ଚି ପାରିଲାନି ଆମ୍ବୁଲାନ୍ସ । ଶେଷରେ ଷ୍ଟ୍ରେଚରରେ ବୁହା ହେଲେ ରୋଗୀ। ଦେବଗଡ଼ ଜିଲ୍ଲା ବାରକୋଟ ବ୍ଲକ ଗାଡ଼ିଆ ଗ୍ରାମରୁ ଆସିଛି ଏଭଳି ଅଭାବନୀୟ ଘଟଣା। ଗାଡ଼ିଆ ଗ୍ରାମର ଗୋପୀ ପ୍ରଧାନ ଗୁରୁତର ଥିବାରୁ ୧୦୮ ଆମ୍ବୁଲାନ୍ସକୁ ଡାକିଥିଲେ। ତେବେ ଗାଁକୁ ରାସ୍ତା ନଥିବାରୁ ୧୦୮ ଆମ୍ବୁଲାନ୍ସ ଯାଇ ପାରିନଥିଲା। ଆମ୍ବୁଲାନ୍ସ କର୍ମଚାରୀ ଗ୍ରାମବାସୀଙ୍କ ସହ ମିଶି ଷ୍ଟ୍ରେଚରରେ ରୋଗୀଙ୍କୁ ନେଇଥିଲେ।

## ଦେଢ଼ଶୁର କଳିକେଶଙ୍କୁ ଭୋଟ୍ ନଦେବା ପାଇଁ ଅପିଲ୍ କଲେ ଅଦ୍ରିଜା ମଞ୍ଜରୀ



ଭୁବନେଶ୍ୱର, ୦୯/୫ (ନି.ପ୍ର): ଭୋଟ୍ ସମୟରେ ରୋଚକ ହେଉଛି ବଲାଙ୍ଗିର ରାଜ ପରିବାର କଳି। ପ୍ରଥମେ ଭିଡିଓ ସେୟାର କଲେ। ଏବେ ବଲାଙ୍ଗିର ଆସି ସର୍ବ ସମ୍ମୁଖରେ ରାଜ ପରିବାରର ଗୁମର ଖୋଲିଲେ ଅନଙ୍ଗ ଉଦୟ ସିଂହଦେଓଙ୍କ ସାନ ବୋହୂ ଅଦ୍ରିଜା ମଂଜରୀ ସିଂହଦେଓ। ଆଉ ନିର୍ବାଚନରେ ପ୍ରତିଦ୍ୱନ୍ଦିତା କରୁଥିବା ଦେଢ଼ଶୁର କଳିକେଶ ନାରାୟଣ ସିଂହଦେଓଙ୍କୁ ଭୋଟ୍ ନଦେବା ପାଇଁ ବଲାଙ୍ଗିରବାସୀଙ୍କୁ ଅପିଲ୍ କରିଛନ୍ତି। ଅଦ୍ରିଜା ମଞ୍ଜରୀ ସିଂହଦେଓ କହିଛନ୍ତ କହିଛନ୍ତି, ▶▶ପୃଷ୍ଠା ୭

## ବିଜେଡି ଜାରି କଲା ଘୋଷଣା ପତ୍ର: ଫୋକସ୍‌ରେ ଯୁବ ଭୋଟର



ଭୁବନେଶ୍ୱର, ୦୯/୫ (ନି.ପ୍ର): ବିଜେପି ପରେ ଆଜି ବିଜେଡି ଜାରି କରିଛି ନିର୍ବାଚନ ଇସ୍ତାହାର। ନିର୍ବାଚନ ବୈତରଣୀ ପାର ହେବାକୁ ବିଜେଡି ତା' ଇସ୍ତାହାରରେ ବଡ଼ବଡ଼ ପ୍ରତିଶ୍ରୁତି ଦେଇଛି। ବିଶେଷ କରି ଦଳ ଫୋକସ୍‌ରେ ଅଛନ୍ତି ଯୁବ ଭୋଟର ଓ ମଧ୍ୟବିତ୍ତ ବର୍ଗର ଲୋକ। ଦଳ ୨୪ ବର୍ଷର ଶାସନ ଭିତରେ ଯାହା କରିନଥିଲା, ସେ ସବୁ କୁଆଡ଼େ ଆଗାମୀ ୫ ବର୍ଷ ଭିତରେ କରିଦେବ ବୋଲି ଘୋଷଣାପତ୍ରରେ ଦମ୍ଭୋକ୍ତି ଦେଖାଇଛି। ଦଳ ଦାବି କରିଛି ଯେ, ଗତ ୨୪ ବର୍ଷ ମଧ୍ୟରେ ବିଜେଡି ସରକାର ଓଡ଼ିଶାକୁ ଏକ ଗରିବ, କ୍ଷୁଧା ପ୍ରବଣ, ପ୍ରାକୃତିକ ବିପର୍ଯ୍ୟୟ ଦ୍ୱାରା ▶▶ପୃଷ୍ଠା ୭

## ହିମନ୍ତ ବିଶ୍ୱଶର୍ମାଙ୍କ ସିଧା ହମଲା: ନବୀନ ଓଡ଼ିଶାବାସୀଙ୍କୁ ନୁହେଁ, ପାଣ୍ଡିଆନଙ୍କୁ ଭଲ ପାଆନ୍ତି



ଭୁବନେଶ୍ୱର, ୦୯/୫ (ନି.ପ୍ର): ନିର୍ବାଚନ ପ୍ରଚାର ନିମନ୍ତେ ଦିନିକିଆ ଓଡ଼ିଶା ଗସ୍ତରେ ଆସିଥିବା ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ବିଜେଡି ସୁପିମୋ ନବୀନ ପଟ୍ଟନାୟକ ଓ ଭିକେ ପାଣ୍ଡିଆନଙ୍କ ଉପରେ କରିଛନ୍ତି ସିଧା ହମଲା। ମାଲକାନଗିରି ଜିଲ୍ଲା କାଲିମେଳାରେ ଜନସଭାକୁ ସମ୍ବୋଧିତ ବେଳେ ହିମନ୍ତ ବିଶ୍ୱଶର୍ମା କହିଛନ୍ତି, ନବୀନ ବାବୁ ଓଡ଼ିଶାବାସୀଙ୍କୁ ଭଲ ପାଆନ୍ତି ନାହିଁ, ସେ କେବଳ ପାଣ୍ଡିଆନକୁ ଭଲ ପାଆନ୍ତି। ନବୀନ ବାବୁ ଯାହା ଦେବାକଥା, ପାଣ୍ଡିଆନକୁ ଦିଅନ୍ତି, ଓଡ଼ିଶାବାସୀଙ୍କୁ ନୁହେଁ। ଜଣେ ମୁଖ୍ୟମନ୍ତ୍ରୀ ଏପରି କରିବା କଥା ନୁହେଁ। ସେ କହିଛନ୍ତି, ଛତିଶଗଡ଼ରେ ବିଜେପି ସରକାର ଅଛି, ଧାନ କିଣାଯାଉଛି ୩ ହଜାରରେ। ଏଠାରେ ବିଜେପି ସରକାର ଆସିଲେ ଧାନ କ୍ୱିଣ୍ଟାଲ ୩୧ଶହ ହେବ। ପ୍ରକୃତରେ ଧାନ ୩୧ଶହରେ କିଣାଯିବା କଥା, ହେଲେ ନବୀନ ବାବୁ ଦେଉଛନ୍ତି ୨୧ଶହ ଟଙ୍କା। ଏଠି କେବଳ ନବୀନ ସବୁ ପାଣ୍ଡିଆନଙ୍କୁ ଦେଉଛନ୍ତି ବୋଲି ଅଭିଯୋଗ ଉଠାଇଛନ୍ତି ବିଶ୍ୱଶର୍ମା। ଓଡ଼ିଶାରେ ଯୁବବର୍ଗଙ୍କୁ ସରକାରୀ ଚାକିରି ମିଳୁନି, ପ୍ରଶ୍ନପତ୍ର ଲିକ୍ ହେଉଛି। ▶▶ପୃଷ୍ଠା ୭

### ଫ୍ଲେକ୍ସ ପ୍ରିଣ୍ଟ ମିଡିଆ ହାଉସରେ ଆଇଟି ରେଡ୍: ୨କୋଟି ଜବତ

ଭୁବନେଶ୍ୱର, ୦୯/୫ (ନି.ପ୍ର): ରାଜଧାନୀରେ ବଡ଼ ଧରଣର ଆଇଟି ରେଡ ହୋଇଛି। ଓଲ୍ଡ ପୋଷ୍ଟ ଅଫିସ ଲେନ୍ ବୁଢେଶ୍ୱରୀ କଲୋନୀରେ ଥିବା ଏକ ଫ୍ଲେକ୍ସ




ପ୍ରିଣ୍ଟ ମିଡିଆ ହାଉସ ଉପରେ ଆଜି ଆୟକର ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଛି। ଆୟକର ଫାଙ୍କିବା ଅଭିଯୋଗରେ ଏହି ଚଢ଼ାଉ ଚାଲିଥିବା ଜଣାଯାଇଛି। ଚଢ଼ାଉ ଚାଲିଥିବା ବେଳେ ୨ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଜବତ ହୋଇଥିବା ସୂଚନା ରହିଛି। ଏହି ଟଙ୍କା ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ବୋଲି ଜଣାଯାଇଛି। ଏହି ଫ୍ଲେକ୍ସ ପ୍ରିଣ୍ଟ ମିଡିଆ ହାଉସରେ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ପୋଷ୍ଟର ଓ ବ୍ୟାନର ଛପା ଯାଉଥିବା ସୂଚନା ରହିଛି। ଏନେଇ ସଂପୃକ୍ତ ମିଡିଆ ହାଉସ ମାଲିକ କିମ୍ବା କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟା ମିଳିପାରିନି।

## ଚେକ୍ ପୋଷ୍ଟରେ ଚେକିଂ: ଟ୍ରକ୍‌ରୁ ଜବତ ହେଲା ୮ କୋଟି



ଆନ୍ଧ୍ରପ୍ରଦେଶ, ୦୯/୫: ଆନ୍ଧ୍ରପ୍ରଦେଶର ଏକ ଚେକ୍ ପୋଷ୍ଟରୁ ଜବତ ହେଲା ୮ କୋଟି ଟଙ୍କାର କ୍ୟାସ୍ । ଗରିକାପାଡୁ ଚେକ୍ ପୋଷ୍ଟରେ ଚେକିଂ ବେଳେ ଏନଟିଆର ଜିଲ୍ଲା ପୁଲିସ ବିଡ଼ା ବିଡ଼ା ଟଙ୍କା ବଣ୍ଡଲ ଜବତ କରିଛି । ପାଇପ୍ ଲୋଡ୍ ହୋଇ ଯାଉଥିବା ଟ୍ରକରେ ଏହି ଟଙ୍କା ସବୁ ଯାଉଥିଲା । ଟ୍ରକରେ ସ୍ୱତନ୍ତ୍ର କ୍ୟାବିନରେ ଟଙ୍କା ଭର୍ତ୍ତି କରି ହାଇଦ୍ରାବାଦରୁ ଗୁଣ୍ଟୁର ସହରକୁ ପଠାଯାଉଥିଲା। ଖବର ପାଇ ପୁଲିସ୍ ପହଞ୍ଚି ଟ୍ରକ୍‌କୁ ତନ ତନ କରି ଯାଞ୍ଚ କରିଥିଲା। ଏହାପରେ ଟ୍ରକ୍‌ରୁ ବିଡ଼ା ବିଡ଼ା ଟଙ୍କା ଜବତ ହୋଇଥିଲା। ଜବତ ସମସ୍ତ ଟଙ୍କାକୁ ଜିଲ୍ଲା ଯାଞ୍ଚ ଟିମ୍‌କୁ ହସ୍ତାନ୍ତର କରାଯାଇଛି । କଡ଼ା ସୁରକ୍ଷା ବଳୟ ମଧ୍ୟରେ ତାହାକୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ଏହି ଟଙ୍କା କାହାର, କେଉଁଠୁ ଆସିଲା ତାହା ସ୍ପଷ୍ଟ ହୋଇ ନାହିଁ। ପୁଲିସ୍ ଏହାର ଛାନଭିନ ଆରମ୍ଭ କରିଛି। ପରବର୍ତ୍ତୀ ସମୟରେ ନିର୍ବାଚନ କମିଶନ ଅଧିକାରୀ ଏବଂ ଫ୍ଲାଇଂ ସ୍କ୍ୱାର୍ଡ ଟିମ୍ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସୂଚନା ଦେଇଛନ୍ତି ▶▶ପୃଷ୍ଠା ୭

## ବାଣ ଫ୍ୟାକ୍ଟ୍ରିରେ ଭୟଙ୍କର ବିସ୍ଫୋରଣ: ୮ ମୃତ



ତାମିଲନାଡୁ, ୦୯/୫ : ବାଣ ଫ୍ୟାକ୍ଟ୍ରିରେ ଭୟଙ୍କର ବିସ୍ଫୋରଣ। ଚାଲିଗଲା ୮ ଜଣଙ୍କ ଜୀବନ। ଗୁରୁବାର ତାମିଲନାଡୁର ଶିବକାଶୀ ଅଞ୍ଚଳରେ ଘଟିଛି ଏଭଳି କିଛି ଘଟଣା। ପୁଲିସ ସୂଚନା ମୁତାବକ, ବାଣ କାରଖାନାରେ ବିସ୍ଫୋରଣ ଯୋଗୁ ୮ ଜଣ ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି। ସେହିପରି ୧୨ ଜଣ ଗୁରୁତର ଅଛନ୍ତି। ସେମାନଙ୍କୁ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଆହତଙ୍କ ମଧ୍ୟରୁ ଦୁଇ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ସମସ୍ତ ମୃତକ ଏହି ବାଣ କାରଖାନାରେ କାମ କରୁଥିଲେ। ଘଟଣାସ୍ଥଳରେ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ବିସ୍ଫୋରଣ ପରେ ପୂରା ଫ୍ୟାକ୍ଟ୍ରିରେ ନିଆଁ ଲାଗି ଯାଇଥିଲା। ଖବର ପାଇ ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରୁଛି। ଏହା ଏକ ଲାଇସେନ୍ସ ପ୍ରାପ୍ତ ବାଣ କାରଖାନା ଥିଲା। ବିସ୍ଫୋରଣ ଯୋଗୁ ପୂରା ଅଞ୍ଚଳ ଧୂଆଁମୟ ହୋଇଯାଇଛି। ଶ୍ରମିକମାନେ ଏଠାରେ କାମ କରୁଥିବା ବେଳେ ହଠାତ୍ ବିସ୍ଫୋରଣ ହୋଇଥିଲା। ତେବେ କେଉଁ କାରଣ ଯୋଗୁ କାରଖାନାରେ ବିସ୍ଫୋରଣ ହୋଇଛି ସେ ନେଇ ସୂଚନା ମିଳିନାହିଁ। ପୁଲିସ ଘଟଣାର ତଦନ୍ତ ଜାରି ରହିଛି। ଶିବକାଶୀ ଭାରତର ବଡ ବାଣ ତିଆରି କାରଖାନା ରୂପେ ଜଣାଶୁଣା।

## ଖର୍ଚ୍ଚ ପର୍ଯ୍ୟବେକ୍ଷକଙ୍କ ବ୍ରହ୍ମଗିରି ଗସ୍ତ

ପୁରୀ, ୦୯/୫ (ନି.ପ୍ର): ବ୍ରହ୍ମଗିରି ନିର୍ବାଚନ ମଣ୍ଡଳୀର ସାତପଡ଼ା, ଅରଖକୁଦ ଓ ବ୍ରହ୍ମଗିରି ଅଂଚଳକୁ ଖର୍ଚ୍ଚ ପର୍ଯ୍ୟବେକ୍ଷକ ସୁଧାଂଶୁ ଧର ମିଶ୍ର ପରିଦର୍ଶନ କରିଥିଲେ। ସେ ବ୍ରହ୍ମଗିରି ନିର୍ବାଚନ ମଣ୍ଡଳୀ ର ଚେକପୋଷ୍ଟ ଗୁଡିକ ଅନୁଧ୍ୟାନ କରିବା ସହ ଫ୍ଲାଇଙ୍ଗ ସ୍କ୍ୱାର୍ଡ, ଷ୍ଟାଟିକ ସର୍ଭିଲାନ୍ସ ଟିମ,ଭିଡିଓ ସର୍ଭିଲାନ୍ସ ଟିମ ମାନଙ୍କ ସହ ଆଲୋଚନା କରିଥିଲେ। ସେମାନଙ୍କ କାର୍ଯ୍ୟ, ସମସ୍ୟା, ତଥ୍ୟ ପରିଚାଳନା ସମ୍ପର୍କରେ ମଧ ଆଲୋଚନା କରିଥିଲେ। ପରେ ଶ୍ରୀ ମିଶ୍ର ସାତପଡା ପୋଲିସ ଫାଣ୍ଡି ପରିଦର୍ଶନ କରିଥିଲେ।ଏହି ପରିଦର୍ଶନ ସମୟରେ ଲିଆସନିଙ୍ଗ ଅଫିସର ହିମାଂଶୁ ଭୂଷଣ ସମର୍ଥା ଓ ଅନ୍ୟାନ୍ୟ ବ୍ଲକ ସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

## ସ୍କ୍ୱାର୍ଡ ପାର୍ଟି ଜବତ କଲା ୨ ଲକ୍ଷ ୯୦ ହଜାର

କେନ୍ଦ୍ରାପଡ଼ା, ୦୯/୫ (ନି.ପ୍ର): ଚଳିତ ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ଆଦର୍ଶ ଆଚରଣ ବିଧି ପାଳନ ସହିତ ଭୋଟର ମାନଙ୍କୁ ପ୍ରଭାବିତ କରିବା ପାଇଁ ଟଙ୍କା ପଇସାର ଲେନ ଦେନ ଉପରେ ଜିଲ୍ଲା ପ୍ରଶାସନ ପକ୍ଷରୁ କଡା ନଜର ରଖାଯାଇଛି । କେନ୍ଦ୍ରାପଡାର ମାର୍ଶାଘାଇ କ୍ରସିଂ ଛକ ଠାରେ ଏକ କାର କୁ ତନଖି କରି ସ୍କ୍ୱାର୍ଡ ପାର୍ଟି କାର ମଧରେ ଥିବା ୨ ଲକ୍ଷ ୯୦ ହଜାର ନଗଦ ଜବତ କରିଥିବା ସୂଚନା ମିଳିଛି। ତେବେ କାର ଆରୋହୀ ନିରୋଦ କୁମାର ସାହୁ ନିଜକୁ କଟକ ଛତ୍ର ବଜାରର ଭବାନୀ କୁମାର ଆଣ୍ଡ କୋ ପ୍ରତିଷ୍ଠାନ ର ଫଳ ବ୍ୟବସାୟୀ ବୋଲି ପରିଚୟ ଦେଇ ସଂପୃକ୍ତ ଜବତ ଟଙ୍କା ଫେରି ପାଇବା ପାଇଁ ଉପ ଜିଲ୍ଲାପାଳଙ୍କୁ ସାକ୍ଷାତ କରି ଦାବି କରିଥିବା ଜଣାପଡିଛି ।

# ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର କଳା ପ୍ରଦର୍ଶନୀ ସୃଷ୍ଟି ଉଦ୍‌ଯାପିତ

ଭୁବନେଶ୍ୱର, ୦୯/୫ (ନି.ପ୍ର): ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ଦୃଶ୍ୟ କଳା ବିଭାଗ ଆନୁକୂଲ୍ୟରେ ଜାତୀୟ ଲଳିତ କଳା ଏକାଡେମୀ ଆଂଚଳିକ କେନ୍ଦ୍ରଠାରେ ୫ ଦିନ ବ୍ୟାପି ଆୟୋଜିତ ସପ୍ତମ କଳା ପ୍ରଦର୍ଶନୀ 'ସୃଷ୍ଟି' ଉଦ୍‌ଯାପିତ ହୋଇଯାଇଛି। କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ ସମାରୋହରେ ବିଶିଷ୍ଟ ଅତିଥି ଭାବେ ଜାତୀୟ ଲଳିତକଳା ଏକାଡେମୀର ଆଂଚଳିକ ସଚିବ ରାମକୃଷ୍ଣ ବେଦଲା ଯୋଗଦେଇ ଛାତ୍ରଛାତ୍ରୀଙ୍କ କଳାକୃତି ଗୁଡ଼ିକର ଭୂୟସୀ ପ୍ରଶଂସା କରିବା ସହ କଳା ମାଧ୍ୟମରେ ଆଗାମୀ ଦିନରେ ନିଜର ପ୍ରତିଭାକୁ ପ୍ରତିଫଳିତ କରିବାକୁ ଆହ୍ୱାନ ଦେଇଥିଲେ । ଜାତୀୟ ପୁରସ୍କାର ପ୍ରାପ୍ତ ବରିଷ୍ଠ ଚିତ୍ରଶିଳ୍ପୀ ରାମହରି ଜେନା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଓଡ଼ିଶାରେ କଳାର ବିକାଶ ପାଇଁ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ଅବଦାନକୁ ପ୍ରଶଂସା କରିବା ସହ ଆଗାମୀ ଦିନରେ ଓଡ଼ିଶାର ଭିନ୍ନ ଭିନ୍ନ ଲୋକକଳାର ବିକାଶ ପାଇଁ ଆଜିର ଯୁବଶିଳ୍ପୀମାନେ ଉଦ୍ୟମ କରିବାକୁ ପରାମର୍ଶ ଦେଇଥିଲେ । ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ ତାଙ୍କର ସଭାପତିତ୍ୱ ଅଭିଭାଷଣରେ ବିଶ୍ୱବିଦ୍ୟାଳୟ ପକ୍ଷରୁ ଏହିଭଳି କାର୍ଯ୍ୟକ୍ରମ ମାଧ୍ୟମରେ ଛାତ୍ରଛାତ୍ରୀଙ୍କ ପ୍ରତିଭାକୁ ବିକଶିତ କରିବା ପାଇଁ ପ୍ରତିଶୃତି ଦେଇଥିଲେ । ସହକାରୀ ପ୍ରଫେସର ଡ. ଆଶିଷ ମହାପାତ୍ର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବା ବେଳେ ସହକାରୀ ପ୍ରଫେସର ଅଞ୍ଜନ କୁମାର ସାହୁ ସ୍ୱାଗତ ଭାଷଣ ଓ ବିଭାଗୀୟ ମୁଖ୍ୟ ଡ. ଚକ୍ରଧର ବେହେରା ଧନ୍ୟବାଦ ଦେଇଥିଲେ।

ଏହି ଅବସରରେ ଓଡ଼ିଶୀ କଣ୍ଠ ସଂଗୀତ ବିଭାଗର ସହଯୋଗୀ ପ୍ରଫେସର ଡ. ଧୀରଜ କୁମାର ମହାପାତ୍ର ସନ୍ଥକବି ଭୀମଭୋଇଙ୍କ ଭଜନ ପରିବେଷଣ କରିଥିବା ବେଳେ ଡ. ରମଣୀ ରଂଜନ ଜେନା ଓ ତାଙ୍କ ସାଥୀ ପାରମ୍ପାରିକ ଛଉ ନୃତ୍ୟ ପରିବେଷଣ କରିଥିଲେ। ଏହି କଳା ପ୍ରଦର୍ଶନୀ ଓ କାର୍ଯ୍ୟକ୍ରମ ପରିଚାଳନାରେ ଡ. ଉମେଶ ଚନ୍ଦ୍ର ନାୟକ, ପ୍ରବୀର କୁମାର ଦଳାଇ, ଡ. ନୀଳାଂଜନ ଦାସ, ଡ. ସସ୍ମିତା କାମିଲା ଓ ମୋନାଲିସା ବିଶ୍ୱାଳ ପ୍ରମୁଖ ସହାୟତା କରିଥିଲେ । ବିଶ୍ୱବିଦ୍ୟାଳୟ ପକ୍ଷରୁ ସମସ୍ତ କଳାକାର ଓ ଚିତ୍ରଶିଳ୍ପୀ ତଥା ଭାସ୍କର୍ଯ୍ୟ ଶିଳ୍ପୀ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ଗୀତିନାଟ୍ୟ ପରମ୍ପରା ବିକାଶରେ ଗଣକବି ବୈଷ୍ଣବ ପାଣିଙ୍କ ଅବଦାନ ଅତୁଳନୀୟ

ଭୁବନେଶ୍ୱର, ୦୯/୫ (ନି.ପ୍ର): ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ପୂଜ୍ୟପୂଜା ଅଧିକାରୀ ଲକ୍ଷ୍ମୀଧର ବେହେରାଙ୍କ ସଂଯୋଜନାରେ ଗଣକବି ବୈଷ୍ଣବ ପାଣିଙ୍କ ୬୮ତମ ପୁଣ୍ୟତିଥି ଆଜି ପୂର୍ବାହ୍ନରେ ଭୁବନେଶ୍ୱର ଉତ୍କଳ ସଂଗୀତ ମହାବିଦ୍ୟାଳୟ ସମ୍ମୁଖସ୍ଥ ପ୍ରତିମୂର୍ତିସ୍ଥଳୀରେ ଅନୁଷ୍ଠିତ ହୋଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟର ଅଧକ୍ଷ ଡ. ବିଜୟ କୁମାର ଜେନା ଓ ଅନ୍ୟ ଅଧ୍ୟାପକ/ ଅଧ୍ୟାପିକା, କର୍ମଚାରୀ, ଛାତ୍ରଛାତ୍ରୀ, ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାରର ଗ୍ରନ୍ଥାଗାରିକ ରୁଦ୍ର ପ୍ରସାଦ ବେହେରା, ପଦ୍ମନାଭ ଜେନା, ଭିକାରୀ ଚରଣ ସାହୁ, ରାଜ୍ୟ ଅଭିଲେଖାଗାରର କର୍ମଚାରୀବୃନ୍ଦ, ସମାଜସେବୀ ପଣ୍ଡିତ ଗିରିଜା ଶଙ୍କର ମହାପାତ୍ର, ଗାନ୍ଧୀବାଦୀ ବିଜୟ କୁମାର ତ୍ରିପାଠୀ ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ନିଜ ବକ୍ତବ୍ୟରେ ଓଡ଼ିଶାରେ ଲୋକନାଟ୍ୟ ବିକାଶରେ ଆଦି ଗୀତିନାଟ୍ୟକାର ଲୋକକବି ଜଗନ୍ନାଥ ପାଣି ଯେଉଁ ପ୍ରକ୍ରିୟା ଆରମ୍ଭ କରିଥିଲେ ତାହାକୁ ପୂର୍ଣ୍ଣାଙ୍ଗ କରିଥିଲେ ଗଣକବି ବୈଷ୍ଣବ ପାଣି । ପିଲାବେଳୁ ଦାରିଦ୍ର୍ୟର ତାଡନାରେ ଜର୍ଜରିତ ହୋଇ କଷ୍ଟରେ ଜୀବନ ଯାପନ କରି ନିଜ ଅନ୍ତର୍ନିହିତ ପ୍ରତିଭା ବଳରେ ପ୍ରଥମେ ପାଲାଦଳ ଗଠନ କରି ପାଲା ପରିବେଷଣ କରୁଥିଲେ । ପରବର୍ତୀ ଅବସ୍ଥାରେ ଲୋକନାଟ୍ୟ ଜଗତରେ ପାଦ ଦେଇ ନିଜେ ନୃତ୍ୟଦଳ ଗଠନ କରି ନିଜ ଦ୍ୱାରା ଗୀତିନାଟ୍ୟ ରଚନା କରି ତାହାକୁ ନାଟ୍ୟରୂପ ପ୍ରଦାନ ପୂର୍ବକ ନିଜେ ଅଭିନୟ ଓ ନିର୍ଦ୍ଦେଶନା ଦେଇ ଓଡ଼ିଶାର ପୁରପଲ୍ଲୀ ସହ ପ୍ରବାସୀ ବଙ୍ଗଳା, ବିହାର, ମଧ୍ୟପ୍ରଦେଶ ଅଞ୍ଚଳରେ ପରିବେଷଣ କରି ସୁନାମ ଅର୍ଜନ କରିବା ସହ ରାଜ୍ୟର ଲୋକନୃତ୍ୟ ଓ ଲୋକନାଟ୍ୟ ପରମ୍ପରାକୁ ବିକଶିତ କରିଥିଲେ । ତାଙ୍କ ରଚନାରେ ଦେଶପ୍ରେମର ଭାବ ଜାଗ୍ରତ ହେବା ସହ ନିଶା ନିବାରଣ ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ନିଜେ ଜଣେ ରଜକୀକୁ ଜୀବନ ସାଥୀ କରି ଅସ୍ପୃଶ୍ୟତା ବିରୁଦ୍ଧରେ ସ୍ୱର ଉତୋଳନ କରିଥିଲେ । ଓଡ଼ିଆ ନାଟ୍ୟ ଜଗତକୁ ସମୃଦ୍ଧ କରିଥିବା ବୈଷ୍ଣବ ପାଣି ଶେଷ ଜୀବନରେ ବହୁ ଦୁଃଖ କଷ୍ଟରେ କାଳାତିପାତ କରି ୧୯୫୬ ମସିହା ବୈଶାଖ ଅମାବାସ୍ୟା ତିଥିରେ କଟକରେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ । ତାଙ୍କ ଜୀବନାଦର୍ଶକୁ ପ୍ରତ୍ୟେକ କଳାପ୍ରେମୀ ଅନୁସରଣ କଲେ ଓଡ଼ିଶାର ଲୋକନାଟ୍ୟ ପରମ୍ପରା ଅଧିକ ବିକଶିତ ହୋଇପାରିବ ବୋଲି ମତ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଉପେନ୍ଦ୍ର କୁମାର ମୁଦୁଲି ଧନ୍ୟବାଦ ଅର୍ପଣ କରିଥିଲେ ।

# ମତଦାନ କେନ୍ଦ୍ରରେ ଇଭିଏମ୍ ସହ ବାଲଟ ପେପର ରଖିବାକୁ ଦାବି




ଭୁବନେଶ୍ୱର, ୦୯/୫ (ନି.ପ୍ର): ପୂର୍ବରୁ ଇଭିଏମ୍‌ରେ ଭୋଟ ଦେଲେ ୧୫ ସେକେଣ୍ଡ ପର୍ଯ୍ୟନ୍ତ ଭିଭିପିଏଟିରେ ଚିହ୍ନ ଦେଖାଉଥିଲା। କିନ୍ତୁ ଚଳିତ ବର୍ଷ ଏହାକୁ ୭ ସେକେଣ୍ଡକୁ କମାଇ ଦିଆଯାଇଛି। ଭିଭିପିଏଟିରେ ମତଦାନ ଛପା ହେଲେ ବି ତାହା ସାତ ସେକେଣ୍ଡ ପରେ ଦିଶିବ ନାହିଁ। ସେହିଥିରେ ମତଦାନ ବଦଳିଯିବା ପାଇଁ ବ୍ୟବସ୍ଥା ରହିଛି, ଯାହାକି ଭୋଟଗ୍ରହଣ ବେଳେ ନିର୍ବାଚନ ଅଫିସର ମଧ ଜାଣିବା ସମ୍ଭବପର ନୁହେଁ। ତେଣୁ ମତଦାନ କେନ୍ଦ୍ରରେ ଇଭିଏମ୍ ସହ ବାଲାଟ ପେପର ରଖିବାକୁ ଦାବି କରାଯାଇଛି। ଯାହାର ଯେଉଁଥିରେ ଇଚ୍ଛା ସେଥିରେ ସେମାନେ ଭୋଟ ଦେବେ ବୋଲି ଆଜି ଲୋହିଆ ଏକାଡେମିରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ 'ରାଇଟ ଟୁ ରିକଲ ପାର୍ଟି' ପକ୍ଷରୁ କୁହାଯାଇଛି।

କାର୍ଯ୍ୟକ୍ରମ ଅବସରରେ ପାର୍ଟିର ପଓ୍ୱନ କୁମାର ଶର୍ମା ଓ ସୋସାଲିଷ୍ଟ ପାର୍ଟିର ସାଧାରଣ ସମ୍ପାଦକ ସନ୍ଦୀପ ପାଣ୍ଡେ, ଭାରତୀୟ ପ୍ରୌଦ୍ୟୋଗିକ ସଂସ୍ଥାନ (ଦିଲ୍ଲୀ)ର ଇଂଜିନିୟର ରାହୁଲ ଚିମନଭାଇ ମେହେଟାଙ୍କ ଦ୍ୱାରା ପ୍ରସ୍ତୁତ ଇଭିଏମ୍? ମେସିନ ପ୍ରଦର୍ଶନ କରି ଦେଖାଇଥିଲେ। ସେଥିରେ ମତଦାନ ବଦଳିଲେ ଭୋଟଗ୍ରହଣ ବେଳେ ନିର୍ବାଚନ ଅଫିସର ମଧ ଜାଣିବା ସମ୍ଭବପର ନୁହେଁ ବୋଲି ସେମାନେ ଦାବି କରିଥିଲେ। ଏହି ମେସିନରେ ଭୋଟ ଚୋରି କରିବା ସମ୍ଭବ ଓ ଗୋଟିଏ ଚିହ୍ନରେ ବଟନ ଦବାଇବା ପରେ ଅନ୍ୟ ଚିହ୍ନକୁ ତାହା ଚାଲିଯାଇପାରେ ବୋଲି ଅଭିଯୋଗ କରିଥିଲେ। ନିର୍ବାଚନ କମିଶନକୁ ପ୍ରଧାନମନ୍ତ୍ରୀଙ୍କ ଇଙ୍ଗିତରେ ପରିଚାଳିତ କରିବା ପାଇଁ ଆଇନରେ ସଂଶୋଧନ କରାଯାଇ କମିଶନ ସଭ୍ୟ ନିଯୁକ୍ତି ପ୍ରକ୍ରିୟାରୁ ପ୍ରଧାନ ବିଚାରପତିଙ୍କୁ ହଟା ଯାଇଛି। ତେଣୁ ଇଭିଏମ୍ ବର୍ତ୍ତମାନର ନିର୍ବାଚନ କମିସନ ଦ୍ୱାରା ନିରପେକ୍ଷ ଭାବେ କାମ କରିବା ବିଶ୍ୱାସଯୋଗ୍ୟ ନୁହେଁ। ଏହାର ବିକଳ୍ପ ଏକମାତ୍ର ପୂର୍ବରେ ବ୍ୟବହୃତ ହେଉଥିବା ବ୍ୟାଲେଟ ପେପର। ତାକୁ ଫେରାଇ ଆଣି ଗଣତନ୍ତ୍ରର ସୁରକ୍ଷା କରାଯାଉ ବୋଲି ମେଗାସେସ ପୁରସ୍କାର ପ୍ରାପ୍ତ ସନ୍ଦୀପ ପାଣ୍ଡେ କହିଥିଲେ।

ଏହି ସାମ୍ବାଦିକ ସମ୍ମିଳନୀରେ ଲୋକଶକ୍ତି ଅଭିଯାନର ଆବାହକ ପ୍ରଫୁଲ୍ଲ ସାମନ୍ତରା ସୂଚନା ଦେଲେ ଯେ ଏହି ମେସିନର ମୁଖ୍ୟ ଟେକ୍ନୋଲୋଜି ଯୋଗାଉଥିବା ଜାପାନ ସମେତ ଜର୍ମାନୀ, ଆମେରିକା, ଇଂଲଣ୍ଡ ପରି ବିକଶିତ ଦେଶ ଇଭିଏମ୍ ଉପରେ ବିଶ୍ୱାସ ନଥିବାରୁ ବ୍ୟବହାର କରିନାହାନ୍ତି। ଭାରତରେ କାହିଁକି ଆମେ ବ୍ୟବହାର କରିବା ଆରମ୍ଭରୁ ବିଜେପି ମଧ ଏହାକୁ ବିରୋଧ କରୁଥିଲା। ଗଣତନ୍ତ୍ରରେ ଅବିଶ୍ୱାସନୀୟ ଯନ୍ତ୍ରକୁ ବ୍ୟବହାର କରିବା ଦ୍ୱାରା ନିରପେକ୍ଷ ମତଦାନ ସମ୍ଭବପର ନୁହେଁ। ତେଣୁ ପୁଣି ବାଲାଟ ପେପର ଜରିଆରେ ଭୋଟ ଗ୍ରହଣ କରିବାକୁ ଦାବି କରାଯାଇଛି। ସେଥିପାଇଁ ଭୋଟଦାତାମାନେ ଜାଗ୍ରତ ହେବାକୁ ଉପସ୍ଥିତ ନେତାମାନେ ଆହ୍ୱାନ ଦେଇଥିଲେ।

# ନିର୍ବାଚନ ପାଇଁ ଅବକାରୀ ଚଢଉ ଜୋରଦାର: ଏପ୍ରିଲ ମାସରେ ୬୬୧୯ ମାମଲା ରୁଜୁ, ୫୨୩୨ ମଦ ମାଫିଆ ଗିରଫ

ଭୁବନେଶ୍ୱର, ୦୯/୫ (ନି.ପ୍ର): ଆଗାମୀ ନିର୍ବାଚନକୁ ଆଖି ଆଗରେ ରଖି ଅବକାରୀ ବିଭାଗ ମଦ ମାଫିଆ, ବେଆଇନ ବ୍ରାଉନସୁଗାର ବେପାରୀ ଓ ଗଞ୍ଜେଇ ମାଫିଆଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନକୁ ଜୋରଦାର କରିଛି। ୨୦୨୪ ଏପ୍ରିଲ ମାସରେ ମଦ, ଗଞ୍ଜେଇ ଓ ବ୍ରାଉନସୁଗାର ଜବତ ପରିମାଣ ଯଥେଷ୍ଟ ବୃଦ୍ଧି ପାଇଛି। ୨୦୨୪ ଏପ୍ରିଲ-୨୦୨୪ ମାସରେ ୨,୯୧,୬୪୧ ଲିଟର ଦେଶୀ ମଦ, ୨୫୪ ଲିଟର ନକଲି ବିଦେଶୀ ମଦ, ୧୬୯ ଲିଟର ଟିକସ ଫାଙ୍କି ବିଦେଶୀ ମଦ, ୨୧୬୮ ଲିଟର ଭାରତ ତିଆରି ବିଦେଶୀ ମଦ, ୧୨୧୩୭ ଲିଟର ମଦ, ୧୧୨୩ ଲିଟର ବିୟର, ୨୦୩୧ କେଜି ଭାଙ୍ଗ, ୩୭୨୪ ଲିଟର ଦେଶୀ ମଦ, ୧,୬୨,୭୪୫ କେଜି ମହୁଲ ଫୁଲ ସହିତ ୪୬୪ ଟି ଗାଡି ଜବତ ହୋଇଛି । ଏହି ଘଟଣାରେ ୬୬୧୯ ଟି ମାମଲା ରୁଜୁ ହୋଇଥିବାବେଳେ ୫୨୩୨ ଜଣ ମଦ ମାଫିଆଙ୍କୁ ଗିରଫ କରି ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏହି ଘଟଣାରେ ୧୪୧ଟି ମାମଲା ରୁଜୁ ହୋଇଥିବା ବେଳେ ୧୬୭ ଜଣ ଗଞ୍ଜେଇ ମାଫିଆ, ବ୍ରାଉନସୁଗାର ମାଫିଆଙ୍କୁ ଜେଲ୍ ହାଜତକୁ ପଠାଇ ଦିଆଯାଇଛି । ୩୪୦୦ କେଜି ଗଞ୍ଜେଇ, ୮୫ ଲିଟର କଫ ସିରପ ଓ ୨୮୫୨ ଗ୍ରାମ ହେରୋଇନ୍ ଜବତ କରାଯାଇଛି। ଜବତ ମଦ, ଗଞ୍ଜେଇ ଓ ବ୍ରାଉନସୁଗାର ଇତ୍ୟାଦିର ମୋଟ ମୂଲ୍ୟ ୩୨ କୋଟି ୩ଲକ୍ଷ ଟଙ୍କା ହେବ। ବ୍ରହ୍ମପୁର ସ୍ପେଶାଲ ସ୍କ୍ୱାଡ୍ ଦ୍ୱାରା ୩୧୦ କେଜି ଗଞ୍ଜେଇ ଓ ଗୋଟିଏ ମହିନ୍ଦ୍ରା ପିକ୍ ଅପ୍ ଭ୍ୟାନ୍ ଜବତ ହୋଇଥିବାବେଳେ, ମାଲକାନଗିରି ଅବକାରୀ କର୍ମଚାରୀଙ୍କ ଦ୍ୱାରା ଗୋଟିଏ ମହିନ୍ଦ୍ରା ବୋଲେରୋ ସହ ୧୦୮ କେଜି ଗଞ୍ଜେଇ ଏବଂ ଅନୁଗୁଳ ଅବକାରୀ ଜିଲ୍ଲାରେ ୫୦ କେଜି ଗଞ୍ଜେଇ ସହିତ ମହିନ୍ଦ୍ରା କାର ଏବଂ ନଗଦ ୧୧ ହଜାର ଟଙ୍କା ଜବତ କରାଯାଇଛି । ବିଭିନ୍ନ ଜିଲ୍ଲାରେ ରେକର୍ଡ ପରିମାଣର ୧୬୨୭୪୫ କେଜି ମହୁଲ ଫୁଲ ଜବତ କରାଯାଇଛି, ଯାହା ବେଆଇନ ମଦ କାରବାରକୁ ବହୁ ମାତ୍ରାରେ ରୋକିବାରେ ସହାୟକ ହୋଇଛି। ଆଗାମୀ ଦିନରେ ଏହି ଚଢାଉକୁ ଆହୁରି ଜୋରଦାର କରାଯିବ ।

# ବିଦ୍ୟାଳୟରେ ନାମଲେଖା ବନ୍ଦ: ତାତିଲେ ଅଭିଭାବକ

ଯୋଡ଼ା, ୦୯/୫ (ନି.ପ୍ର): ଟାଟାଷ୍ଟିଲ ଦ୍ୱାରା ପରିଚାଳିତ ପଶ୍ଚିମଯୋଡ଼ା ପ୍ରାଥମିକ ବିଦ୍ୟାଳୟରେ ଛାତ୍ରୀଛାତ୍ରୀଙ୍କ ନୂତନ ନାମଲେଖାକୁ ବାତିଲ କରାଯାଇଛି। ଏହାକୁ ବିରୋଧ କରି ଅଭିଭାବକମାନେ ପଶ୍ଚିମ ଯୋଡ଼ାସ୍ଥିତ ଟାଟା କମ୍ପାନିର କାର୍ଯ୍ୟାଳୟକୁ ଘେରାଉ କରିଛନ୍ତି। ଛାତ୍ରଛାତ୍ରୀଙ୍କ ନାମଲେଖାଇବା ପାଇଁ ସ୍ଥାନୀୟ ଅଭିଭାବକମାନେ ସ୍କୁଲକୁ ଯାଇଥିଲେ। ସ୍କୁଲ କର୍ତ୍ତୃପକ୍ଷ ନାମଲେଖାଇବା ପାଇଁ ମନା କରିଦେଇଥିଲେ। ଅଭିଭାବକ ସୀତାରାମ ପୃଷ୍ଟି, ଆକାଶ ପ୍ରଧାନ, ସନିଆ ନାଏକ, ବୁଧୁରାମ ମହାରଣା, ରଞ୍ଜିତ ବୁକୁର, ଜଗଦୀଶ ପାତ୍ର ପ୍ରମୁଖ କାରଣ ପଚାରିବାରୁ, ନୂତନ ଛାତ୍ରଛାତ୍ରୀଙ୍କ ନାମଲେଖାଇବା ପାଇଁ କମ୍ପାନିର ଉଚ୍ଚ କର୍ତ୍ତୃପକ୍ଷ ବାରଣ କରିଥିବା କହିଥିଲେ। ଏ ସମ୍ପର୍କରେ ଜାଣିବା ପରେ ଅଭିଭାବକମାନେ ଆଜି ପୂର୍ବାହ୍ନରେ ପଶ୍ଚିମଯୋଡ଼ାସ୍ଥିତ ଟାଟା କମ୍ପାନିର କାର୍ଯ୍ୟାଳୟକୁ ଯାଇଥିଲେ। ଆସନ୍ତା ୧୬ତାରିଖରୁ ନୂତନ ନାମଲେଖାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଥିବା ଅଧିକାରୀମାନେ କହିଥିଲେ। ପରେ ଅଭିଭାବକମାନେ ଟାଟାଷ୍ଟିଲ ଫାଉଣ୍ଡେସନର ଅଧିକାରୀ ରବୀନ୍ଦ୍ର କୁମାରଙ୍କୁ ଭେଟିଥିଲେ। ଉପରୁ ନିର୍ଦ୍ଦେଶ ଥିବାରୁ ନାମଲେଖା ବନ୍ଦ କରାଯାଇଛି। ୧୦ ତାରିଖରେ ହେବାକୁ ଥିବା ବୈଠକରେ ଏ ସମ୍ପର୍କରେ ନିଷ୍ପତ୍ତି ନିଆଯିବ ବୋଲି ସେ କହିଥିଲେ। ଏଥିରେ ଉତ୍ତ୍ୟକ୍ତ ହୋଇ ଅଭିଭାବକମାନେ କାର୍ଯ୍ୟାଳୟ ଘେରାଉ କରିଥିଲେ। ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ନେଇ କମ୍ପାନି କର୍ତ୍ତୃପକ୍ଷ ଖେଳୁଛନ୍ତି। ସମସ୍ୟାର ସମାଧାନ ନ ବାହାରିଲେ ୧୪ଟି ୱାର୍ଡର ଅଭିଭାବକମାନେ ଧାରଣାରେ ବସିବେ ବୋଲି ପୂର୍ବତନ କାଉନସିଲର ଶୈଳେନ୍ଦ୍ର ଜୋର ଚେତାବନୀ ଦେଇଛନ୍ତି। ଏନେଇ ଟାଟାଷ୍ଟିଲର କର୍ପୋରେଟ କମ୍ୟୁନିକେସନ ଅଧିକାରୀ ଶୁଭଙ୍କର ବେହେରାଙ୍କୁ ପଚାରିବାରୁ, ପାଠପଢ଼ାରେ ଉନ୍ନତି ଆଣିବାପାଇଁ କମ୍ପାନି ଚିନ୍ତା କରୁ ଥାଇପାରେ। ଟିଏସ୍ଏଫ୍ ଅଧିକାରୀ ରବୀନ୍ଦ୍ର କୁମାର ଏନେଇ ଅଧିକ ସୂଚନା ଦେଇପାରିବେ ବୋଲି ସେ କହିଛନ୍ତି। ଟିଏସ୍ଏଫ୍ ଅଧିକାରୀ ରବୀନ୍ଦ୍ର କୁମାରଙ୍କୁ ଯୋଗାଯୋଗ କରିବାରୁ ସେ ଏକ ବୈଠକରେ ଅଛନ୍ତି। କଥାବାର୍ତ୍ତା ହୋଇପାରିବେ ନାହିଁ ବୋଲି କହିଥିଲେ। ଏ ସମ୍ପର୍କରେ ଶିକ୍ଷାବିତ୍ ସୋମନାଥ ମହାନ୍ତି କହିଛନ୍ତି, ୧୯୪୮ରେ ଏହି ବିଦ୍ୟାଳୟ ପ୍ରତିଷ୍ଠା ହୋଇଥିଲା। ଆଖପାଖ ଅଞ୍ଚଳର ବହୁ ଛାତ୍ରୀଛାତ୍ର ଏଠାରେ ପାଠ ପଢୁଥିଲେ। ଏହି ପୁରାତନ ବିଦ୍ୟାଳୟରେ ନାମଲେଖା ବନ୍ଦ କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ସେ କହିଛନ୍ତି।

# ଆନ୍ଧ୍ରର ନିର୍ବାଚନୀ ପେଞ୍ଚ: ସୁଙ୍କିରେ ସ୍ୱାସ୍ଥ୍ୟ ବିଭାଗ ଟିମ୍ ଅଟକ

ପଟାଙ୍ଗି, ୦୯/୫ (ନି.ପ୍ର): ଭୋଟ ପୂର୍ବରୁ ଭୋଟରଙ୍କୁ ପ୍ରଭାବିତ କରିବାକୁ ଆରମ୍ଭ ହେଲା ଆନ୍ଧ୍ରର ପେଞ୍ଚ। ଲୁଚିଛପି ଓଡ଼ିଶାରେ ପଶିଲେ ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ। କିନ୍ତୁ ଧରାପଡ଼ିବା ପରେ ହଟହଟା ହୋଇଛନ୍ତି। ଓଡ଼ିଶାର କଡ଼ା ତାଗିଦ୍ ଶୁଣିବା ପରେ ଚୁପ୍‌ଚାପ୍ ନିଜ ରାଜ୍ୟକୁ ଫେରିଛନ୍ତି। ସ୍ୱାସ୍ଥ୍ୟ ଶିବିର ଆଳରେ କୋରାପୁଟ ଜିଲ୍ଲା ପଟାଙ୍ଗି ବ୍ଲକର ସୀମାନ୍ତ ସୁଙ୍କି ପଞ୍ଚାୟତରେ ଆଜି ଆନ୍ଧ୍ର ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ ଅନୁପ୍ରବେଶ କରିଥିଲେ। ଲାଉଡି ଗ୍ରାମରେ ମାଗଣା ସ୍ୱାସ୍ଥ୍ୟ ଶିବିର ଆୟୋଜନ କରି ଗ୍ରାମବାସୀଙ୍କୁ ଏକାଠି କରାଯାଇଥିଲା। ଓଡ଼ିଶା ସରକାରଙ୍କ ଦ୍ୱାରା ନିର୍ମିତ ସାଂସ୍କୃତିକ କେନ୍ଦ୍ରକୁ ଆନ୍ଧ୍ରର ସରକାରୀ କାର୍ଯ୍ୟକ୍ରମ ପାଇଁ ବ୍ୟବହାର କରିଥିଲେ। ଏହି ଖବର ମିଳିବାରୁ ସୁଙ୍କି ପୁଲିସ ଓ ପଟାଙ୍ଗି ବ୍ଲକ ପ୍ରଶାସନ ପହଞ୍ଚିଥିଲେ। ଲୋକଙ୍କୁ ମାଗଣାରେ ଔଷଧ ବିତରଣ କରି ପ୍ରଭାବିତ କରୁଥିବା ଦେଖି ତୁରନ୍ତ ସ୍ୱାସ୍ଥ୍ୟ ଶିବିରକୁ ବନ୍ଦ କରିଥିଲେ। ଶିବିରକୁ ଆସିଥିବା ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ ଏବଂ ଆମ୍ବୁଲାନ୍ସକୁ ଅଟକ ରଖାଯାଇଥିଲା। ପଚରାଉଚୁରା ପରେ ସମସ୍ତଙ୍କୁ ତାଗିଦ୍ କରି ଛଡ଼ାଯାଇଥିଲା ବୋଲି ସୂଚନା ମିଳିଛି। ତେବେ ଏଭଳି ଅନୁପ୍ରବେଶ ପଛର ମନ୍ଦ ଉଦ୍ଦେଶ୍ୟ କାହାକୁ ଅଛପା ନୁହେଁ। କୋଟିଆ ଭୋଟରଙ୍କୁ ଆନ୍ଧ୍ର ପାଇଁ ଭୋଟ ଦେବାକୁ ପୂର୍ବରୁ ବି ଅନୁରୂପ ଉଦ୍ୟମ ବାରମ୍ବାର ଆନ୍ଧ୍ର କରିସାରିଛି। ଛକାପଞ୍ଝା ବଢ଼ିବା ପରେ ବର୍ତ୍ତମାନ ଓଡ଼ିଶା ପ୍ରଶାସନ କୋଟିଆ ଜଗିଛି। ଯାହାର ସିଧାସଳଖ ପ୍ରଭାବ ଏଥର ଆନ୍ଧ୍ରର ମତଦାନ ହାର ଉପରେ ପଡ଼ିବା ନିଶ୍ଚିତ। ଏମିତି ସ୍ଥିତିରେ ଓଡ଼ିଶାର ଅନ୍ୟ ସୀମାନ୍ତ ଗାଁର ଭୋଟରଙ୍କ ଉପରେ ଆନ୍ଧ୍ର ନଜର ପକାଇଛି। ଆଜିର ସ୍ୱାସ୍ଥ୍ୟ ଶିବିର ଭୋଟ ରାଜନୀତିର ଗୋଟିଏ ଅଂଶବିଶେଷ। କେବଳ ଆନ୍ଧ୍ର ସରକାର ହିଁ ଓଡ଼ିଶାର ସୀମାନ୍ତ ଗ୍ରାମବାସୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ବୋଲି ଦର୍ଶାଇ ସମବେଦନା ଗୋଟାଇବାକୁ ଏହା ଗୋଟିଏ ସୁଚିନ୍ତିତ ଚାଲ୍ ଥିଲା। ଯଦିଓ ଆଜି ଧରାପଡ଼ିବା ପରେ ଚୁପ୍‌ଚାପ୍ ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ ଚାଲି ଯାଇଛନ୍ତି। କିନ୍ତୁ ନିର୍ବାଚନ ପୂର୍ବରୁ ପୁଣି ଆନ୍ଧ୍ର ସରକାରୀ କର୍ମଚାରୀ ଅନୁପ୍ରବେଶ କରିବାର ଯଥେଷ୍ଟ ସମ୍ଭାବନା ରହିଛି।

# କଳିଙ୍ଗନଗର ଶିଳ୍ପାଞ୍ଚଳରେ ଟ୍ରାଫିକ୍ ସମସ୍ୟା ଅଣାୟତ୍ତ:ସ୍ୱତନ୍ତ୍ର ଶିଳ୍ପ କରିଡର ନିର୍ମାଣ ଦାବି, ଦାନଗଦୀରେ ଅଟକିଛି ଛ'ଥାକିଆ ରାସ୍ତା ନିର୍ମାଣ

ଦାନଗଦୀ, ୦୯/୫ (ନି.ପ୍ର): ଇସ୍ପାତ ରାଜଧାନୀ କଳିଙ୍ଗନଗରରେ ଟ୍ରାଫିକ୍ ସମସ୍ୟା ଅଣାୟତ୍ତ ହୋଇଛି। ବିଶେଷକରି ଦାନଗଦୀରୁ ଡୁବୁରି ପର୍ଯ୍ୟନ୍ତ ରାସ୍ତା ସଂପ୍ରସାରଣ ହେଉନଥିବାରୁ ଏହା ପ୍ରବଳ ଜାମ୍ ରହୁଛି। ସକାଳ ଓ ସନ୍ଧ୍ୟା ସମୟରେ ଅଧିକ ଜାମ୍ ରହୁଛି। ହଜାରହଜାର ଶ୍ରମିକ ଓ କର୍ମଚାରୀ ଏଠାରେ କାର୍ଯ୍ୟ କରୁଥିବାବେଳେ ସେମାନଙ୍କୁ ନେବାଆଣିବ ନିମନ୍ତେ ଶତାଧିକ ବସ୍ ଚାଲୁଛି। ସେହିପରି ବହୁ କର୍ମଚାରୀ କାର ଓ ବାଇକ୍ ଯୋଗେ ଯିବାଆସିବା କରୁଛନ୍ତି। ଫଳସ୍ୱରୂପ ଦୈନିକ ସକାଳ ସମୟରେ ଦାନଗଦୀଠାରୁ ଡୁବୁରି ପର୍ଯ୍ୟନ୍ତ ବସ, କାର୍ ଓ ବାଇକ୍‌ରେ ଏହି ରାସ୍ତା ସଂପୂର୍ଣ୍ଣ ଭିଡ଼ ରହୁଛି। ଏହାଦ୍ୱାରା ସ୍ୱାଭାବିକ ଭାବେ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେଉଛି।



ଏହି ସମସ୍ୟାକୁ ଦ୍ୱିଗୁଣିତ କରଛି ମାନପୁର ସଂକୀର୍ଣ୍ଣ ରେଳ ଓଭରବ୍ରିଜ୍। ତାହା ପୁଣି ଖଣ୍ଡିଆଖାବରା ହୋଇ ରହିଛି। ଦ୍ୱିତୀୟ ଓଭରବ୍ରିଜ୍ ନିର୍ମାଣ କାର୍ଯ୍ୟ ଧୀରମନ୍ଥର ଗତିରେ ଚାଲିଛି। ଫଳରେ ଏକମାତ୍ର ଓଭରବ୍ରିଜ ଉପରେ ଘଣ୍ଟାକୁ ହଜାର ଉପରେ ଗାଡ଼ି ଚଳାଚଳ କରୁଛି। ଘଣ୍ଟାଘଣ୍ଟା ଧରି ବ୍ରିଜ୍ ଉପରେ ଗାଡ଼ିଗୁଡ଼ିକ ଧାଡ଼ି ଲାଗୁଛି। ଏଠାରେ ଯାତ୍ରୀଙ୍କ ଜୀବନ ପ୍ରତି ମଧ ବିପଦ ରହୁଛି। ଦାନଗଦୀଠାରୁ ଡୁବୁରି, ମିଲିଟାରି ଛକଠାରୁ ବାଘବାହାଳି ବଙ୍ଗଳା, ବି.ଆର.ପି.ଏଲ୍. ଛକଠାରୁ ଗୋପବନ୍ଧୁ ମାର୍ଗ ଓ ଡୁବୁରିଠାରୁ ବ୍ରହ୍ମଣୀ ସେତୁ ପର୍ଯ୍ୟନ୍ତ ଟ୍ରାଫିକ୍ ସମସ୍ୟା ରହିଛି। ସେହିପରି ରାସ୍ତା ଉପରେ ଅଧିକାଂଶ ସମୟରେ ଭାରୀଯାନ ରହୁଥିବା ବେଳେ ସାଧାରଣ ଲୋକେ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସକାଳ ସମୟରେ ଦାନଗଦୀଠାରେ ଟ୍ରାଫିକ ସମସ୍ୟା ଏତେ ଅଧିକ ରହୁଛି ଯେ ଡାକ୍ତରଖାନାକୁ ରୋଗୀମାନେ ଯାଇପାରୁନାହାନ୍ତି। ଲୋକମାନେ ସାଇକଲ କି ଚାଲିଚାଲି ଯିବାକୁ ମଧ ସୁରକ୍ଷିତ ମଣୁ ନାହାନ୍ତି। ଅନ୍ୟପଟେ ଡୁବୁରି-ଚଣ୍ଡିଖୋଲ ରାଜପଥ ନିର୍ମାଣ କାର୍ଯ୍ୟ ମନ୍ଥର ଗତିରେ ଚାଲିଛି।

କଳିଙ୍ଗନଗରରେ ଥିବା ମାନପୁର ରେଲ ସାଇଡ୍‌ରୁ ଦୈନିକ ଶହଶହରେ ହାଇୱା ଖଣିଜ ପରିବହନ କରି ଯାଉଥିବାରୁ ଅଧିକାଂଶ ସମୟରେ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେଉଛି। ଦାନଗଦୀ ବଜାରରେ ଥିବା ଅଧିକାଂଶ ଲୋକ କ୍ଷତିପୂରଣ ପାଇ ନ ଥିବାରୁ ଏଠାରେ ଏଯାଏ ଉଚ୍ଛେଦ ହୋଇପାରି ନାହିଁ। ଏଥିଯୋଗୁଁ ଛଅ ଥାକିଆ ରାସ୍ତା ନିର୍ମାଣ ଅଧାରେ ଅଟକିଛି। ଅଧିକାଂଶ ଉଠା ଦୋକାନୀ ରାସ୍ତା ଉପରେ ବସୁଥିବାରୁ ସମସ୍ୟା ଆହୁରି ଗୁରୁତର ହେଉଛି। ଶିଳ୍ପାଞ୍ଚଳ ପାଇଁ ସ୍ୱତନ୍ତ୍ର ଶିଳ୍ପ କରିଡର ନିର୍ମାଣ କରିବା ଜରୁରି ହୋଇପଡ଼ିଛି। ଭବିଷ୍ୟତକୁ ଆଖି ଆଗରେ ରଖି କେନ୍ଦୁଝର ଜିଲ୍ଲାର ଯୋଡ଼ା ପରି ଏଠାରେ ମଧ ଭାରୀଯାନ ଚଳାଚଳ ପାଇଁ ଫ୍ଲାଏଓଭର ନିର୍ମାଣ କରିବାର ଆବଶ୍ୟକତା ରହିଛି ବୋଲି ସ୍ଥାନୀୟ ବୁଦ୍ଧିଜୀବୀମାନେ ମତ ଦେଇଛନ୍ତି।

# ରୁପା ଛାଉଣି ହେବ ଶ୍ରୀମନ୍ଦିରର ଆଉ ୩ ଦ୍ୱାର: ବର୍ମା ଶାଗୁଆନରେ ନିର୍ମିତ ହେବ

ପୁରୀ, ୦୯/୫ (ନି.ପ୍ର): ରୁପା ଛାଉଣି ହେବ ଶ୍ରୀମନ୍ଦିରର ହସ୍ତୀ(ପଶ୍ଚିମ), ବ୍ୟାଘ୍ର(ଉତ୍ତର) ଓ ଅଶ୍ୱ(ଦକ୍ଷିଣ) ଦ୍ୱାର। ସିଂହଦ୍ୱାର ଭଳି ତିନି ଦ୍ୱାରରେ କାରୁକାର୍ଯ୍ୟପୂର୍ଣ୍ଣ ରୁପା ଲାଗିବ। ରଥଯାତ୍ରା ପୂର୍ବରୁ ରୁପାରେ ଝଲସିବ ତିନି ଦ୍ୱାର। ନୂଆ ବର୍ମା ଶାଗୁଆନ କାଠରେ ଏହି ଦ୍ୱାର ନିର୍ମାଣ କରାଯିବ। ରିଲାଏନ୍ସ ଏ ବାବଦ କାଠ ଓ ରୁପା ଦାନରେ ଦେବ। ଏଥିପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ମିଳିଥିବା ସୂଚନା ମୁତାବକ, ସିଂହଦ୍ୱାରରେ ପ୍ରାୟ ୫ଶହ କେଜି ରୁପା ଲାଗିଥିଲା। ସେହିଭଳି ଉତ୍ତର, ଦକ୍ଷିଣ ଓ ପଶ୍ଚିମ ଦ୍ୱାରରେ ୫ଶହ କେଜି



ଲେଖାଏଁ, ପ୍ରାୟ ୧୫ ଶହ କେଜି ରୁପା ଲାଗିବ। ରିଲାଏନ୍ସ କମ୍ପାନି ଏହି କାଠ ଓ ରୁପା ଦାନସୂତ୍ରରେ ଦେବ। କଂପାନି ତରଫରୁ ସ୍ୱତନ୍ତ୍ର କାରିଗର ବି ଆସି ଏହି ନିର୍ମାଣ କାର୍ଯ୍ୟ କରିବେ। କେବଳ ରୁପା ଉପରେ କେଉଁ କାରୁକାର୍ଯ୍ୟ ରହିବ, ଶ୍ରୀମନ୍ଦିର ପରିଚାଳନା କମିଟି ନିଷ୍ପତ୍ତି ନେବ। ରଥଯାତ୍ରା ପୂର୍ବରୁ ଏହି କାମ ସରିବ। ଏ ନେଇ ଆଜି ପ୍ରାଥମିକ ବୈଠକ ଶୀଘ୍ର ବସିବ ବୋଲି ଜଣାପଡ଼ିଛି। ସୂଚନାଯୋଗ୍ୟ, ୨୦୨୨ ମସିହା ରଥଯାତ୍ରା ପୂର୍ବରୁ ଶ୍ରୀମନ୍ଦିରର ବେହେରଣ ଦ୍ୱାର, ଜୟ-ବିଜୟ ଦ୍ୱାର, ଭୋଗମଣ୍ଡପ ପଶ୍ଚିମପାର୍ଶ୍ୱ ଦ୍ୱାର, ସାତପାହାଚ ଦ୍ୱାର, ଆଦି ନୃସିଂହ ମନ୍ଦିର, ମା' ବିମଳା ମନ୍ଦିର ଓ ମହାଲକ୍ଷ୍ମୀ ମନ୍ଦିର ଦ୍ୱାର ନୂଆ ବର୍ମା ଟିକ୍?ରେ ନିର୍ମାଣ କରାଯିବା ସହ ଏଥିରେ ରୁପା ଚାଦର ଆଚ୍ଛାଦିତ ହୋଇଥିଲା। ଏ ବାବଦରେ ପ୍ରାୟ ୨୩୫୦ କେଜି ରୁପା ଲାଗିଥିଲା। ୨୦୨୩ ରଥଯାତ୍ରା ପୂର୍ବରୁ ଶ୍ରୀମନ୍ଦିର ସିଂହଦ୍ୱାର ରୁପା ଆଚ୍ଛାଦିତ କରାଯାଇଥିଲା। ଏଥିରେ ପ୍ରାୟ ୫ଶହ କେଜି ରୁପା ଲାଗିଥିଲା।

# ଆମ ଅସ୍ମିତାର କୃଷିଭିତ୍ତିକ ପର୍ବ ଅକ୍ଷୟ ତୃତୀୟା

## ପଣ୍ଡିତ ଦୈତ୍ୟାରି ମହାପାତ୍ର

ଆମ ସଂସ୍କୃତିରେ ଅକ୍ଷୟ ତୃତୀୟା ଏକ ମହାନ କୃଷିଭିତ୍ତିକ ପର୍ବ। ବୈଶାଖ ମାସ ଶୁକ୍ଲପକ୍ଷ ତୃତୀୟା ତିଥିରେ ଏହି ପର୍ବ ପାଳିତ ହୁଏ। ଏହି ପର୍ବକୁ ଘରେ ଘରେ ସମସ୍ତେ ପାଳନ କରନ୍ତି। ସାରା ଭାରତବର୍ଷରେ ଏହି ଦିନ ହେଉଛି ଏକ ମହାନ ଶୁଭଦିନ। ଅକ୍ଷୟ ଅର୍ଥାତ୍ ଯାହାର କ୍ଷୟ ନାହିଁ। ଏହିଭଳି ଦିନରେ ଜିଏ ଯେଉଁଭଳି କାର୍ଯ୍ୟକରେ ତାର ସେହିଭଳି ଅକ୍ଷୟ ହୁଏ। ଅକ୍ଷୟ ତୃତୀୟାରେ କୃଷକ ତାର ଚାଷ କାର୍ଯ୍ୟ ଆରମ୍ଭ କରେ। କୃଷିକାର୍ଯ୍ୟ ଆରମ୍ଭ କରିବା ପୂର୍ବରୁ ଋଷୀ ମାଟି ମାଆକୁ ପୂଜା କରେ। ଋଷି ମଧ ଅନୁକୂଳ ଭାବରେ ଏହି ଦିନଟିକୁ ପାଳନ କରେ। ସେଦିନ ବିରିରେ ଚକୁଳି ପିଠା ହୁଏ। ଗୌଣୀରେ ଚିତା ପଡ଼େ। ଥାଳିରେ ପିଠା, କ୍ଷୀର, କଦଳୀ, କିଛି ଧାନ, ଦୀପ ଆଦି ଧରି କୃଷକ ଜମିକୁ ଯାଏ। ଜମିରେ ଗୋଟିଏ ସ୍ଥାନ ଲିପା ପୋଛା କରି ସୁନାରେ ତିଆରି ଲଙ୍ଗଳରେ ଋଷକରି ଧାନ ବୁଣାଯାଏ। ସୁନାର ଲଙ୍ଗଳ ନମିଳିଲେ ଲୁହା ଲଙ୍ଗଳ ବ୍ୟବହାର କରାଯାଏ। ସେଠାରେ ଭୋଗ ରାଗ କରି ଦୀପ ଦେଇ ଋଷି ବିଲକୁ ଯାଆନ୍ତି। ଅକ୍ଷିମୁଠି ନେଇ ଋଷିଭାଇ ଏହି ଦିନଠାରୁ ଋଷ କାର୍ଯ୍ୟ ଆରମ୍ଭ କରେ।



ମା ଲକ୍ଷ୍ମୀଙ୍କ ଦୟାରୁ ଋଷ ଭଲ ହୁଏ। ଋଷି ଅକ୍ଷୟ ତୃତୀୟା ଦିନ ଲକ୍ଷ୍ମୀଙ୍କୁ ପୂଜା କରେ। ସୂର୍ଯ୍ୟ ଉଦୟ ହେବା ଆଗରୁ କୃଷକ ଘରର ସ୍ତ୍ରୀ ଓ ମାଆମାନେ ପିଠା କରନ୍ତି। କୃଷକ ବିହନ ଧାନକୁ ପ୍ରଥମେ ଗୌଣୀରେ ପୁରାଇ ତାପରେ ଟୋକେଇରେ ରଖି, ବିହନ ଟୋକେଇର ମୁହଁରେ ନୂଆ ଲୁଗା ବାନ୍ଧି ବିହନ ଟୋକେଇ ଓ ମିଠା ଧରି ଲଙ୍ଗଳ ଯୋଡ଼ି କ୍ଷେତକୁ ଯାଏ। ପୂର୍ବ ଆକାଶରେ ସିନ୍ଦୁରା ଫାଟି ଆସୁଥିବାବେଳେ ସେ କ୍ଷେତରେ ପହଁଚିଯାଏ। କ୍ଷେତର ଈଶାନ (ଉତ୍ତର-ପୂର୍ବ) କୋଣରେ ଭୋଗ ଦେଇ ମାଆ ଲକ୍ଷ୍ମୀଙ୍କୁ ପୂଜା କରି କ୍ଷେତକୁ ହଳ କରେ। ଏହାପରେ ବିହନ ଧାନ ବୁଣିବା ଆରମ୍ଭ କରେ। ନୂଆ ବିହନ ଧାନକୁ "ଅକ୍ଷିମୁଠି କୁହାଯାଏ" । ସେଦିନ କୃଷକ ନୂଆ ଲୁଗା ପିନ୍ଧିଥାଏ।

କ୍ଷେତ କାମ କରିବାରେ ଏହିଦିନ ହେଉଛି ଆଦ୍ୟ ଦିନ ବା ପ୍ରଥମ ଶୁଭ ଦିନ। ଆମ ଓଡ଼ିଶାର ସମସ୍ତ କୃଷକ ଏହି ଅକ୍ଷୟ ତୃତୀୟା ଦିନ ଅକ୍ଷିମୁଠି ବୁଣି କୃଷିର ଶୁଭ ଦେଇଥାଏ। ତେଣୁ ଏହି ଦିନଟି କୃଷକ ପାଇଁ ଅତ୍ୟନ୍ତ ଶୁଭଦିନ। ଜମିରୁ ଭଲ ଶଷ୍ୟ ହେବା ପାଇଁ କୃଷକ ଲକ୍ଷ୍ମୀପୂଜା କରିବା ସଙ୍ଗେସଙ୍ଗେ ମଧ୍ୟାହ୍ନରେ ବ୍ରାହ୍ମଣ ଭୋଜନ ଦେଇଥାନ୍ତି। ଅକ୍ଷୟ ତୃତୀୟା ଦିନ ମାଆମାନେ "ଷଠୀ ଦିଉଛେଇ" ଙ୍କର ପୂଜା କରନ୍ତି। ଷଠୀ ଦିଉଛେଇଙ୍କୁ ପୂଜା କଲେ ପୁଅମାନଙ୍କର ମଙ୍ଗଳ ହେବା ସହିତ ପରିବାରର ସର୍ବବିଧି ଶିଦ୍ଧି ହୋଇଥାଏ। ଏହି ପୂଜାର ଅନ୍ୟନାମ ହେଉଛି 'ଷଠି ଓଷା'।

ଅକ୍ଷୟ ତୃତୀୟା ଦିନଠାରୁ ୨୧ ଦିନ ପର୍ଯ୍ୟନ୍ତ ଶ୍ରୀଜଗନ୍ନାଥଙ୍କ ଚନ୍ଦନ ଯାତ ଶ୍ରୀକ୍ଷେତ୍ର ପୁରୀରେ ଆରମ୍ଭ ହୁଏ। ଜଗନ୍ନାଥଙ୍କ ଚନ୍ଦନ ପ୍ରତିମା ମା' ଲକ୍ଷ୍ମୀଠାକୁରାଣୀ ଓ ବିଦ୍ୟାଦେବୀ ସରସ୍ୱତୀଙ୍କ ସହିତ ଚନ୍ଦନ ପୋଖରୀକୁ ଯାଆନ୍ତି। ଠାକୁରଙ୍କର ଚନ୍ଦନ ଲାଗିହୁଏ। ରାମକୃଷ୍ଣ ଏବଂ ଅନ୍ୟ ପଞ୍ଚ ଶିବ ଠାକୁରଙ୍କୁ ଏହି ଦିନ ସନ୍ଧ୍ୟାରେ ଚନ୍ଦନ କୁଣ୍ଡରେ ରଖାଯାଏ। ଏହାପରେ ସେମାନଙ୍କୁ ପାଲିଙ୍କିରେ ବସାଇ ନାନା ପଟୁଆରରେ ଚନ୍ଦନ ପୋଖରୀକୁ ଅଣାଯାଏ। ଚନ୍ଦନ ପୋଖରୀରେ ଦୁଇଟି ବଡ଼ ବଡ଼ ନଉକାରେ ବସାଏଇ ଠାକୁରଙ୍କୁ ନଉକା ବିହାର ଓ ଜଳକ୍ରୀଡ଼ା କରାଯାଏ। ଠାକୁରମାନେ ଯେଉଁ ନଉକା ଦୁଇଟିରେ ବିଜେ ହୁଅନ୍ତି ସେ ଦୁଇଟିର ନାମ "ବୈରାଟିକା ଓ ସୁନନ୍ଦା।"

ଅକ୍ଷୟ ତୃତୀୟା ଦିନ ରଥ ତିଆରିର ଶୁଭ ଦିଆଯାଏ। ରଥ ପର୍ବ ହେଉଛି ଭାରତର ସବୁଠାରୁ ବଡ଼ ପର୍ବ। ତାହା ପୁଣି ଆମ ଓଡ଼ିଶାରେ ପାଳିତ ହୁଏ। ପ୍ରତ୍ୟେକ ବର୍ଷ ଅକ୍ଷୟ ତୃତୀୟା ଦିନ ଠାକୁରମାନଙ୍କ ଚନ୍ଦନ ଲାଗି ପରେ ବଢ଼େଇଙ୍କୁ ଆଜ୍ଞାମାଳ ଦିଆଯାଏ। ଠାକୁରଙ୍କ ଫୁଲମାଳ ପାଇବା ଅର୍ଥ ରଥ ତିଆରିପାଇଁ ଅନୁମତି ପାଇବା। ଏହିଦିନ ଠାକୁରଙ୍କ ରଥ ତିଆରିର ମଧ ଶୁଭାରମ୍ଭ ହୋଇଥାଏ। ପୁରାଣ ଶାସ୍ତ୍ର ଅନୁସାରେ ସତ୍ୟଯୁଗ ଏହି ଅକ୍ଷୟ ତୃତୀୟା ଦିନ ଆରମ୍ଭ ହୋଇଥିଲା। ଯେଉଁ ଯୁଗରେ ନାରାୟଣ ନୃସିଂହ ରୂପ ଧାରଣ କରି ହିରଣ୍ୟକଶ୍ୟପୁକୁ ବଦ୍ଧ କରିଥିଲେ।

ନାରଦ ପୁରାଣ ଅନୁସାରେ ଅକ୍ଷୟ ତୃତୀୟାରେ ପୃଥିବୀ ପୃଷ୍ଠକୁ ଗଙ୍ଗାମାତାଙ୍କ ଅବତରଣ ହୋଇଥିଲା। ସୂର୍ଯ୍ୟ ବଂଶର ରାଜା ଭଗୀରଥ ଗଙ୍ଗାଙ୍କୁ ସ୍ୱର୍ଗରୁ ମର୍ତ୍ତ୍ୟକୁ ଆଣିଥିଲେ। ଭଗବାନ ଶିବ ପୂଣ୍ୟତୋୟା ଗଙ୍ଗାଙ୍କୁ ଜଟାରେ ଧାରଣ କରିଥିଲେ। ଜଟାରୁ ଗଙ୍ଗାଙ୍କୁ ସଭକ୍ତି ପୂର୍ବକ ସ୍ୱର୍ଗରୁ ଅଣାଯାଇଥିଲା। ଗଙ୍ଗା ସ୍ୱର୍ଗରୁ ଆସି ନଦୀ ରୂପେ ବହିଯାଇଥିଲେ। ଗଙ୍ଗା ନଦୀର ପବିତ୍ର ଜଳରେ ଧୋଇହୋଇ ଭଗୀରଥରଙ୍କ ପୂର୍ବ ପୁରୁଷମାନେ ମୋକ୍ଷପ୍ରାପ୍ତି ହୋଇଥିଲେ। ଏହା ତ୍ରେତୟା ଯୁଗର କଥା। ଯେଉଁ ଯୁଗରେ ଯୁଗ ପୁରୁଷୋତ୍ତମ ପ୍ରଭୁ ଶ୍ରୀ ରାମଚନ୍ଦ୍ର ମହିମଣ୍ଡଳରେ ଜନ୍ମଲାଭ କରି ରାକ୍ଷସ ରାଜା ରାବଣଙ୍କୁ ନିଧନ କରିଥିଲେ। ଏହି ଭଳି ଦିନରେ ଗଙ୍ଗାଦେବୀଙ୍କ ନାମ ଜପ କରି ଗଙ୍ଗାନଦୀରେ ସ୍ନାନ କଲେ ସମସ୍ତ ପ୍ରକାର ପାପ ଦୂର ହୁଏବୋଲି ବିଶ୍ୱାସ କରାଯାଏ।

ଅକ୍ଷୟ ତୃତୀୟା ଦିନ ଭଗବାନ ବିଷ୍ଣୁଙ୍କ ଷଷ୍ଠ ଅବତାର ପର୍ଶୁରାମଙ୍କ ଧରାବତରଣ ଦିବସ। ଭଗବାନ ପର୍ଶୁରାମ ପୃଥିବୀପୃଷ୍ଠରୁ ଅତ୍ୟାଚାରୀ କ୍ଷତ୍ରୀୟମାନଙ୍କୁ ଧ୍ୱଂସ କରି ନିରିହ ସାଧାରଣ ଲୋକମାନଙ୍କୁ ନିର୍ଯ୍ୟାତନାରୁ ମୁକ୍ତ କରିଥିଲେ। ଦଶାବତାର ସ୍ତୋତ୍ରରେ ଭଗବାନ ପର୍ଶୁରାମଙ୍କ ମହିମା ଗାନ କରି ଭକ୍ତ ଜୟଦେବ ଗୋସ୍ୱାମୀ ଲେଖିଛନ୍ତି, 'କ୍ଷତ୍ରିୟ-ରୁଧିରମୟେ ଜଗଦପଗତପାପମ୍, ସ୍ନପୟସି ପୟସି ସମିତ-ଭବ-ତାପମ୍, କେଶବ ଧୃତ 'ଭୃଗୁପତି' ରୂପ ଜୟ ଜଗଦୀଶ ହରେ।' ଅକ୍ଷୟ ତୃତୀୟା ଦିନ ଭଗବାନଙ୍କର ଅନ୍ୟଏକ ରୂପ ବ୍ୟାସଦେବ ମହାନଗ୍ରନ୍ଥ ମହାଭାରତ ଲେଖିବା ଆରମ୍ଭ କରିଥିଲେ। ମହାଭାରତକୁ ପଞ୍ଚମ ବେଦର ମାନ୍ୟତା ଦିଆଯାଇଛି। ଏହି ମହାଭାରତରେ ସମଗ୍ର ବିଶ୍ୱକୁ ପବିତ୍ର ପାବନୀ ସଦୃଶ ମୋକ୍ଷପ୍ରାପ୍ତି କରୁଥିବା ଶ୍ରୀମଦ୍ ଭଗବଦ୍ ଗୀତା ସର୍ବଜନାଦୃତ। ଏହାକୁ ଏକାନ୍ତ ନିଷ୍ଠାର ସହିତ ଅକ୍ଷୟ ତୃତୀୟା ଦିନ ପାଠକଲେ ଜନ୍ମ ଜନ୍ମାନ୍ତର ପାପରୁ ମୁକ୍ତି ମିଳିଥାଏ। ଆମ ସଂସ୍କୃତିରେ ଅକ୍ଷୟ ତୃତୀୟାକୁ ପୂଣ୍ୟ ପାପ୍ତିର ଦିବସ ବୋଲି ବିଶ୍ୱାସ କରାଯାଏ। ପୂର୍ବ ପୁରୁଷଙ୍କ ଲାଗି ଏହିଦିନ ଶ୍ରାଦ୍ଧ ଦେଇ ଦିବଂଗତ ଆତ୍ମାମାନଙ୍କୁ ସୂକ୍ଷ୍ମ ସ୍ତରରେ ଭୋଗୁଥିବା ଯନ୍ତ୍ରଣାରୁ ମୁକ୍ତ କରାଯାଇଥାଏ।

ଦାନ, ଧାନ, ଜପ, ତପ, ତପସ୍ୟା ଏବଂ ମୋକ୍ଷ ପ୍ରାପ୍ତିର ପବିତ୍ର ଦିବସ ହେଉଛି ଅକ୍ଷୟ ତୃତୀୟା। ଏହି ଦିନ ଭୋକିଲା ଲୋକମାନଙ୍କୁ, ଗରିବଙ୍କୁ ଏବଂ ବ୍ରାହ୍ମଣ ଦେବତାଙ୍କୁ ଘରକୁ ଡାକି ଭୋଜନ ପୂର୍ବକ ବସ୍ତ୍ର ଦାନ କଲେ ମହାପୂଣ୍ୟ ମିଳିଥାଏ। ପୁରାଣରେ ବର୍ଣ୍ଣିତ ଅଛି ପାଣ୍ଡବ ମାନଙ୍କ ବନବାସ ସମୟରେ ସୂର୍ଯ୍ୟ ଦେବତା ସେମାନଙ୍କୁ ଏକ ଅକ୍ଷୟ ପାତ୍ର ପ୍ରଦାନ କରିଥିଲେ। ଏହି ଅକ୍ଷୟ ପାତ୍ର ବ୍ୟବହାର କରି ପାଣ୍ଡବ ଏବଂ ଦ୍ରୌପଦୀ ସେମାନଙ୍କର ଆଗନ୍ତୁକ ଅଥିତୀମାନଙ୍କୁ ଖାଦ୍ୟ ପ୍ରଦାନ ପୂର୍ବକ ସନ୍ତୁଷ୍ଟ କରିଥିଲେ।

ଭକ୍ତ ସୁଦାମା ଯେଉଁଦିନ ତାଙ୍କ ପ୍ରୀୟ ସାଖା କୃଷ୍ଣଙ୍କୁ ଭେଟିବାପାଇଁ ଯାଇଥିଲେ ସେଦିନ ଥିଲା ଅକ୍ଷୟ ତୃତୀୟା। କୃଷ୍ଣଙ୍କୁ ଭେଟିବା ପାଇଁ ସୁଦାମାଙ୍କ ପାଖରେ କେବଳ ଖୁଦଭଜା ଥିଲା। ଯାହାକୁ ସେ ତାଙ୍କୁ ଅର୍ପଣ କରିଥିଲେ। ସୁଦାମାଙ୍କ ଶାନ୍ତ, ଶରଳ, ସମର୍ପଣ ଓ ଭକ୍ତିଭାବ ଯୋଗୁଁ ଭଗବାନ କୃଷ୍ଣ ତାଙ୍କ ଝୁପୁଡ଼ି ଘରକୁ ଏକ ମହଲରେ ରୁପାନ୍ତରିତ କରିଥିଲେ। ସୁଦାମାଙ୍କୁ ଅକ୍ଷୟ ନିଧି ପ୍ରାପ୍ତି ହେଲାବୋଲି ଏହି ଦିନ ଭଗବାନ କୃଷ୍ଣଙ୍କର ନାମ ସଂକୀର୍ତ୍ତନ କଲେ ଧନଧାନ୍ୟ ଗୋପଲକ୍ଷ୍ମୀ ପ୍ରାପ୍ତି ହୋଇଥାଏବୋଲି ବିଶ୍ୱାସ କରାଯାଏ।

ଭବିଷ୍ୟ ପୁରାଣ ବର୍ଣ୍ଣନା ଅନୁଯାୟୀ ଅକ୍ଷୟ ତୃତୀୟାକୁ ଯୁଗାଧି ତିଥି କୁହାଯାଏ। ଏହ ଦିନଠାରୁ ଦ୍ୱାପରଯୁଗର ପରିସମାପ୍ତି ଘଟି ତ୍ରେତୟା ଯୁଗ ଆରମ୍ଭ ହୋଇଥିଲା। ଏହି ଦିନ ସମସ୍ତଙ୍କ ପାଇଁ ସବୁଠାରୁ ଶୁଭ ଏବଂ ପବିତ୍ର ଦିବସ। ଏହି ଦିନ ଯେଉଁ କାର୍ଯ୍ୟକଲେ ଅକ୍ଷୟ ଫଳ ପ୍ରାପ୍ତି ହୋଇଥାଏ। ଏପରିକି ସେହି ପୂର୍ଣ୍ୟ କେବେବି କ୍ଷୟ ହୁଏନାହିଁ। ପୌରାଣିକ ଆକ୍ଷାନ ଅନୁସାରେ କୁରୁସଭାରେ ଏହି ଦିନ ଯୁଆ ଖେଳି ଦୌପଦୀଙ୍କୁ ବାଜିରେ ଲଗାଇଥିଲେ। ଦୁଃଶାସନ ଦ୍ରୌପଦୀଙ୍କ ବସ୍ତ୍ର ହରଣ କରିଥିବାବେଳେ ତାଙ୍କ ଲଜ୍ଜା ରକ୍ଷାକରିବାପାଇଁ ଭଗବାନ ଶ୍ରୀକୃଷ୍ଣ ଯେଉଁ ଦିନ ଅକ୍ଷୟ ବସ୍ତ୍ର ପ୍ରଦାନ କରିଥିଲେ ସେଦିନ ଥିଲା ଅକ୍ଷୟ ତୃତୀୟା। ଏହିଭଳି ପୁରାଣରେ ଅକ୍ଷୟ ତୃତୀୟା ସମ୍ବନ୍ଧରେ ଅନେକ କିମ୍ବଦନ୍ତୀ ରହିଛି।

ଆମ ପରମ୍ପରାରେ ଅକ୍ଷୟ ତୃତୀୟା ଦିନ ସୁବର୍ଣ୍ଣ କିଣିବାର ପ୍ରଥା ରହିଛି। ଏହି ଦିନ ମୂଲ୍ୟବାନ ଧାତୁ ପ୍ରଦାର୍ଥ କିଣିଲେ ଧନଧାନ୍ୟ ଗୋପଲକ୍ଷ୍ମୀ ବୃଦ୍ଧି ହୋଇଥାଏ ବୋଲି ବିଶ୍ୱାସ କରାଯାଏ। ବୈଦିକ ମତ ଅନୁସାରେ ଏହିଦିନ ଜନକଲ୍ୟାଣ ପାଇଁ ଧନ ଦାନ କରିବା ମହତ୍ତ୍ୱପୂର୍ଣ୍ଣ ଅଟେ। ପୂର୍ବ କାଳରେ ରାଜା ମହାରାଜା ମାନେ ଜନମଙ୍ଗଳ ପାଇଁ ଧନ ଦାନ କରୁଥିଲେ। ଅକ୍ଷୟ ତୃତୀୟା ଦିନ ସମାଜ କଲ୍ୟାଣ ପାଇଁ ନିଜ ଅର୍ଥରୁ କିଛି ଦାନ କଲେ ଦାତାର ସର୍ବବିଦ୍ଧ ମଙ୍ଗଳ ହୋଇଥଏ। ତେଣୁ ଅକ୍ଷୟ ତୃତୀୟା ଦିନ ଭକ୍ତି ପୂର୍ବକ ଦାନ ଖଇରାତ କରିବାର ପରମ୍ପରା ବହୁ ପ୍ରାଚୀନ କାଳରୁ ରହିଆସିଛି।

ଆମ ଦେଶ ଭାରତବର୍ଷ ହେଉଛି ଏକ କୃଷିପ୍ରଧାନ ଦେଶ। ଋଷ ହେଉଛି ଓଡ଼ିଆ ଜନ ଜୀବନର ପ୍ରଧାନ ସମ୍ବଳ। ଅକ୍ଷୟ ତୃତୀୟା ଏକ କୃଷିଭିତ୍ତିକ ପର୍ବ ହୋଇଥିବାରୁ ଏହାକୁ ସମଗ୍ର ଭାରତ ବର୍ଷରେ ଧନୀ ଦରିଦ୍ର ଉଚ୍ଚ ନିଚ ସମସ୍ତେ ପାଳନ କରିଥାନ୍ତି। ଏହି ପ୍ରସଙ୍ଗରେ ଯଜୁର୍ବେଦରେ କୁହାଯାଇଛି- 'ତ୍ୱା ବର୍ଚସେ ତ୍ୱା କଷୈ, ତ୍ୱା କ୍ଷେମାୟ ତ୍ୱା। ଅର୍ଥାତ୍, ହେ ଭୂମି ଦେବତା! କୃଷି ଓ ଆଶ୍ରୟ ନିମନ୍ତେ ତୁମକୁ ଧାରଣ କରୁଅଛୁ। ଏହି ପ୍ରସଙ୍ଗରେ ପୁରୋହୀତ କର୍ମକାର୍ଣ୍ଡରେ କୁହଯାଇଛି-

"ବୈଶାଖେ ମାସି ରାଜେନ୍ଦ୍ର
ତୃତୀୟ ଚନ୍ଦନସ୍ୟ ଚ।
କଳ ଧୌତଂ ତଥା ଧାନ୍ୟଂ
ଘୃତଚାପି ବି ବେଶେଷତଃ
ତସ୍ୟା ଦତ୍ତଂ
ଦ୍ୱକ୍ଷସ୍ୟାତ୍ତେନ ସାବକ୍ଷୟା ସ୍ମୃତା
ଅତ୍ରଦାନ ପ୍ରାଶସ୍ତ୍ୟ
ସୋଦୟଂ ତ୍ରିମୁହୂର୍ତ୍ତ ମେବାକାଳଃ
ସୋଦୟ ତ୍ରିମୁହୂର୍ତ୍ତାୟାଂ
କୂର୍ଯ୍ୟାଦନ ବ୍ରତାନି ଚ"

ବିଭିନ୍ନ ଶାସ୍ତ୍ର ମତାନୁସାରେ ଏହିଦିନ ହେଉଛି ସବୁଠାରୁ ଅଧିକ ଶୁଭ ଦିନ। ଏ ପ୍ରସଙ୍ଗରେ ଅନେକ ପୁରୁାଣ ଶାସ୍ତ୍ରରେ ବିଭିନ୍ନ ପ୍ରକାର ମତ୍ତ ରହିଛି। 'ଯା ଶୁକ୍ଳା କରୁଣାଦ୍ଧଳ ବୈଶାଖ ମାସି ବୈତିଥିଃ, ତୃତୀୟା ସାକ୍ଷକ୍ଷୟା ଲୋକେ ଗୀର୍ବାଣୈରଭିବନ୍ଦିତା'। ଗ୍ରୀଷ୍ମ ଋତୁର ପ୍ରାରମ୍ଭରେ ଅକ୍ଷୟ ତୃତୀୟାକୁ ଏକ ପବିତ୍ର ଦିବସ ରୂପେ ସର୍ବତ୍ର ପାଳନ କରାଯାଏ। ଏହି ଦିବସକୁ ପାଳନ କଲେ ସକଳ ମଙ୍ଗଳ ହେବା ସହିତ ସଂସାରରୁ ମୁକ୍ତି ମିଳିଥାଏ। ଆଗ୍ନେୟ ପୁରାଣ ମତ୍ତରେ ଏହି ଦିନରେ ଦାନ କଲେ ଦେହାନ୍ତେ ସୂର୍ଯ୍ୟମଣ୍ଡଳରେ ସ୍ଥାନ ମିଳିଥାଏ। ଏହି ସବୁ ଦୃଷ୍ଟିକୋଣରୁ ଆମ ଜନଜୀବନରେ ଅକ୍ଷୟ ତୃତୀୟା ହେଉଛି ସବୁଠାରୁ ମହାନ ପବିତ୍ର ଦିବସ। ଏହି ତୃତୀୟା ତିଥି ସହିତ କୃତ୍ତିକା ବା ରୋହିଣ ନକ୍ଷତ୍ର ଯୁକ୍ତ ହେଲେ ଏବଂ ଏହି ଦିନ ଭକ୍ତ ଜଳପାନ କଲେ ବା ଏହି ତିଥିକୁ ଏକାନ୍ତ ଭକ୍ତିର ସହିତ ପାଳନ କଲେ ମହାଫଳ ପ୍ରାପ୍ତ ହୋଇଥାଏ। ଏ ସମ୍ବନ୍ଧରେ ଏକ ସୁନ୍ଦର ଚିତାକର୍ଷକ କାହାଣି ଅଛି। ଯଥା-

ବହୁତ ଦିନ ତଳର କଥା। ପୂର୍ବକାଳରେ ଜଣେ ବ୍ରାହ୍ମଣ ଥିଲେ। ସେ ଥିଲେ ଅତ୍ୟନ୍ତ ପାପୀ। ଅନ୍ୟାୟ ଅଧର୍ମ ଓ କୁକର୍ମରେ ସର୍ବଦା ଲିପ୍ତ ରହୁଥିଲେ। ତା ଜୀବନରେ ସେ କେବେବି ଦାନ ଧର୍ମ କରିନାହିଁ। ଥରେ ତା ଗୃହକୁ ଜଣେ ତୃଷାର୍ତ୍ତ ବ୍ରାହ୍ମଣ ଆସି ଜଳଜଳ ବୋଲି ଆକୁଳ କଣ୍ଠରେ କହିବାରୁ ପାପୀ ବ୍ରାହ୍ମଣ ତାକୁ ଜଳନଦେଇ ନିଷ୍ଠୁର ଭାବରେ କଥା କହି ଧକ୍‌କା ମାରି ଘରୁ ତଡ଼ି ଦେଇଥିଲେ, ମାତ୍ର ସେହି ପାପୀ ବ୍ରାହ୍ମଣର ସ୍ତ୍ରୀ ସୁଶୀଳା ଅତ୍ୟନ୍ତ ଧର୍ମପରାୟଣା ତଥା ପବିତ୍ରତା ନାରୀଥିଲା। ଯେତେବେଳେ ପାପୀ ବ୍ରାହ୍ମଣ ଜଣକ ତୃଷାର୍ତ୍ତ ଜଣକୁ ଘରୁ ତଡ଼ିଦେଲା, ସେତେବେଳେ ସୁଶିଳା ସ୍ୱାମୀଙ୍କୁ ସେ କାର୍ଯ୍ୟରୁ ନିବୃତ୍ତ କରି ତୃଷାର୍ତ୍ତଙ୍କୁ ସଭକ୍ତି ସହକାରେ ଜଳଦାନ କରିଥିଲା।

ତା'ପରେ କିଛିଦିନ କଟିଲା। ପାପୀ ବ୍ରାହ୍ମଣର ପାପକାର୍ଯ୍ୟ ବେଳକୁ ବେଳ ବୃଦ୍ଧିପାଉଥାଏ। କିଛି ବର୍ଷ ପରେ ପାପୀ ବ୍ରାହ୍ମଣର ମୃତ୍ୟୁହେଲା। ଯମଗଣମାନେ ଆସି ତାଙ୍କୁ ବାନ୍ଧିନେଲେ। ବହୁତ କଷ୍ଟ ଦେଲେ। ନାନାଦି ଯନ୍ତ୍ରଣାରେ ପକାଇଲେ। ଯମପୁରରେ ଥାଇ ବ୍ରାହ୍ମଣ ଜଣଙ୍କ ତୃଷାର୍ତ୍ତ ହୋଇ ଯମଦୂତଙ୍କୁ ଜଳଭିକ୍ଷା ମାଗିବାରୁ, ଯମଦୂତମାନେ କହିଲେ, "ରେ ପାପୀ ବ୍ରାହ୍ମଣ! ତୁ ତୋ ଜୀବନରେ କାହାରିକୁ ଜଳଦାନ କରିନାହୁଁ। ତୁ ବ୍ରାହ୍ମଣ ହୋଇ ଚାଣ୍ଡାଳବୃତ୍ତି କରିଛୁ। ବହୁତ କୁକର୍ମମାନ କରିଛୁ। ଜଳଭିକ୍ଷା କିପରି କରୁଛୁ? ତୋତେ ଜଳ ଦିଆଯିବ ନାହିଁ। ତୁ ଅନ୍ୟକୁ ଯେମିତି କଷ୍ଟ ଦେଇଛୁ ଠିକ୍ ସେହିପରି ଭାବରେ ତୁ କଷ୍ଟ ପାଇବୁ। ଠିକ୍ ସେହି ସମୟରେ ସ୍ୱୟଂ ଜନ୍ତୁରାଣ ସେଠାରେ ପହଞ୍ଚି ସେହି ବ୍ରାହ୍ମଣକୁ ସ୍ୱହସ୍ତରେ ଜଳଦାନ କଲେ। ଦୂତମାନେ ଆଶ୍ଚର୍ଯ୍ୟ ହୋଇ ଏହାର କାରଣ ପଚାରିବାରୁ, ଯମରାଜ କହିଲେ, "ଏହି ବ୍ରାହ୍ମଣ ତା ଜୀବନରେ ବହୁତ ପାପ କରିଛି। ବହୁତ ଅନ୍ୟାୟ କରିଛି। ସେ ମହାପାପୀ ସତ, ମାତ୍ର ତା ସ୍ତ୍ରୀ ସୁଶୀଳା ମହା ଧର୍ମବନ୍ତ। ସେ ଯେଉଁଦିନ ତୃଷାର୍ତ୍ତ ବ୍ରାହ୍ମଣକୁ ଜଳଦାନ କରିଥିଲା, ସେଦିନଟି ଥିଲା ଅକ୍ଷୟ ତୃତୀୟା ଦିନ। ତାର ପୁଣ୍ୟ ପ୍ରଭାବରୁ ତା ସ୍ୱାମୀର ପାପ ଖଣ୍ଡନ ହୋଇଅଛି। ତେଣୁ ତାର ଆଉ ନରକ ଭୋଗ ନାହିଁ। ବର୍ତ୍ତମାନ ତାକୁ ନର୍କଭୋଗରୁ ମୁକ୍ତ କରିଦିଅ।

ପ୍ରକୃତରେ ଅକ୍ଷୟ ତୃତୀୟା ଦିବସ ହେଉଛି ଅତ୍ୟନ୍ତ ମହାନ ଓ ପବିତ୍ରତମ ଦିବସ। ଏହିଦିନ ଯେ ଭକ୍ତି, ଆନନ୍ଦ ଓ ଏକାଗ୍ରତାର ସହିତ ଦାନଧର୍ମ ଆଦି କରିଥାଏ ସେ ସାତଜନ୍ମପାଇଁ ମୁକ୍ତି ପାଇଥାଏ। ସେ ହୁଏ ଭାଗ୍ୟବାନ। ତାର ପୂର୍ବ ପାପମାନ ଖଣ୍ଡନ ହୁଏ। ଯଦି ଏହିଦିନ ଉତ୍କଣ୍ଠା ଓ ଭକ୍ତିର ସହିତ ଜଳଦାନ କରିଥାଏ ତାର ସକଳ ପ୍ରକାର ଶୁଭହୁଏ। ଭବ ସଂସାରରୁ ମୁକ୍ତି ପାଇ ସେ ବୈକୁଣ୍ଠପ୍ରାପ୍ତି ହୁଏ।

ସଭାପତି- ଅଖଣ୍ଡ ଭାରତ ବ୍ରାହ୍ମଣ ପରିଷଦ
ଭଦ୍ରକ, ଓଡ଼ିଶା
ମୋ-୮୭୬୩୫୪୮୨୦୨

# ସଭ୍ୟତାର ସୂଚୀପତ୍ର ...

## ଡ଼ି ଶୁଭମ୍



କୃଷି – ସେ ମାନବସମାଜର ସଂଚାଳକ ଶକ୍ତି । ଜୀଇଁବାର ପ୍ରତ୍ୟେକଟି ମୁହୂର୍ତ୍ତକୁ ଅନୁଭବ କରିବାର ମାଧ୍ୟମ ଏଇ କୃଷି । ସଭ୍ୟତାର ସୂଚୀପତ୍ର ଆଉ ଚିନ୍ତା ଓ ଚେତନାର ଉନ୍ମେଷକ । ଦିନରେ ଦି ଓଳି ଖାଇବାର ସ୍ୱପ୍ନକୁ ଚରିତାର୍ଥ କରେ କୃଷି । ଆଉ ଏସବୁକୁ ନିଜ ହାତରେ ବାସ୍ତବତାର ରୂପ ଦିଏ ସେ ମାଟିର ମଣିଷ । କାଦୁଅ କ୍ଷେତର ସେ ଚିରପରିଚିତ ସାଥୀ । ରାତି ପାହିଲେ ପଖାଳ ମୁଠାଏରୁ ଆରମ୍ଭ ହୋଇଯାଏ ଏ ଚାଷର ମହାନ ପର୍ବ । ବ୍ୟବସାୟ ନୁହେଁ ବରଂ ନଜ କର୍ମସିକ୍ତ ଜୀବନର ଏକ ସାର୍ଥକ ପ୍ରତିବେଦନ ଭାବରେ ପ୍ରତ୍ୟେକ ଦିନ ଏହି ସ୍ୱର୍ଗୀୟ ଅନୁଭୂତିକୁ ଅବଲୋକନ କରେ ଚାଷୀ । ବନ୍ଧ୍ୟା ଜମିକୁ ଶ୍ୟାମଳା କରିବାର ସେ ସାଜେ ସାରଥୀ । ସର୍ବୋପରି ଏ ଧରାପୃଷ୍ଠରେ ଧରିତ୍ରୀମାତାର ଅମୃତସନ୍ତାନ ଭାବରେ ନିଜ କର୍ମକୁ ସଠିକ ଢ଼ଙ୍ଗରେ ପାଳନ କରେ । ଅନୁଭବ କରେ ସେ ମହାର୍ଘ୍ୟ ଅନୁଭୂତିର ଉଚ୍ଚାରଣକୁ ମର୍ମେମର୍ମେ।

କହିଁ କେଉଁ କାଳରୁ ଅଖିମୁଠି ପରମ୍ପରା ଆମ ଗାଁ ମାନଙ୍କରେ ରହି ଆସିଛି । ଚାଷୀ ବୈଶାଖରେ ଜମିରେ ବିହନ ବୁଣେ। ଏଇ ଦିନ ହିଁ ବିହନର ଅନୁକୂଳ ହୁଏ । କର୍ଷଣରୁ କୃଷି । ଆଜିର ଦିନରେ ଚାଷ ଜମିରେ ଲଙ୍ଗଳର ସ୍ପର୍ଶ ହୁଏ । ସୁବର୍ଣ୍ଣ ଫଳେଇବାର ସ୍ୱପ୍ନ ଦେଖେ ଚାଷୀ । ଅଖିମୁଠି ଅନୁକୂଳ ପରେ ଆଷାଢ଼ର ବର୍ଷାଧାରାରେ ଏସବୁ ଗଜାର ରୂପ ନିଏ । ଆଉ ଚାଷୀ ମନରେ ଖେଳିଯାଏ ଆନନ୍ଦର ବର୍ଣ୍ଣବିଭା । ବାସ୍ . . ଏ ଅକ୍ଷୟ ତୃତୀୟା ଠୁ ଆରମ୍ଭ ହୁଏ ବୁଣା ବେଉଷଣର ପର୍ବ । ବିହନ ବୁଣିବା ଠାରୁ ଜମିରେ ପାଚିଲା କେଣ୍ଡା ଫୁରୁଫୁରୁ ହୋଇ ପବନର ସାଥୀରେ ଝୁଲିବା ଯାଏଁ ସ୍ଥିର ହୋଇ ବସିପାରେନି ଚାଷୀ । କହିବାକୁ ଗଲେ ଏ ପାଚିଲା କେଣ୍ଡାର ପ୍ରକୃତ ଏନ୍ତୁଡ଼ିଶାଳ ହିଁ ଅଖି ତୃତୀୟା । ମାଟିର ମଣିଷ ,ମାଟି ସହ ମାଟି ହୋଇ ଲାଗିପଡ଼େ ସଭ୍ୟତାର ସୂଚୀପତ୍ରକୁ ସଠିକ ରୂପ ଦେବା ପାଇଁ । ଏସବୁତ ଚାଷୀର ପର୍ବ । ଏକଥାକୁ ଅସ୍ୱୀକାର କରାଯାଇନପାରେ ।

ବାସ୍ତବ ଚିତ୍ରକୁ ଯଦି ଲକ୍ଷ୍ୟ କରାଯାଏ ଚାଷୀର ମନ କଥା ବୁଝିବାକୁ ଆଜି ଯାଏଁ ବି କେହି ସମର୍ଥ ନୁହନ୍ତି । ଏକ ନିରୀହ ଚାହାଣିରେ ସେ ଅସୁମାରୀ ଲୋକଙ୍କ ମନରେ ଫୁଟାଇ ପାରେ ଅଫୁରନ୍ତ ହସ । ସେଇଥି ପାଇଁ ତ ସେ ମହାନ । ସରକାର ସବୁବେଳେ ଚାଷୀଙ୍କୁ ନିଜ ଫୋକସରେ ରଖିଥାନ୍ତି । ଏକଥା ସତ । କିନ୍ତୁ ସେସବୁ ଯେ ସତରେ କେତେଦୂର ଗ୍ରହଣୀୟ ସେକଥା କେବଳ ନିଜେ ଚାଷୀଟିଏ ହିଁ କହିପାରିବ । ଗତ ବର୍ଷେ ତଳେ ଯେତେବେଳେ ମୁଁ କୃଷି ପ୍ରଶିକ୍ଷଣ ଦେବା ପାଇଁ ଅନେକ ଗାଁକୁ ଯାଉଥିଲି ମନରେ ତ ଅନେକ ଭୟ ନେଇ ଯାଉଥିଲି । ଛଅ ବର୍ଷର ପାଠପଢ଼ାକୁ ମୁଁ ସେମାନଙ୍କୁ କହିବାକୁ ଯାଉଛି , ହେଲେ ସେମାନେ ତ ତିରିଶ ବର୍ଷ ହେବ ସେଇ ମାଟି ସହ ଜଡ଼ିତ ହୋଇ ଅଛନ୍ତି । ସେଇଥି ଘର, ସେଇଠି ସ୍ୱର୍ଗ । ସେମାନଙ୍କୁ ବି ଆମେ କଣ ପ୍ରଶିକ୍ଷଣ ଦେବୁ । କିନ୍ତୁ ଯେତେବେଳେ ସେ ଚାଷୀଙ୍କ ସହ ବହୁ ପାଖରୁ ମିଶିବାର ସୁଯୋଗ ମିଳିଲା ସେତେବେଳେ ପ୍ରଶିକ୍ଷଣ କମ୍ ଆଉ ଆଳାପ ବେଶୀ ହେଲା। ଅର୍ଥାତ ଏଇ ଚାରି ଘଣ୍ଟା ର ପ୍ରଶିକ୍ଷଣ ସମୟ ଭିତରେ ଆମେ ସମସ୍ତେ ଆମ ଜୀବନର ଅନେକ ପୁରୁଣା କଥା ସାଉଁଟି ବସୁ । ସେ ମୁହୂର୍ତ୍ତ ସତରେ ସ୍ମରଣୀୟ । ନିଜେ ଜାଣିବାକୁ ଚେଷ୍ଟା କଲି ସତରେ ଏ ଚାଷରେ ଅଛି କଣ ? ଏବେର ଆଧୁନିକ ଯୁଗରେ ଲୋକ ଚାଷ ନାଁ ଶୁଣିଲେ ନାକ ଟେକୁଛନ୍ତି । ଆଉ ମୁଁ ତ ଏହାର ଭୁକ୍ତଭୋଗୀ ।

ପିଲାଦିନେ ଯେବେ ଆମେ କିଛି ଭୁଲ କରିବସୁ , ଆମା ବାପା ମା' ଆମକୁ ଗାଳି କରିବା ଉଦ୍ଦେଶ୍ୟରେ କହନ୍ତି: ଆରେ ପାଠପଢ଼ୁନୁ , ବଡ଼ ହେଲେ କଣ ଗାଇ ଚରେଇବୁ ନା ଚାଷ କରିବୁ । ଏକଥା କଟାକ୍ଷ ଭାବରେ ସିନା ବ୍ୟବହାର କରାଯାଏ । କିନ୍ତୁ ଏ ମାନସିକତାର ଅନ୍ତ ହେବା ନିତ୍ୟାନ୍ତ ଜରୁରୀ । ପ୍ରଥମ ବର୍ଷ ଯେବେ କୃଷି ସ୍ନାତକରେ ପାଠ୍ୟକ୍ରମରେ ନାଁ ଲେଖାଇଲି , କେତେ କଥା ଗାଁରେ । ପୁଅ ଚାଷ କରିବ ବଡ଼ ହୋଇ , ଆମ ବିଲ ଖାଲି ଅଛି.ଆସିବୁ ପାଠ ପଢ଼ି । ଏମିତି ଅନେକ । ସେତେବେଳେ ତ କିଛି ବୁଝିପାରି ନଥିଲଇ । କେବଳ ଏତିକି ମନେ ହେଲା ଯେ ସତରେ କଣ ଚାଷ ଏତେ ଖରାପ ଲୋକ କଣ ପାଇଁ ଏ ପାଠ ପଢ଼ିଲା ବେଳକୁ ଏମିତି କଥା କହୁଛନ୍ତି । ଯଦି କେଉଁ ପିଲା ମେଡ଼ିକାଲ କି ଇଂଜିନିୟରିଂ ପଢୁଛି , କି ଆଇନ ପାଠ ପଢୁଛି ସେବେ ବାହାବାହା ଦେଲା ବେଳକୁ ଏ ପାଠରେ ଏତେ କୁଣ୍ଠାବୋଧ କଣ ପାଇଁ । ଅନ୍ୟପକ୍ଷରେ ସରକାର କୃଷିକୁ ଯଥୋଚିତ ଗୁରୁତ୍ୱ ଦେଉଥିଲା ବେଳେ ଲୋକେ କଣ ପାଇଁ କୃଷି ଶିକ୍ଷାକୁ ନାକ ଟେକୁଛନ୍ତି । ସେ ଯାହା ବି ହେଉ ଏବେ ମୋର ଚାରି ବର୍ଷର କୃଷି ସ୍ନାତକ ଶେଷ ହୋଇଯାଇଛି । ଅନେକ କିଛି ଶିଖିଛି । ଅନେକ ଚାଷୀଙ୍କ ସହ ମିଶିଛି । ଆଉ ମୋ ମତରେ କୃଷି ପାଠ୍ୟକ୍ରମ ମୋ ପାଇଁ ସବୁକିଛି । ଜୀବନର ପ୍ରକୃତ ରହସ୍ୟକୁ ଖୋଜି ଆଣିବାରେ ଏହା ମୋତେ ବାଟ ଦେଖାଇଛି । ଯେତେବେଳେ ଚାଷୀଙ୍କ ସହ ମିଶିବାର ସୁଯୋଗ ମିଳେ , ସେମାନେ ନିଜ ଚାଷବାସର କଥାକୁ ବେଶ ନିଖୁଣ ଭାବେ କହିଚାଲନ୍ତି , ତାହାକୁ ଶୁଣି ଆଖିରୁ ଲୁହ ଆସିଯାଏ । ମନେ ମନେ ଭାବିଲି , ଆମେ ବଡ଼ ଚାକିରୀ ପାଇଁ କେତେ ଲୋଭ କରୁଛନ୍ତି , ବର୍ଷରେ ଚାକିରୀର ପ୍ୟାକେଜ କେତେ ଅଛି ପ୍ରଥମେ ଦେଖୁଛନ୍ତି କିନ୍ତୁ ଏମାନଙ୍କ କଥା ଭାବିଲେ । ନା ପ୍ୟାକେଜ , ନା ହାକିମ ହେବାର ଇଚ୍ଛା । ସବୁକିଛି ଏମାନଙ୍କ ଆଗରେ ତୁଚ୍ଛ । ବାସ ଚାଷ ଜମିରେ କେଇ ଘଣ୍ଟା ବିତାଇଦେଲେ ସେମାନଙ୍କର ଆତ୍ମତୃପ୍ତି ମିଳିଯାଏ । କିନ୍ତୁ ଯଦି ଚାଷୀମାନଙ୍କୁ ହିଁ ଅଣଦେଖା କରାଯାଏ , ଏହାଠୁ ବଡ଼ ଦୁଃଖର ବିଷୟ କିଛି ନାହିଁ ।

ସମୟ ଆସିଛି ଚାଷୀଙ୍କ କଥାକୁ ଗୁରୁତ୍ୱ ଦେବାର । ଚାଷକୁ ଭଲପାଇବାର । ନାକ ଟେକିବାନି ବରଂ ନିଜେ ଚାଷ ଓ ଚାଷୀର ଗହନ କଥାକୁ ଅନୁକରଣ କରିବା । କୃଷି ପାଠ୍ୟକ୍ରମକୁ ବି ସମ୍ମାନ ଦେବା । ଆମ ଚାଷୀ ଆମ ଦେଶର ବଳ । ଆମ ଶକ୍ତି ଆଉ ଚେତନାର ପରିମାପକ । ଆମ ସଂସ୍କୃତିର ମୂଳାଧାର । ସେ ଚାଷୀକୁଳକୁ ମୋର କୋଟି ନମନ

ଜୈବ ନିରୀକ୍ଷକ , ଓଡ଼ିଶା ରାଜ୍ୟ ଜୈବ ପ୍ରମାଣନ ସଂସ୍ଥା (ଓସୋକା), ଭୁବନେଶ୍ୱର
ମୋ-୯୪୩୮୪୬୭୦୭୯

# ଅକ୍ଷୟ ତୃତୀୟା

## ବିଶ୍ୱବିଜୟୀ ଦାଶ

ସବୁ ଅନୁକୂଳର ପର୍ବ ଅକ୍ଷୟ ତୃତୀୟା ।ବୈଶାଖ ମାସ ଶୁକ୍ଲପକ୍ଷ ତୃତୀୟା ଦିନଟି ଅକ୍ଷୟ ତୃତୀୟା ଭାବେ ପରିଚିତ। କୃଷକମାନେ ଏହାକୁ ବଡ଼ ଶୁଦ୍ଧି ଓ ସିଦ୍ଧିର ଦିବସ ଭାବେ ପାଳନ କରିଥାନ୍ତି ।କୃଷକ ଏହି ଦିନ ଅମୃତ ବେଳାରେ ଅକ୍ଷିମୁଠି (ଅକ୍ଷୟମୁଠି) ଅନୁକୂଳ କରି କୃଷିକାର୍ଯ୍ୟର ଶୁଭାରମ୍ଭ କରିଥାଏ। ଶୁଭଦିନ ଭାବେ ମନେକରି ଏହିଦିନ ଗୃହନିର୍ମାଣ, ନିର୍ବନ୍ଧ, ବିବାହ, ଉପନୟନ ପ୍ରଭୃତି ଶୁଭକର୍ମ ଅନୁଷ୍ଠିତ ହୁଏ ।ଚାଷୀ ନିଜ ସ୍ତ୍ରୀଠାରୁ ହଳଦୀ, ଚନ୍ଦନ, ସିନ୍ଦୂର ବୋଳା ଧାନ ବିହନପୂର୍ଣ୍ଣ ନୂଆ ଗଉଣିକୁ ଶଙ୍ଖ ହୁଳହୁଳି ମଧ୍ୟରେ ମୁଣ୍ଡରେ ଥୋଇ ଏବଂ ଅନ୍ୟ ଏକ ନୂତନ ଟୋକେଇରେ ପିଠା ନେଇ ହଳଲଙ୍ଗଳ ଧରି କ୍ଷେତକୁ ଯାଏ ।ସେଠାରେ ଲକ୍ଷ୍ମୀ ଠାକୁରାଣୀଙ୍କୁ ଭୋଗଦେଇ ଉକ୍ତ ନୈବେଦ୍ୟ କିଆରୀର ଈଶାଣ କୋଣରେ ପୋତି ହଳ ବୁଲାଏ ଓ ମୁଠାମୁଠା ବିହନ କିଆରୀରେ ବୁଣେ ।ଏହାକୁ ଅକ୍ଷିମୁଠି କହନ୍ତି ।ସେହିପରି ଏହି ଦିନ ଓଡିଆଙ୍କ ଇଷ୍ଟଦେବ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ୪୨ ଦିନ ବ୍ୟାପି ଚାଲିବାକୁ ଥିବା ଚନ୍ଦନ ଯାତ୍ରାର ଶୁଭାରମ୍ଭ ହୋଇଥାଏ ।ପ୍ରଭୁଙ୍କୁ ପ୍ରଚଣ୍ଡ ଖରାରୁ ଉପଶମ ଦେବା ଲାଗି ନରେନ୍ଦ୍ର ପୁଷ୍କରିଣୀରେ ପୋଖରୀରେ ଚାପ ଖେଳନ୍ତି ମହାପ୍ରଭୁ ।କୁହାଯାଏ ଆଜିର ଦିନରେ ସତ୍ୟଯୁଗର ଆରମ୍ଭ ହୋଇଥିଲା ।ବେଦବ୍ୟାସ ଏବଂ ପ୍ରଭୁ ଶ୍ରୀ ଗଣେଶ ଆଜିର ଦିନରେ ମହାଭାରତ ଲେଖିବା ଆରମ୍ଭ କରିଥିଲେ ।ନୂଆ ଗହଣା କିଣିବା, ନୂଆ କରି ବ୍ୟବସାୟ ଆରମ୍ଭ କରିବା ଆଦି ଏହି ଦିନରେ ଆରମ୍ଭ କରିବା ଦ୍ୱାରା ଏହା ଶୁଭ ହୋଇଥାଏ ବୋଲି ବିଶ୍ୱାସ ରହିଛି ।ଏହା ସହ ଘରକୁ ସୁଖ – ସମୃଦ୍ଧି ଆସିଥାଏ ।ଏହିତିଥିରେ ଶ୍ରୀଜୀଉମାନଙ୍କର ରଥନିର୍ମାଣ ପାଇଁ ଅନୁକୂଳ କରାଯାଏ । ତନ୍ତ୍ରବିଧି ଅନୁସାରେ ମହାକାଳୀ ମନ୍ତ୍ରରେ ପୂଜିତ କୁରାଢ଼ି ଲଗାଇ ବନଯୋଗହୋମର ଆଚାର୍ଯ୍ୟ ତଥା ଦେଉଳ ପୁରୋହିତ ରଥନିର୍ମାଣର ଶୁଭାରମ୍ଭ କରିଥାନ୍ତି । ତାଳଧ୍ୱଜ, ଦେବଦଳନ ଓ ନନ୍ଦିଘୋଷ ରଥ ପାଇଁ ଉଦ୍ଦିଷ୍ଟ ଗୋଟିଏ ଧଉରା କାଠ ଗଣ୍ଡିରେ କୁରାଢ଼ି ସ୍ପର୍ଶ କରାଯାଇଥାଏ ।ଶ୍ରୀମନ୍ଦିରରେ ମଧ୍ୟାହ୍ନ ଧୂପରେ ଶ୍ରୀଜୀଉଙ୍କ ଆଜ୍ଞାମାଳ ଚନ୍ଦନଠାକୁରଙ୍କ ସହ ପଟୁଆରରେ ରଥଖଳାକୁ ଆସିଥାଏ ।ଏହାକୁ ତିନିଜଣ ପୂଜାପଣ୍ଡା ଆଣିଥାନ୍ତି। ଶ୍ରୀଜଗନ୍ନାଥ ମନ୍ଦିର ସମ୍ମୁଖସ୍ଥ ରଥଖଳାରେ ଶ୍ରୀମନ୍ଦିର ପୁରୋହିତ, ରାଜଗୁରୁ ଓ ସ୍ରୋତୀୟ ବ୍ରାହ୍ମଣମାନେ ବନଯୋଗ ପୂଜା ସମ୍ପାଦନା କରିବାର ବିଧି ରହିଛି। ରୂପକାର, କମାର, ଚିତ୍ରକର, ଭୋଇ, ଅମୀନସେବକମାନଙ୍କ ଉପସ୍ଥିତିରେ ବିଶ୍ୱକର୍ମାଙ୍କ ଶାଢ଼ୀବନ୍ଧା ନୀତି ପାଳିତ ହୁଏ ।ରଥ ସଂହିତା ଓ ଶିଳ୍ପଶାସ୍ତ୍ର ଅବଲମ୍ବନରେ ରଥନିର୍ମାଣ କରାଯାଏ । ଏଥିରେ ୧୧୩୯ ଖଣ୍ଡ କାଠଲାଗିଥାଏ ।ସେହି କାଠଗୁଡିକ ହେଲା ଫାସି, ଅସନ, ଧଉରା, ଶିମିଳି, ପାଳଧୂଆ, ମହାନିମ୍ବ, ଗମ୍ଭାରୀ, ମଇ, କଦମ୍ବ, ଦେବଦାରୁ ଇତ୍ୟାଦି । ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନର କର୍ମଚାରୀ ରଥଖଳାରେ ଉପସ୍ଥିତ ରହି ଏହିକାର୍ଯ୍ୟ ସୁରୁଖୁରରେ ହେବାରେ ସାହାଯ୍ୟ କରିଥାନ୍ତି । ବାହାର ଚନ୍ଦନ ଯାତ୍ରାର ଶେଷଦିନ ରଥ ଅଖରେ ଚକ ଲାଗେ ।

+ସମ୍ପାଦକ
ବ୍ରଜବିଳାସ ସାହିତ୍ୟ ପତ୍ରିକା
ଗମ୍ଭାରିମୁଣ୍ଡା,ବାଣପୁର,ଖୋର୍ଦ୍ଧା
ପିନ୍- ୭୫୨୦୩୫
ମୋବାଇଲ ନଂ- ୬୩୭୦୨୦୮୪୨୮



# ଅନେକ କୋଟିପତି ବ୍ୟବସାୟୀଙ୍କଠାରୁ ଧନୀ ରାଣୀ, ସମ୍ପତ୍ତି କରିବ ଆଶ୍ଚର୍ଯ୍ୟ

ବଲିଉଡ୍ ଅଭିନେତ୍ରୀ ରାଣୀ ମୁଖାର୍ଜୀ ଏବେ ପୁଣି ଥରେ ନିଜର କାର୍ଯ୍ୟଦକ୍ଷତାକୁ ପ୍ରମାଣ କରି ଦେଖାଇଛନ୍ତି। ଗୋଟେ ସମୟରେ ବଲିଉଡର ଆଗ ଧାଡ଼ିର ନାୟିକା ପାଲଟିଥିଲା ରାଣୀ। ହେଲେ ବିବାହ ହେବା ସହ ମା' ବନିବା ପରେ ରାଣୀ ଫିଲ୍ମଠାରୁ ଦୂରେଇ ଯାଇଥିଲେ। କିନ୍ତୁ ଏବେ ତାଙ୍କର କମବ୍ୟାକ୍ ହୋଇଛି। ପୂର୍ବ ଅପେକ୍ଷା ଭଲ ଭଲ ସ୍କ୍ରିପ୍ଟରେ କାମ କରୁଛନ୍ତି ରାଣୀ। ମହିଳା କୈନ୍ଦ୍ରୀକ ଫିଲ୍ମରେ ରାଣୀ ଅଭିନୟ କରିବା ସହ ପୁଣି ଥରେ ପ୍ରଶଂସକଙ୍କ ମନ ଜିତିଛନ୍ତି। ତେବେ ଯଦି ରାଣୀଙ୍କ ବ୍ୟକ୍ତିଗତ ଜୀବନକୁ ଦେଖିବା ତେବେ ସେ ୟଶ ରାଜ ଫିଲ୍ମସର ମାଲିକ ତଥା ଫିଲ୍ମ ନିର୍ମାତା ଆଦିତ୍ୟ ଚୋପ୍ରାଙ୍କ ବିବାହ କରିଛନ୍ତି। ବିବାହ ପରେ ପୁଣି ଥରେ ବଲିଉଡକୁ ଫେରିବାକୁ ଆଦିତ୍ୟ ହିଁ ରାଣୀଙ୍କୁ କହିଥିଲେ। ଜୀବନରେ ଆଗକୁ ବଢ଼ିବା ପାଇଁ ପରସ୍ପରକୁ ସମର୍ଥନ କରୁଥିବା ଏହି ଦମ୍ପତ୍ତି କେତେ କୋଟିର ମାଲିକ ଆପଣ ଜାଣନ୍ତି କି? ଆଦିତ୍ୟ ଚୋପ୍ରାଙ୍କ ସମ୍ପତ୍ତି ଦେଖିବାକୁ ଗଲେ ସେ ମୋଟ ୭,୨୦୦କୋଟି ଟଙ୍କାର ମାଲିକ ଅଟନ୍ତି। ଏହା ସହ ରାଣୀଙ୍କ ମୋଟ ସମ୍ପତ୍ତି ଦେଖିବାକୁ ଗଲେ ସେ ୨୦୦କୋଟିର ମାଲିକାଣୀ ଅଟନ୍ତି। ଦୁହିଁଙ୍କ ସମ୍ପତ୍ତିକୁ ଯଦି ମିଶାଇବା ତେବେ ଦମ୍ପତ୍ତି ଏବେ ୭,୪୦୦କୋଟିର ମାଲିକ ଅଟନ୍ତି।

# ଏଥର ସୁପରଷ୍ଟାର ସଲ୍‌ମାନଙ୍କ ବିପକ୍ଷରେ ନାୟିକା ସାଜିବାକୁ ଯାଉଛନ୍ତି ରଶ୍ମିକା ମନ୍ଦାନା

ସୁପରଷ୍ଟାର ସଲ୍‌ମାନ ଖାନ୍‌ଙ୍କ ଅଗାମୀ ପ୍ରକଳ୍ପକୁ ନେଇ ଉତ୍ସାହ ବଢ଼ି ବଢ଼ି ଚାଲିଛି। ସଲ୍‌ମାନଙ୍କ ଶେଷ ଫିଲ୍ମ 'ଟାଇଗର-୩' ବକ୍ସ ଅଫିସ୍‌ରେ ସେପରି ଭଲ ରୋଜକାର କରିନାହିଁ। ଏହାରି ମଧ୍ୟରେ ପ୍ରଶଂସକ ଆଗାମୀ ପ୍ରକଳ୍ପକୁ ନେଇ ଆଶା ବାନ୍ଧି ବସିଛନ୍ତି। କିଛିଦିନ ତଳେ ଏହି ଖବର ଶୁଣିବାକୁ ମିଳୁଥିଲା କି ସଲ୍‌ମାନ ଏବେ ଆମୀର ଖାନ୍‌ଙ୍କ 'ଗଜ୍‌ନି' ଓ ଅକ୍ଷୟ କୁମାରଙ୍କ 'ହଲିଡେ'ର ନିର୍ଦ୍ଦେଶକ ଏ ଆର ମୁରୁଗଦାସଙ୍କ ସହ ସିନେମା କରିବାକୁ ଯାଉଛନ୍ତି। ରିପୋର୍ଟରୁ ଜାଣିବାକୁ ମିଳିଛି ଯେ ସଲ୍‌ମାନଙ୍କ ଆଗାମୀ ଫିଲ୍ମ ଏକ ଦମଦାର ଅକ୍ସନ ସିନେମା ହେବ। ଯାହାର ଶୀର୍ଷକ ହେଉଛି 'ସିକନ୍ଦର'। ତେବେ ଏହି ସିନେମା ପାଇଁ ନାୟିକା ବି ବଛା ସରିଛି। ତେବେ ସଲ୍‌ମାନଙ୍କ ବିପକ୍ଷରେ ଏହି ସିନେମାରେ ନାୟିକା ବନିବେ ଅଭିନେତ୍ରୀ ରଶ୍ମିକା ମନ୍ଦାନା।

ନେସ୍‌ନାଲ୍ କ୍ରସ୍ କୁହାଯାଉଥିବା ରଶ୍ମିକା ଏବେ ବଡ଼ ପରଦାରେ ଭାଇଜାନ୍‌ଙ୍କ ସହ ନଜର ଆସିବେ। ଏହି ଖବର ଶୁଣିବା ପରେ ପ୍ରଶଂସକମାନେ ଖୁବ୍ ଉତ୍ସୁକ ଅଛନ୍ତି। ପ୍ରଥମେ 'ପୁଷ୍ପା' ଓ ପରେ 'ଆନିମଲ୍'ରେ ସଫଳତା ପାଇବା ପରେ ଏହି ଅଭିନେତ୍ରୀ ଏବେ ଖୁବ୍ ଚର୍ଚ୍ଚାରେ ରହିଛନ୍ତି। ସଲ୍‌ମାନଙ୍କ ବିପକ୍ଷରେ ନାୟିକା ହେବା ପରେ ତାଙ୍କ କ୍ୟାରିୟର ଯେ ଆଉ ଏକ ସୋପାନ ଚଢ଼ିବ ଏଥିରେ ସନ୍ଦେହ ନାହିଁ।

ସିନେ ନିର୍ମାତା ତାଙ୍କ ଅଫିସିଆଲ୍ ଇନ୍‌ଷ୍ଟାଗ୍ରାମ୍ ପେଜ୍‌ରେ ଏକ ପୋଷ୍ଟ୍ କରି ଏହି ସୂଚନା ଦେଇଛନ୍ତି। ସେ ରଶ୍ମିକାଙ୍କୁ ସଲ୍‌ମାନଙ୍କ ସହ କାମ କରିବା ପାଇଁ ସ୍ୱାଗତ କରିଛନ୍ତି ତାଙ୍କ ପୋଷ୍ଟ୍‌ରେ।



# 'ହୀରାମଣ୍ଡି' ସେଟରେ ଭନସାଲି ରଖିଥିବା ୨୦ଟି କୁକୁରକୁ ଏହି କାମରେ ଲଗାଯାଉଥିଲା: ଫରଦିନ ଖାନ





ବଲିଉଡ ନିର୍ଦ୍ଦେଶକ ସଞ୍ଜୟ ଲିଲା ଭନସାଲିଙ୍କ ଆଗାମୀ ସିରିଜ 'ହୀରାମଣ୍ଡି: ଦ ଡାଇମଣ୍ଡ ବଜାର' ଚଳିତ ବର୍ଷର ବହୁ ପ୍ରତୀକ୍ଷିତ ସିରିଜ ମଧ୍ୟରୁ ଅନ୍ୟତମ। ସଞ୍ଜୟ ଲିଲା ଭନସାଲୀଙ୍କ 'ହୀରାମଣ୍ଡି: ଦ ଡାଇମଣ୍ଡ ବଜାର' ଏକ ଆଠ ଭାଗ ବିଶିଷ୍ଟ ସିରିଜ୍। ମେ ୧ ରୁ ଏହା ୧୯୦ ଟି ଦେଶରେ ନେଟଫ୍ଲିକ୍ସରେ ଉପଲବ୍ଧ ହୋଇଯାଇଛି ।

ତେବେ ସଞ୍ଜୟ କେବଳ ହୀରାମଣ୍ଡି ନୁହେଁ ଯେଉଁଥିରେ ବି କାମ କରିଛନ୍ତି ତାହାକୁ କିପରି ପରଦାରେ ଜୀବନ୍ତ କରି ଦେଖାଇହେବ ସେ ଦିଗରେ ଖୁବଯତ୍ନଶୀଳ ଥାଆନ୍ତି। ଏଭଳି କ୍ଷେତ୍ରରେ ତାଙ୍କ ସହିତ ଖାପଖୁଆଇ ଚଳିବା ପାଇଁ ଅଭିନେତା ଓ ଅଭିନେତ୍ରୀଙ୍କୁ ଖୁବ ଭୟ ବି ଲାଗିଥାଏ। ଏକଥା ଆମେ ନୁହେଁ ଅନେକ ସାକ୍ଷାତକାରେ ଅଭିନେତା ଓ ଅଭିନେତ୍ରୀ ସଞ୍ଜୟ ଲିଲା ଭନସାଲିଙ୍କ ସହିତ କାମ କରିବାର ଅନୁଭବକୁ ସେୟାର କରିଛନ୍ତି।

ନିକଟରେ ଅଭିନେତା ଫରଦିନ ଖାନ କହିଛନ୍ତି, 'ସଞ୍ଜୟ ଲିଲା ଭନସାଲୀ କୁକୁରମାନଙ୍କୁ ଖୁବ ଭଲ ପାଆନ୍ତି। ସେ 'ହୀରାମଣ୍ଡି' ସେଟରେ ୨୫ଟି କୁକୁର ରଖିଥିଲେ। ଯେତେବେଳେ ବି ସେ କୌଣସି କଥାକୁ ନେଇ ରାଗି ଯାଆନ୍ତି ବ୍ୟସ୍ତବିବ୍ରତ ହୋଇପଡ଼ନ୍ତି ? ସିନେମାର ଆସିଷ୍ଟାଣ୍ଟ ଡାଇରେକ୍ଟର ଭନସାଲିଙ୍କ ୨୫ଟି କୁକୁରକୁ ଏକାଠି ପଠାଇ ଦେଇଥାଆନ୍ତି। ଯାହାକୁ ଦେଖି ନିର୍ଦ୍ଦେଶକଙ୍କ ରାଗ ଶାନ୍ତ ହୋଇଯାଇଥାଏ। ସଞ୍ଜୟ ଲିଲା ଭନସାଲୀଙ୍କ ଆଉ ଗୋଟିଏ ମଜାଳିଆ ଅଭ୍ୟାସ ହେଉଛି ସେ ଦିନକୁ ତିନିଚାରିଥର ପୋଷାକ ପରିବର୍ତ୍ତନ କରିଥାଆନ୍ତି। ପୋଷାକ ପରିବର୍ତ୍ତନକୁ ନେଇ ସଞ୍ଜୟ କହିଥାଆନ୍ତି, 'ଯେତେଥର ସେ ପୋଷାକ ପରିବର୍ତ୍ତନ କରିଥାଆନ୍ତି ତାଙ୍କ ମନକୁ ଏକ ନୂଆ ଚିନ୍ତାଧାରା ଆସିଥାଏ। ଯାହାକୁ ସେ କାମରେ ଲଗାଇ ଥାଆନ୍ତି।'

# ରୁବିନାଙ୍କ ପୂର୍ବତନ ପ୍ରେମିକାଙ୍କୁ ଅଭିନବ କହିଲେ, 'ମୋ ସ୍ତ୍ରୀ କ'ଣ ମୋତେ ବୁଝାଇବା ଆବଶ୍ୟକ ନାହିଁ'



ଅଭିନେତ୍ରୀ ରୁବିନା ଦିଲେକଙ୍କ ସ୍ୱାମୀ ଅଭିନବ ଶୁକ୍ଲା ଅବିନାଶ ସଚଦେବଙ୍କୁ କଡ଼ା ଜବାବ ଦେଇଛନ୍ତି। ଅବିନାଶ ସଚଦେବ ହେଉଛନ୍ତି ରୁବିନାଙ୍କ ପୂର୍ବତନ ପ୍ରେମିକ।

ଅବିନାଶ ବିଗବସ ଓଟିଟି-୨ରୁ ବାହାରକୁ ଆସିବା ପରେ ରୁବିନା ସୁରକ୍ଷିତ ନାହାନ୍ତି ବୋଲି ଏକ ବିବୃତ୍ତି ଦେଇଥିଲେ। ଏହାକୁ ନେଇ ଅଭିବନ ଅବିନାଶଙ୍କୁ ଏବେ ଜବାବ ଦେଇ ପୁରୁଷ ହୋଇ ରହିବାକୁ ପରାମର୍ଶ ଦେଇଛନ୍ତି।

ଅବିନାଶ ବିଗବସ ଓଟିଟିରୁ ବାହାରକୁ ଅସିବା ପରେ କହିଥିଲେ, 'ମୋତେ ଯେତେବେଳେ ରୁବିନା ଓ ମୋର ସମ୍ପର୍କ ବିଷୟରେ ପଚରାଯାଇଥିଲା। ମୁଁ କହିଥିଲି ଆମର ୨୦୧୨ ମସିହାରୁ ବ୍ରେକଅପ ହୋଇଯାଇଛି। ସେତେବେଳେ ରୁବିନାଙ୍କ ବୟସ ୨୨ବର୍ଷ ଥିବା ବେଳେ ମୋତେ ୨୫ବର୍ଷ ହୋଇଥିଲା। ତେଣୁ ଏବୟସରେ ଭୁଲ ହେବାର ଅନେକ ସମ୍ଭାବନା ରହିଥାଏ। କିନ୍ତୁ ଶୁକ୍ଳା ଏବେ କାହିଁକି ପ୍ରତିକ୍ରିୟା ଦେଉଛନ୍ତି। ଯଦି କିଛି ଆପତ୍ତି ଥିଲା ମୋତେ ସେତେବବେଳେ ହିଁ କହି ଦେଇଥାଆନ୍ତେ। ମୁଁ କେଉଁ କଥା କେଉଁ ଉଦ୍ଦେଶ୍ୟରେ କହିଥିଲି ତାହା ସେତେବେଳେ ଜଣାପଡ଼ି ଯାଇଥାଆନ୍ତା। ଅଭିନବ ଶୁକ୍ଲା ଅବିନାଶଙ୍କ ପ୍ରତିକ୍ରିୟାକୁ ନେଇ ଅନେକଦିନ ପରେ ପ୍ରତିକ୍ରିୟା ଦେଇ କହିଛନ୍ତି, 'ଇଏ କୌଣସି କାମରେ ଆସିବ ନାହିଁ। ତୁମେ ପୁରୁଷ ହୋଇ ରୁହ। ମୋତେ ବୁଝାଅ ନାହିଁ ମୋ ସ୍ତ୍ରୀ କେମିତି। ଅତିଥ କଥା ମନେପକାଇବାର ଏବେ କୌଣସି କାରଣ ନାହିଁ। ଅଭିନବ ଶୁକ୍ଲାଙ୍କ ସହିତ ରୁବିନାଙ୍କ ୨୦୧୮ରେ ବିବାହ ହୋଇଥିଲା। ଦୁହେଁ ନିକଟରେ ଯାଆଁଳା ସନ୍ତାନଙ୍କୁ ସ୍ୱାଗତ କରି ଏକ ନୂଆ ଜୀବନ ଆରମ୍ଭ କରିଛନ୍ତି।

# 'ବାଜିଗର'ରୁ କାଜୋଲଙ୍କୁ ଆଉଟ୍ କରିବାକୁ ଚାହୁଁଥିଲେ ମ୍ୟୁଜିକ ଡାଇରେକ୍ଟର

ବଲିଉଡର ଦମଦାର ଅଭିନେତ୍ରୀ କାଜୋଲଙ୍କ ନାଁରେ ରହିଛି ବହୁ ସୁପରହିଟ୍ ଫିଲ୍ମ । ସେଥିମଧ୍ୟରୁ 'ବାଜିଗର' ଗୋଟିଏ। ତାଙ୍କ କ୍ୟାରିଅର ଦ୍ୱିତୀୟ ଫିଲ୍ମ ଥିଲା 'ବାଜିଗର'। କାଜଲ, ଶାହରୁଖ ଓ ଶିଳ୍ପା ସେଟ୍ଟିଙ୍କ ଅଭିନୀତ ଏହି ରୋମାଣ୍ଟିକ ଥ୍ରୀଲରକୁ ଦର୍ଶକ ଖୁବ୍ ଭଲ ପାଇଥିଲେ। ବକ୍ସ ଅଫିସରେ ଏହା ଭଲ ବ୍ୟବସାୟ କରିଥିଲା ଓ ସୁପରହିଟ୍ ହୋଇଥିଲା। ଫିଲ୍ମର ଗୀତଗୁଡ଼ିକ ବହୁତ ଲୋକପ୍ରିୟ ହୋଇଥିଲା। ଆଜି ବି ଏହି ଗୀତଗୁଡ଼ିକୁ ଲୋକେ ଶୁଣିବାକୁ ଭଲ ପାଆନ୍ତି। ଅନୁ ମଲିକ ଥିଲେ ଏହି ଫିଲ୍ମର ସଙ୍ଗୀତ ନିର୍ଦ୍ଦେଶକ। ତେବେ ଫିଲ୍ମର ନିର୍ଦ୍ଦେଶକ ଆବାସ-ମସ୍ତାନ ପ୍ରଥମରୁ ତାଙ୍କୁ ନେଇ ନଥିଲେ। ସେ ପରେ ଏଣ୍ଟ୍ରୀ ମାରିଥିଲେ।

'ଆଶିକି', 'ସାଜନ' ଓ 'ସଡ଼କ' ପରି ସୁପରହିଟ ଫିଲ୍ମର ମ୍ୟୁଜିକ ଦେଇଥିବା ନଦୀମ-ଶ୍ରବଣ ହିଁ ପ୍ରଥମେ ବାଜିଗର ଫିଲ୍ମର ମ୍ୟୁଜିକ ଦେବା ପାଇଁ ଫାଇନାଲ ହୋଇଥିଲେ। ଫିଲ୍ମର ଡାଇରେକ୍ଟର ଆବାସ-ମସ୍ତାନ ଏଥିନିମନ୍ତେ ନଦୀମ-ଶ୍ରବଣଙ୍କ ସହ ଡିଲ୍ କରିଥିଲେ। ନଦୀମ-ଶ୍ରବଣ ବି ଏଥିନିମନ୍ତେ ଗ୍ରୀନ୍ ସିଗନାଲ ଦେଇଥିଲେ। ମାତ୍ର କାଜୋଲ ଏହି ଫିଲ୍ମର ଫିମେଲ ଲିଡ ରୋଲ ପ୍ଲେ କରୁଥିବା ଜାଣିବା ପରେ ଆବାସ-ମସ୍ତାନଙ୍କୁ ଅଲଟିମେଟମ୍ ଦେଇଥିଲେ ନଦୀମ-ଶ୍ରବଣ। କିନ୍ତୁ ଫିଲ୍ମର ଡାଇରେକ୍ଟର କାଜୋଲଙ୍କୁ ରିପ୍ଲେସ୍ କରିବା ମୁଡ୍‌ରେ ନ ଥିଲେ। ଫିଲ୍ମ ହେବ ତ କାଜୋଲ ହିଁ ଫିମେଲ ଲିଡରେ ରହିବେ ବୋଲି ସେମାନେ ଶୁଣାଇ ଦେଇଥିଲେ।

ଏହାପରେ ନଦୀମ- ଶ୍ରବଣ 'ବାଜିଗର' ଫିଲ୍ମ ଅଫରକୁ ଛାଡ଼ି ଦେଇଥିଲେ। ଏହା ପରେ ସଙ୍ଗୀତ ନିର୍ଦ୍ଦେଶକ ଭାବେ ଅନୁ ମଲିକଙ୍କୁ ଫାଇନାଲ କରାଯାଇଥିଲା। ଶୁଣିବାକୁ ମିଳେ, ନଦୀମ-ଶ୍ରବଣଙ୍କର କାଜୋଲ ଓ ତାଙ୍କ ମା' ତନୁଜାଙ୍କ ସହ ମନୋମାଳିନ୍ୟ ହୋଇଥିଲା। ଥରେ ଉଭୟ ତନୁଜାଙ୍କ ଘରକୁ ଯାଇଥିବା ବେଳେ ସେଠାରେ ମା'ଝିଅଙ୍କ ବ୍ୟବହାର ସେମାନଙ୍କୁ ଠିକ୍ ଲାଗି ନଥିଲା। ଉଭୟ ସେଠାରେ ଅପମାନିତ ହୋଇଥିବା ଅନୁଭବ କରିଥିଲେ। ତେଣୁ ସେମାନେ କାଜୋଲଙ୍କୁ 'ବାଜିଗର' ଫିଲ୍ମରୁ ଆଉଟ କରିବାକୁ ଚାହୁଁଥିଲେ। ଦୀର୍ଘବର୍ଷ ପରେ ଏକ ସାକ୍ଷାତକାରରେ ଫିଲ୍ମ ଡାଇରେକ୍ଟର ଆବାସ-ମସ୍ତାନ ଏହା ଉପରୁ ପରଦା ହଟାଇଛନ୍ତି।



# ବଲାଙ୍ଗିର ରେଲୱେ ଷ୍ଟେସନ ବରିଷ୍ଠ ମାନଙ୍କ ପାଇଁ ମରଣଯନ୍ତା

ବଲାଙ୍ଗିର , ୦୯/୫ (ନି.ପ୍ର): ବଲାଙ୍ଗିର ରେଲୱେ ଷ୍ଟେସନ ଗତ କେତେ ଦିନ ହେଲା ଶିଶୁ ମହିଳା ବିକଳାଙ୍ଗ ବରିଷ୍ଠ ନାଗରିକ ମାନଙ୍କ ପାଇଁ ମରଣ ଯନ୍ତା ହୋଇଛି । ଦେଶର ଯେଉଁ କେତେଟା ଅମୃତ ଭାରତ ଷ୍ଟେସନ ନାମରେ ଭଙ୍ଗା ଯାଇ ନୂତନ ଯୋଜନା ଅନୁସାରେ ନୂଆ କାମ ହେବାକୁ ଯାଉଛି ତାହା ମଧ୍ୟରେ ବଲାଙ୍ଗିର ଅନ୍ୟତମ। ପୁରୁଣା ୧୯୬୩ ରେ ନିର୍ମିତ ଓ ପରେ ପରେ ଉନ୍ନୀତ ହୋଇଥିବା ବଲାଙ୍ଗିର ଷ୍ଟେସନର ୧ ନମ୍ବର ପ୍ଲାଟଫର୍ମ ଉପରେ ଥିବା ପୁରାତନ ବିଲ୍ଡିଂ ଓ ଘର ମାନଙ୍କୁ ଭାଙ୍ଗି ଦିଆଯାଇ ଥିବା ବେଳେ ଅସୁରକ୍ଷିତ ଭାବରେ ପ୍ଲାଟଫର୍ମ କୁ ଅଧା ଅଞ୍ଚଳ କୁ ଆଇରନ ପ୍ଲେଟ ଗୁଡ଼ିକ ଲଗାଇ ଷ୍ଟେସନ ମୁଖ୍ୟ ଦ୍ୱାରକୁ ବନ୍ଦ କରି ଦିଆଯାଇଛି ।ନୂତନ ଅସ୍ଥାୟୀ ଭାବରେ ଜି ଆର ପି ଟ୍ରେନିଂ ସେଣ୍ଟର୍ ରାସ୍ତା କୁ ମୁଖ୍ୟ ଦ୍ୱାର ଭାବରେ ବ୍ୟବହାର କରିବା କୁ ଅସ୍ଥାୟୀ ରାସ୍ତା କରାଯାଇଥିବା ବେଳେ ସବୁ ଅଞ୍ଚଳ ଆବୁଡ଼ା ଖାବୁଡ଼ା ହୋଇ ଅଧ ଭଙ୍ଗା ଖାଲ ଖମା ରେ ଭର୍ତ୍ତି ହୋଇ ଥିବା ଯୋଗୁଁ ବରିଷ୍ଠ ନାଗରିକ ମହିଳା ଶିଶୁ ବିକଳାଙ୍ଗ ମାନେ ଦିନ ପ୍ରତିଦିନ ରାସ୍ତା ଖୋଜିବା କୁ ଓ ପ୍ଲାଟଫର୍ମ ଭିତରକୁ ଓ ଗାଡି ରୁ ଓହ୍ଲାଇ ବାହାରକୁ ଯିବା ବେଳେ ଅସୁବିଧାର ସମ୍ମୁଖୀନ ହୋଇ ପ୍ଲାଟଫର୍ମ ଭିତରେ ବାହାରେ ପଡ଼ି ଯାଇ ଖଣ୍ଡିଆ ଖାବରା ହେଉଥିବା ଦେଖା ଯାଉଚି । ରେଳ ବିଭାଗ ନୂଆଁ କରିବା ପାଇଁ ପୁରାତନ ଷ୍ଟେସନ ବିଲଡିଂ କୁ ନଭାଙ୍ଗି ଏହାକୁ ହେରିଟେଜ ଷ୍ଟେସନ ଭାବରେ ରଖାଯାଇ ରେଳ ବିଭାଗ ପାଖରେ ଥିବା ଅନେକ ବିସ୍ତୀର୍ଣ୍ଣ ଅଞ୍ଚଳ ଏପରିକି ଷ୍ଟେସନ ରୁ ଗୋଟିଏ ଦୁଇ କିଲୋମିଟର ଆଗକୁ କିମ୍ବା ଅପର ପଟେ ନୂତନ ଷ୍ଟେସନ ନିର୍ମାଣ କାମ କରିଥିଲେ ଏହି ଅସୁବିଧା ହୋଇ ନ ଥାନ୍ତା ନୂତନ କାମ ସରିବା ପରେ ତାକୁ ବ୍ୟବହାର କରାଯାଇ ପାରିଥାନ୍ତା । ବ୍ୟବସାୟିକ ଦୃଷ୍ଟିରୁ ନୂତନ ଅଞ୍ଚଳ ବିଭାଗକୁ ମିଳିଥାନ୍ତା । ଭଙ୍ଗା ନିର୍ମାଣ ରେ ସମୟ ଓ ଅର୍ଥ ବିନିଯୋଗ କମ୍ ହୋଇ ବିଭାଗ କୁ ଲାଭ ହେବା ସଙ୍ଗେ ସଙ୍ଗେ ଅଯଥା ପୁରାତନ ନିର୍ମାଣ ନଷ୍ଟ ହୋଇ ନଥାନ୍ତା । ଏବେ ରେଳ ଷ୍ଟେସନ ଓ ପାର୍କିଂ ଏରିଆ ମଧ୍ୟରେ ଗୋଟିଏ କିଲୋମିଟର ରୁ ଅଧିକ ଦୂରତା ରହୁଚି ଗୋଟିଏ ପଟେ ସାଇକେଲ ଓ ବାଇକ୍ ମୋଟର ସାଇକେଲ ପାର୍କିଂ ଥିବା ବେଳେ ଅନ୍ୟ ପଟେ ଷ୍ଟେସନ ର ପ୍ରବେଶ ପଥ ରହିଛି। ପ୍ରବେଶ ପଥଟି ଆଗରେ ଯିବା ଆସିବା କମ ସ୍ଥାନ ଥିବା ବେଳେ ଏଠାରେ ଡ୍ରପ ଆଣ୍ଡ ବେକ ପାଇଁ ସ୍ଥାନ ଅଭାବ ରହୁଚି ଆଗରୁ ୫/ ୧୦ ମିନିଟ ଲାଗୁଥିବା ଯିବା ଆସିବା କାମ ଏବେ ୨୦ ମିନିଟ ଲାଗୁଚି। ଜଣେ ବାଇକ୍ ରଖି ବୁକିଂ ରୁ ଟିକଟ ନେଇ ଗାଡି ପାଖକୁ ଯିବାକୁ ଅଧଘଣ୍ଟା ଲାଗୁଚି । ତେଣୁ ଲୋକଙ୍କ ସୁବିଧା ଜନକ ସ୍ଥିତିର ବ୍ୟବସ୍ଥା କରାଯିବାକୁ ଦାବି ହେଉଛି । ଏପଟେ ୧ ନମ୍ବର ପ୍ଲାଟଫର୍ମ ଉପରେ କାମ ହେଉଥିବା ବେଳେ ୨ ନମ୍ବର ପ୍ଲାଟଫର୍ମ ଉପରେ ଥିବା ସେଡ (ଛାଉଣୀ )ଗୁଡ଼ିକ ର ଉପର ଛାଉଣୀ ଏହି ଖରା ଦିନ ରେ କାହିଁକି ବାହାର କରି ଦିଆ ଯାଇଛି ବୁଝା ପଡୁନାହିଁ। ବଲାଙ୍ଗିର ଜିଲ୍ଲା ରେ ୪୪ / ୪୫ ଡିଗ୍ରୀ ଉତ୍ତାପ ରେ ଯାତ୍ରୀ ମାନଙ୍କ ଅସୁବିଧା ପ୍ରତି ବିଭାଗ ସାମାନ୍ୟ ତମ ଧ୍ୟାନ ନଦେଇ ବିଭାଗୀୟ ଅଧିକାରୀ ବୈଷୟିକ କର୍ମଚାରୀଙ୍କ ବେପରୁଆ କାମ ପାଇଁ ଅସନ୍ତୋଷ ପ୍ରକାଶ ପାଉଛି । ରେଳ ବିଭାଗ ରେ ବିଭିନ୍ନ ସମୟରେ ଭାଙ୍ଗିବା ନିର୍ମାଣ କରିବା ସେଥିରେ ପୁଣି ନିର୍ମାଣ କାମ ରେ ଜଳ ସିଞ୍ଚନ ନକରି ନିର୍ମାଣ କାମ କୁ ଅସ୍ଥାୟୀ ଯେପରି କରା ଯାଇଥାଏ। ରେଳ ବିଭାଗ ଉପରେ ଦୈନିକ ଲକ୍ଷ ଲକ୍ଷ ଲୋକ ନିର୍ଭର କରି ଏହା ବ୍ୟବହାର କରୁଥିବା ବେଳେ ବିଭାଗୀୟ କର୍ମଚାରୀ ମାନେ ବେପରୁଆ ମନୋଭାବ ଦେଖଉଛନ୍ତି । ଭାଙ୍ଗିବା କରିବା ରେ ବିଭାଗୀୟ ଅଧିକାରୀ ମାନଙ୍କ ଉଦ୍ଦେଶ୍ୟ କଣ ସବୁଦିନିଆ ମଜଭୁତ କାମ ନକରି କେବଳ କାମ କରିଗଲେ ତାହା କେତେ ଦିନ ରହିବ। ଏବେ ଭଙ୍ଗାଯାଉଥିବା ପୁରାତନ କାମକୁ ଭାଙ୍ଗିବା ବେଳେ ବଡ଼ ବଡ଼ ମେସିନ ପାରୁ ନଥିଲା ବେଳେ ନୂଆଁ କାମ ସେପରି ହେବଟି। ଭୁବନେଶ୍ୱର ରେ ଷ୍ଟେସନ କୁ ୱାର୍ଲ୍ଡ କ୍ଲାସ କରିବା କୁ ୪ରୁ ୫ ବର୍ଷ ହେଲା କାମ ଅଗ୍ରଗତି କରି ପାରୁନଥିଲା ବେଳେ ଏହି ମାସ ରେ ଆରମ୍ଭ ହୋଇଥିବା କାର୍ଯ୍ୟ କେବେ ସରିବ ବଲାଙ୍ଗିର ଲୋକେ କେବେ ଆଧୁନିକ ସୁବିଧା ସମ୍ପନ୍ନ ରେଳ ଷ୍ଟେସନ କେତେ ଦିନକୁ ପାଇବେ ତାହା ଦେଖିବାକୁ ବାକି ରହିଲା।

# ଶୁଖୁଛି ସତୀଗୁଡ଼ା ଡ୍ୟାମ: ଜଳ ସଂକଟ ବଢ଼ିବ, ଜଳସେଚନ ପ୍ରଭାବିତ ସହ ମତ୍ସ୍ୟଜୀବୀ ଜୀବିକା ହରାଇବେ



ମାଲକାନଗିରି, ୦୯/୫ (ନି.ପ୍ର): ମାଲକାନଗିରି ଜିଲ୍ଲାରେ ଗ୍ରୀଷ୍ମ ପ୍ରବାହ ବଢ଼ିବାରେ ଲାଗିଛି। ମଙ୍ଗଳବାର ଝିପିଝିପି ବର୍ଷା ହେବା ପରେ ତାପମାତ୍ରା କିଛିକାଂଶରେ କମିଥିଲା। କିନ୍ତୁ ପୁଣି ଗରମ ଫେରିଛି। ଫଳରେ ସହର ନିକଟସ୍ଥ ସତୀଗୁଡ଼ା ଜଳଭଣ୍ଡାରର ଜଳ କ୍ରମଶଃ ହ୍ରାସ ପାଉଛି। ଏହି ସତୀଗୁଡ଼ାର ଜଳ ହିଁ ସାରା ମାଲକାନଗିରି ସହରକୁ ପାଣି ଯୋଗାଉଛି। ଏଥିସହ ଜଳସେଚନ ପାଇଁ ମଧ୍ୟ ଏହି ଜଳ ହିଁ ବ୍ୟବହାର ହେଉଛି। ତେବେ ଜିଲ୍ଲାର ଅନ୍ୟ ବ୍ଲକଗୁଡ଼ିକରେ ବର୍ଷାର ପରିମାଣ ଅଧିକା ଥିବା ବେଳେ ମାଲାକନଗିରିରେ ନାହିଁ।ଫଳରେ ସତୀଗୁଡା ଡ୍ୟାମର ଜଳ କମୁଥିବାରୁ ଲୋକେ ପିଇବା ପାଣି ପାଇଁ ନାହିଁ ନଥିବା ହଇରାଣ ହେବେ ବୋଲି କୁହାଯାଉଛି। ପ୍ରକାଶ ଥାଉକି ସତୀଗୁଡା ଡ୍ୟାମର ଜଳସ୍ତର ୧୯୨.୬୩ ଆରଏଲ ମିଟର ଥିବା ବେଳେ ବର୍ତ୍ତମାନ ତାହା ହ୍ରାସ ପାଇ ୧୮୫ ଆରଏଲ ମିଟର ତଳକୁ ଖସିଆସିଛି। ବର୍ତ୍ତମାନ ପର୍ଯ୍ୟନ୍ତ ବର୍ଷାର ଦେଖା ନାହିଁ। ଜଳସ୍ତର ହ୍ରାସ ପାଉଥିବାରୁ ସହର ବାସିନ୍ଦା ଏବଂ ଚାଷ ଜମିକୁ ଜଳ ଯୋଗାଣ ହୋଇପାରିବ ନାହିଁ ବୋଲି ଆଶଂକା କରାଯାଉଛି।ସହରର ୧୯ଟି ୱାର୍ଡରେ ବାସ କରୁଥିବା ପ୍ରାୟ ୬୦ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କୁ ପ୍ରତିଦିନ ୭୦ ଲକ୍ଷ ଲିଟର ପାଣି ଦରକାର ପଡୁଥିବା ବେଳେ ଏହା ପ୍ରଭାବିତ ହେବ। ଏଥିସହ ରବି ଋତୁରେ ୪୫୩୫ ହେକ୍ଟର ଏବଂ ଖରିପ ଋତୁରେ ୯୦୬୫ ହେକ୍ଟର ଜମିକୁ ଜଳସେଚନ କରାଯାଉଥିବା ବେଳେ ଚାଷୀକୂଳ ହଇରାଣରେ ପଡିବେ। ପୁଣି ଜଳଭଣ୍ଡାର ଉପରେ ନିର୍ଭର କରୁଥିବା ଏକ ହଜାରରୁ ଊର୍ଦ୍ଧ୍ୱ ମତ୍ସ୍ୟଜୀବୀ ମଧ୍ୟ ନିଜର ଜୀବିକା ହରାଇବେ ବୋଲି କୁହାଯାଇଛି। ପୁଣି ସତୀଗୁଡ଼ା ଡ୍ୟାମ ଧୀରେଧୀରେ ପୋତି ହେବାକୁ ବସିଲାଣି। ଉଚିତ ରକ୍ଷଣାବେକ୍ଷଣ ଅଭାବରୁ ଏଭଳି ସ୍ଥିତି ଉପୁଜୁଥିବା କୁହାଯାଇଛି, ଯେଉଁ ଉଦେଶ୍ୟ ନେଇ ଏହି ଡ୍ୟାମ ନିର୍ମାଣ କରାଯାଇଥିଲା ତାହା ଏବେ ଫଳପ୍ରଦ ହେଉନଥିବା ଦେଖିବାକୁ ମିଳିଛି। ବିଭାଗୀୟ ଅଧିକାରୀଙ୍କ ଅବହେଳା ଜଳ ଜଳ ଦିଶୁଛି। ସତୀଗୁଡ଼ା ଡ୍ୟାମର ପୁନଃ ଉଦ୍ଧାର ନାମରେ କୋଟି କୋଟି ଟଂକା ପ୍ରତିବର୍ଷ ଖର୍ଚ୍ଚ ହେଉଥିଲେ ମଧ୍ୟ ଏହା କେବଳ କାଗଜ କଲମରେ ସୀମିତ ହୋଇ ରହିଯାଇଛି। ଏହି ପୁରାତନ ଜଳଭଣ୍ଡାର ଉପରେ ରାଜ୍ୟ ସରକାରଙ୍କର ଦୃଷ୍ଟି ନପଡିଲେ ଏହା ଧୀରେଧୀରେ ପୋତି ହେବ ବୋଲି ଆଶଂକା କରାଯାଇଛି।

# ଜିଲ୍ଲା ସ୍ତରୀୟ ବିଶ୍ୱ ରେଡ଼କ୍ରସ ଦିବସ ପାଳିତ

ମାଲକାନଗିରି, ୦୯/୫ (ନି.ପ୍ର): ମାଲକାନଗିରି ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲା ସ୍ତରୀୟ ବିଶ୍ୱ ରେଡ଼କ୍ରସ ଦିବସ ଜିଲ୍ଲା ପ୍ରଶାସନ ଓ ମାଲକାନଗିରି ଜିଲ୍ଲା ଯୁବ ରେଡ଼କ୍ରସର ମିଳିତ ଆନୁକୂଲ୍ୟରେ ପାଳିତ ହୋଇଯାଇଛି। ପ୍ରଥମେ ମୁଖ୍ୟ ଅତିଥିଙ୍କ ଦ୍ୱାରା ରେଡ଼କ୍ରସର ପତାକା ଉତ୍ତୋଳନ କରାଯାଇଥିଲା। ମହାବିଦ୍ୟାଳୟର ଅଧକ୍ଷ ଲିଙ୍ଗରାଜ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପ୍ରଥମେ ରେଡ଼କ୍ରସର ପ୍ରତିଷ୍ଠାତା ସାର ଜିନ ହେନେରୀ ଡୁନାଣ୍ଟଙ୍କ ଫୋଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ତତପରେ ମହାବିଦ୍ୟାଳୟର ଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ କରାଯିବା ପରେ ଜିଲ୍ଲା ଯୁବ ରେଡ଼କ୍ରସ ତଥା ଜିଲ୍ଲା ରେଡ଼କ୍ରସର ସମ୍ପାଦକ ଡକ୍ଟର ରଞ୍ଜନ କୁମାର ସ୍ୱାଇଁ ସ୍ୱାଗତ ଭାଷଣ ଦେବା ସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ସହକାରୀ ବନ ସଂରକ୍ଷଣ ଅଧିକାରୀ ମନସୁନ ଖେମୁଣ୍ଡୁ ତାଙ୍କ ଅଭିଭାଷଣରେ ରେଡ଼କ୍ରସ ଭଳି ଏକ ପବିତ୍ର ଅନୁଷ୍ଠାନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ପରିପ୍ରକାଶ କରିବା ସହିତ ଏଥିରେ ଯୋଗଦେବା ପାଇଁ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ ଦେଇଥିଲେ। ଜିଲ୍ଲା ଜୁନିୟର ରେଡ଼କ୍ରସ ଅଧିକାରୀ ରଶ୍ମି ରଞ୍ଜନ ଜେନା ରେଡ଼କ୍ରସର ପରିକଳ୍ପନା ଏବଂ ହେନେରୀ ଡୁନାଣ୍ଟଙ୍କ ସ୍ୱପ୍ନ କିପରି ପୃଥିବୀକୁ ଏକ ନୂତନ ଦିଶା ଦେଖାଇବ ସେ ବିଷୟରେ ଆଲୋକପାତ କରିଥିଲେ। ମୁଖ୍ୟ ବକ୍ତା ଭାବରେ ଜିଲ୍ଲାର ଅତିରିକ୍ତ ଆରକ୍ଷୀ ଅଧିକାରୀ ତପନ ନାରାୟଣ ରଥ ଯୋଗଦେଇ ଏଭଳି ଏକ ସେବା ଅନୁଷ୍ଠାନର ସମସ୍ତେ ଶ୍ରମଦାନ ସହିତ ଆର୍ଥିକ ସହଯୋଗ କରିବା ପାଇଁ ନିବେଦନ କରିଥିଲେ। ଶେଷରେ ମୁଖ୍ୟ ଅତିଥି ଅତିରିକ୍ତ ଜିଲ୍ଲାପାଳ ତଥା ଜିଲ୍ଲା ରେଡ଼କ୍ରସ ସୋସାଇଟିର ଉପସଭାପତି ବେଦବର ପ୍ରଧାନ ବିଭିନ୍ନ ପ୍ରକାର ସଂକଟର ମାନବିକତା ମୂଲ୍ୟବୋଧର ଅବକ୍ଷୟ ପୃଥିବୀକୁ ଉନ୍ନତି ପରିବର୍ତ୍ତେ ଆହୁରି ସଂକଟାପନ୍ନ କରି ଦେଉଛି !ତେଣୁ ନିଃସ୍ୱାର୍ଥପର ସେବା ମନୋବୃତ୍ତିକୁ ଉଜ୍ଜୀବିତ କରି ଛାତ୍ରଛାତ୍ରୀ ଏକ ନୂତନ ସମାଜ ଗଠନ ପାଇଁ ଆହ୍ୱାନ ଦେଇଥିଲେ। ଶେଷରେ ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ଅଶୋକ କୁମାର ଷଡ଼ଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ। ରେଡ଼କ୍ରସର ଧନ୍ୟବାଦ ତାଳି ମରାଯାଇ ସଭା ସାଙ୍ଗ କରାଯାଇଥିଲା । ଏଥିରେ ୨୦୦ ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ, ଅଧ୍ୟାପକ, ଅଧ୍ୟାପିକା,ଶିକ୍ଷକ ଶିକ୍ଷୟିତ୍ରୀ ତଥା ରେଡ଼କ୍ରସ ପ୍ରେମୀ ଯୋଗ ଦେଇଥିଲେ।

# ବଲାଙ୍ଗିର ଜଗନ୍ନାଥପଡ଼ା ରାମଲୀଳା ମଂଚରେ ଅଭିନୀତ ହେଲା ରାବଣ ବଧ

ବଲାଙ୍ଗିର, ୦୯/୫ (ନି.ପ୍ର): ଶେଷରେ ଧର୍ମର ଜୟ ହେଲା । ସୀତୟା ହରଣ, ରାବଣ ମରଣ ପ୍ରତିପାଦିତ ହେଲା ବଲାଙ୍ଗିର ଜଗନ୍ନାଥପଡ଼ା ରାମଲୀଳା ମଂଚରେ। ଗତରାତିରେ ରାବଣ ବଧ ମଂଚସ୍ଥ ହୋଇଥିବା ବେଳେ ହଜାର ହଜାର ଦର୍ଶକଙ୍କ ଭିଡ଼ ଦେଖିବାକୁ ମିଳିଥିଲା । ବଲାଙ୍ଗିର ବିଜେଡ଼ି ବିଧାୟକ ପ୍ରାର୍ଥୀ କଳିକେଶ ନାରାୟଣ ସିଂହଦେଓ ଗତରାତିରେ ରାମଲୀଳା ରେ ଉପସ୍ଥିତ ରହି କଳାକାରମାନଙ୍କୁ ଉତ୍ସାହିତ କରିଛନ୍ତି । ଆଜି ରାତିରେ ମଂଚସ୍ଥ ହେବ ରାମ ଅଭିଶେଷ ବୋଲି ରାମଜୀ ନାଟ୍ୟ ସଂସଦ ପକ୍ଷରୁ ସୂଚନା ଦିଆଯାଇଛି । ଏହି ରାମଲୀଳା ରେ ରାବଣ ଭୂମିକାରେ ଅଭିନୟ କରୁଛନ୍ତି ବଲାଙ୍ଗିରର ସୁନାମଧନ୍ୟ ସ୍ତ୍ରୀ ଓ ପ୍ରସୁତି ବିଭାଗ ବିଶେଷଜ୍ଞ ଡା. ରୁଦ୍ରନାରାୟଣ ପଟେଲ । ଚମତ୍କାର ଅଭିନୟରେ ଦର୍ଶକଙ୍କୁ ସମ୍ମୋହିତ କରୁଥିବା ଜଣାପଡ଼ିଛି। ରାମଲୀଳା ର ଗୁରୁ ବାଳମୁକୁନ୍ଦ ବେହେରାଙ୍କ ଦିଗ୍‌ଦର୍ଶନ ରେ କଳାକାରମାନେ ନିଖୁଣ ଜୀବନ୍ତ ଅଭିନୟ କରୁଥିବା ଦର୍ଶକମାନେ ମତ ପ୍ରକାଶ କରିଛନ୍ତି।

# ବିଜେପି ତରଫରୁ ନଗର କର୍ମକର୍ତ୍ତା ବୈଠକ

କେନ୍ଦ୍ରାପଡ଼ା, ୦୯/୫ (ନି.ପ୍ର): ବିଜେପି କେନ୍ଦ୍ରାପଡା ଟାଉନ ଶାଖା ତରଫରୁ ସ୍ଥାନୀୟ କାକଟ ଠାରେ କେନ୍ଦ୍ରାପଡା ପୌରାଂଚଳ ୨୧ଟି ୱାର୍ଡର ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ବିଧାନସଭା ସଂଯୋଜକ ଉପୀନ ରାଉତଙ୍କ ସଂଯୋଜନା ଓ ନଗର ସଭାପତି ପ୍ରଭାତ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଷ୍ଟ୍ରୀୟ ଉପାଧ୍ୟକ୍ଷ ତଥା ଲୋକସଭା ପ୍ରାର୍ଥୀ ବୈଜୟନ୍ତ ପଣ୍ଡା, ବିଧାୟକ ପ୍ରାର୍ଥୀ ଗୀତାଞ୍ଜଳୀ ସେଠୀ, ଲୋକସଭା ପ୍ରଭାରୀ ବିନୋଦ ଦାସ, ସଂଯୋଜକ ସୁନାକର ବେହେରା, ଜିଲ୍ଲା ଉପ ସଭାପତି ଅଭିମନ୍ୟୁ ଗୋଛାୟତଙ୍କ ସମେତ ସୁରତ ସେଠୀ, ଚନ୍ଦନ ପାତ୍ର, ନଗର ସଭାପତି ପ୍ରମୋଦ ମହାନ୍ତି ପ୍ରମୁଖଙ୍କ ସହ ଶତାଧିକ କର୍ମୀ ଯୋଗଦେଇ ଭାରତୀୟ ଜନତା ପାର୍ଟିର ପ୍ରାର୍ଥୀ ମାନଙ୍କୁ ପଦ୍ମଫୁଲ ଚିହ୍ନରେ ବହୁ ସଂଖ୍ୟାରେ ଭୋଟ ଦେଇ ଜିତାଇବା ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନାରା ଅବକି ବାର ୪୦୦ ପାରକୁ ସଫଳ କରିବା ସହ ଓଡିଶାରେ ସରକାର କରିବାର ସଂକଳ୍ପ ନେଇଛନ୍ତି । କାର୍ଯ୍ୟକ୍ରମରେ ରାଷ୍ଟ୍ରୀୟ ଉପାଧ୍ୟକ୍ଷ ଶ୍ରୀ ପଣ୍ଡା ନିଜ ବକ୍ତବ୍ୟରେ ବିଜେପିର ଲକ୍ଷ୍ୟ ଓ ଆଦର୍ଶ ଜଣସ୍ୱୀ ପ୍ରଧାନମନ୍ତ୍ରୀଙ୍କ ବିକାଶ ଧାରାକୁ ସାକାର କରିବା ନିମନ୍ତେ ଏକାଠି ହୋଇ ବିଜେପିର ଡବଲ ଇଞ୍ଜିନ ସରକାର କରିବା ପାଇଁ ୨ଗୋଟି ଭୋଟ ପଦ୍ମଫୁଲରେ ଦେବାପାଇଁ ଓଡିଶାର ଦୁଇଗୁଣ ବିକାଶର ଭାଗିଦାରୀ ହେବାକୁ ପ୍ରକାଶ କରିଥିଲ । ଆୟୋଜିତ କାର୍ଯ୍ୟକ୍ରମ ରେ ପୂର୍ବତନ କାଉନସିଲର ଜୟରାମ ବେହେରା, ସ୍ୱରାଜ ପତ୍ରୀ, ଚିନ୍ମୟ ଦାସ, ସଲିମ ଖାନ, ବିନୋଦ ବେହେରା, ନେହେରୁ କୁମାର ସାହୁ, ନୃସିଂହ ପ୍ରସାଦ ପତ୍ରୀ, ଅଶୋକ କୁମାର ସୁଆର, ଉମାକାନ୍ତ ଦାସ, ରାଜେନ୍ଦ୍ର ପତି, ଅମିତାବ ସୁଆରଙ୍କ ସମେତ ବହୁ ଦଳୀୟ କର୍ମୀ ଉପସ୍ଥିତ ଥିଲେ । ଏହି ଅବସର ରେ କେନ୍ଦ୍ରାପଡା ନଗରର ସତ୍ୟ ନାରାୟଣ ପତି, ନାରାୟଣ ପୃଷ୍ଟି, ନରହରି ପତି, ସଚ୍ଚିଦାନନ୍ଦ ବେହେରା, ଅଭିମନ୍ୟୁ ଗୋଛାୟତ ପ୍ରମୁଖ ପୁରୁଖା କାର୍ଯ୍ୟକର୍ତାମାନଙ୍କୁ ଉତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇ ଥିଲା ।

# ସ୍ୟାଡୋ ଅବଜରଭେସନ ରେଜିଷ୍ଟର ପାଇଁ ପରାମର୍ଶ

ପୁରୀ , ୦୯/୫ (ନି.ପ୍ର): ନିର୍ବାଚନ ରେ ସ୍ୟାଡୋ ଅବଜରଭେସନ ରେଜିଷ୍ଟର ମାଧ୍ୟମରେ ଖର୍ଚ୍ଚ ର ହିସାବ ଲିପିବଦ୍ଧ କରିବାକୁ ପରାମର୍ଶ ଦେଇଛନ୍ତି ଖର୍ଚ୍ଚ ପର୍ଯ୍ୟବେକ୍ଷକ ସୁଧାଂଶୁ ଧର ମିଶ୍ର ।ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ ଅନୁସାରେ ରାଜନୈତିକ ଦଳ ବା ପ୍ରାର୍ଥୀ ମାନଙ୍କର ଦୈନନ୍ଦିନ ଖର୍ଚ୍ଚ ର ହିସାବ ଲିପିବଦ୍ଧ ରହିବା ଜରୁରୀ। ଯଦିଓ ପ୍ରାର୍ଥୀ ବା ଦଳ ଏହାକୁ ଲିପିବଦ୍ଧ କରୁଥାନ୍ତି ତେବେ ଆକାଉଟିଂ ଟିମ ମାଧ୍ୟମରେ ଏହାକୁ ସ୍ୟାଡୋ ଅବଜରଭେସନ ରେଜିଷ୍ଟର ବା ଏକ ଛାୟା ହିସାବ ଖାତା ରେ ନିର୍ବାଚନ କୁ ଶୃଙ୍ଖଳିତ ଭାବେ ସମ୍ପର୍ଣ୍ଣ ପାଇଁ ନିୟୋଜିତ ବିଭିନ୍ନ ଟିମ ପଠାଉଥିବା ତଥ୍ୟ, ଫଟୋ, ଭିଡିଓ ଆଧାର ରେ ପ୍ରସ୍ତୁତ କରାଯିବ ।ପ୍ରାର୍ଥୀ ତାଙ୍କର ନିର୍ବାଚନ ହିସାବ ଦାଖଲ ସମୟରେ ସ୍ୟାଡୋ ଅବଜରଭେସନ ରେଜିଷ୍ଟରକୁ ଅନୁଧାନ କରାଯିବ। ପ୍ରାର୍ଥୀ ଙ୍କ ହିସାବ ସହ ଏହାର ଅମେଳ ଦେଖାଗଲେ ପ୍ରାର୍ଥୀ ଙ୍କୁ ରିଟର୍ଣ୍ଣିଂ ଅଫିସର ଙ୍କ ମାଧ୍ୟମରେ ନୋଟିସ କରାଯିବ ।ଏହି ନୋଟିସ ର କପି ନୋଟିସ ବୋର୍ଡ ରେ ଲଗାଯିବ ।ସାଧାରଣ ଜନତା ଚାହିଁଲେ ପ୍ରତି କପି ପାଇଁ ୧ ଟଙ୍କା ହିସାବରେ ଏହାର ନକଲ ପାଇପାରିବେ। ସେହିପରି ପ୍ରାର୍ଥୀ ପ୍ରଦାନ କରୁଥିବା ସ୍ୱଟିକରଣକୁ ଏକ ଫୋଲ୍ଡର ମାଧ୍ୟମରେ ରଖାଯିବ ଓ ସ୍ୟାଡୋ ରେଜିଷ୍ଟର ରେ ଲିପିବଦ୍ଧ କରାଯିବ।ଏହା ମଧ୍ୟ ସାର୍ବଜନୀନ ପାଇଁ ନୋଟିସ ବୋର୍ଡ ରେ ଲଗାଯିବ। ସାଧାରଣ ବ୍ୟକ୍ତି ମଧ୍ୟ ପ୍ରତି ପୃଷ୍ଠା ୧ ଟଙ୍କା ହିସାବରେ ଏହାର କପି ପାଇପାରିବେ ବୋଲି ଖର୍ଚ୍ଚ ପର୍ଯ୍ୟବେକ୍ଷକ ଶ୍ରୀ ମିଶ୍ର ସୂଚନା ଦେଇଛନ୍ତି।

# କେନ୍ଦୁଝରର ୬ ବିଧାନସଭା ନିର୍ବାଚନ ମଣ୍ଡଳୀରେ ୬୨ ପ୍ରାର୍ଥୀ ଓ ସାଂସଦ ନିମନ୍ତେ ୧୧ ଜଣ ପ୍ରାର୍ଥୀ ରଣାଙ୍ଗନାରେ

କେନ୍ଦୁଝର , ୦୯/୫ (ନି.ପ୍ର): ୨୦୨୪ ସାଧାରଣ ଲୋକସଭା ନିର୍ବାଚନ ନିମନ୍ତେ କେନ୍ଦୁଝର ଜିଲ୍ଲାର ୬ ଟି ବିଧାନସଭା ନିର୍ବାଚନ ମଣ୍ଡଳୀ ରେ ସର୍ବମୋଟ ୬୨ ଜଣ ଓ ଲୋକସଭା ନିର୍ବାଚନ ମଣ୍ଡଳୀ ପାଇଁ ୧୧ ଜଣ ପ୍ରାର୍ଥୀ ନିର୍ବାଚନ ରଣାଙ୍ଗନାରେ ଅବତୀର୍ଣ୍ଣ ହୋଇଥିବା ବେଳେ ସେ ମଧ୍ୟରେ ସ୍ୱାଧୀନ ପ୍ରାର୍ଥୀ ରହିଛନ୍ତି ସର୍ବମୋଟ ୨୬ ଜଣ । ଇତି ମଧ୍ୟରେ ପ୍ରାର୍ଥୀ ମାନଙ୍କର ଯାଂଚ ଶେଷ ହେବାପରେ ଏବେ ଲୋକସଭା ପାଇଁ ବିଜେପି ରୁ ଅନନ୍ତ ନାଏକ , ବିଜେଡି ରୁ ଧନୁର୍ଜୟ ସିଦ୍ଧୁ , କଂଗ୍ରେସ ଦଳରୁ ବିନୋଦ ବିହାରୀ ନାଏକ , ମାନସ ଲୋକଶକ୍ତି ଦଳରୁ ସାହେବ ଜୁଆଙ୍ଗ , ଏସୟୁସିଆ ର ହରିହର ମୁଣ୍ଡା ଏବଂ ସ୍ୱାଧୀନ ପ୍ରାର୍ଥି ଭାବେ ଜନ ମିରନ ମୁଣ୍ଡା , ରଘୁମଣି ନାକେ , ସୁଶାନ୍ତ କୁମାର ନାଏକ ଓ ଲମ୍ବୋଧର ନାଏକ ପ୍ରାର୍ଥୀ ରହିଛନ୍ତି। ଅନୁରୁପ ଭାବେ ତେଲକୋଇ ନିର୍ବାଚନ ମଣ୍ଡଳୀରେ ବିଜେପି ରୁ ଡାକ୍ତର ଫକୀର ନାଏକ, ବିଜେଡିରୁ ମାଧବ ସର୍ଦ୍ଦାର, କଂଗ୍ରେସ ରୁ ନିର୍ମଳ ନାଏକ, ବହୁଜନ ସମାଜ ପାର୍ଟୀରୁ ଜଗନ୍ନାଥ ମାଝୀ, ରାଷ୍ଟ୍ରୀୟ ମାନବ ପାର୍ଟୀରୁ ଘନଶ୍ୟାମ ବାରିକ, ମାନସ ଲୋକଶକ୍ତି ଦଳରୁ ପ୍ରମୋଦ ଜୁଆଙ୍ଗ, ସ୍ୱାଧୀନ ପ୍ରାର୍ଥୀ ଅଜୟ କୁମାର ନାୟକ ପ୍ରାର୍ଥୀ ଅଛନ୍ତି । ଆନନ୍ଦପୁର ବିଧାନସଭା ନିର୍ବାଚନ ମଣ୍ଡଳୀରୁ ବିଜେଡି ର ଅଭିମନ୍ୟୁ ସେଠୀ , ବିଜେପିରୁ ଆଲୋକ ସେଠୀ , କଂଗ୍ରେସରୁ ଜୟଦେବ ଜେନା , ବହୁଜନ ସମାଜ ପାର୍ଟୀ ର ଦେବେନ୍ଦ୍ର ଜେନା , ଏସୟୁସିଆଇ ରୁ ନୀଳକଣ୍ଠ ଜେନା, ସ୍ୱାଧୀନ ପ୍ରାର୍ଥୀ ଝାନସୀରାଣୀ ଜେନା , ବିଶ୍ୱ ପ୍ରତାପ ଜେନା ପ୍ରାର୍ଥୀ ରହିଛନ୍ତି। ସଦର ନିର୍ବାଚନ ମଣ୍ଡଳୀରୁ ବିଜେଡି ରୁ ମୀନା ମାଝୀ , ବିଜେପି ରୁ ମୋହନ ମାଝୀ , କଂଗ୍ରେସ ରୁ ପ୍ରତିଭା ମଂଜରୀ ନାଏକ , ସ୍ୱାଧୀନ ପ୍ରାର୍ଥୀ ସସ୍ମିତା ମାଝୀ , ବହୁଜନ ସମାଜ ପାର୍ଟୀ ର ରାମ ପ୍ରସାଦ ହେମ୍ବ୍ରମ. ମାନସ ଲୋକଶକ୍ତି ଦଳରୁ ଗୋଳାପ ଜୁଆଙ୍ଗ, କଳିଙ୍ଗ ନ୍ୟାସନାଲ ଫ୍ରଟଂ ରୁ ଜୟକୃଷ୍ଣ ନାୟକ , ସ୍ୱାଧୀନ ପ୍ରାର୍ଥୀ ଜୀବନ ସିଂହ ମୁଣ୍ଡା, ଝରଣା ନାଏକ, ରାଜ କିଶୋର ମୁଣ୍ଡା ପ୍ରାର୍ଥୀ ରହିଛନ୍ତି । ଘଷିପୁରା ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ବିଜେଡି ରୁ ବଦ୍ରି ନାରାୟଣ ପାତ୍ର , ବିଜେପି ରୁ ଶମ୍ଭୁନାଥ ରାଉତ , କଂଗ୍ରେସ ରୁ ସୁବ୍ରତ ଚକ୍ର , ବହୁଜନ ସମାଜ ପାର୍ଟିରୁ ବିଚିତ୍ର ପାତ୍ର ,ମାନଓ ଲୋକଶକ୍ତି ଦଳରୁ ଖଟୁଆ ଜୁଆଙ୍ଗ , କଳିଙ୍ଗ ନ୍ୟାସନାଲ ଫ୍ରଂଟ ରୁ ଜଗବନ୍ଧୁ ମହାନ୍ତ , ଓଡିଶା ଜନତା ପାର୍ଟିରୁ ପ୍ରଭାସ କୁମାର ଦାସ ,ଆଜସୁ ପାର୍ଟିରୁ ରତ୍ନାକର ମହାନ୍ତ ,ସ୍ୱାଧୀନ ପ୍ରାର୍ଥି ଭାବେ ଜ୍ଞାନଲୋକ ପଣ୍ଡା, ଦେବେନ୍ଦ୍ରନାଥ ସ୍ୱାଇଁ ,ନରେନ୍ଦ୍ର ନାଥ ନାୟକ , ପ୍ରମିଳା ହାଂସଦା , ସୌମ୍ୟ ରଜଂନ ପଟ୍ଟନାୟକ ,ପ୍ରାର୍ଥୀ ରହିଛନ୍ତି । ଚମ୍ପୁଆ ବିଧାନସଭା ନିର୍ବାଚନ ମଣ୍ଡଳୀରୁ ବିଜେଡି ପ୍ରାର୍ଥି ଭାବେ ସନାତନ ମହାକୁଡ , ବିଜେପିରୁ ମୁରଲୀ ମନୋହର ଶର୍ମା ,କଂଗ୍ରେସରୁ ଯଶୋବନ୍ତ ନାରାୟଣସିଂ ଲାଗୁରୀ, ବହୁଜନ ସମାଜ ପାର୍ଟିରୁ ଜୟ ମୁଣ୍ଡା , ଆମ୍ବେଦକର ପାର୍ଟି ଅଫ ଇଣ୍ଡିଆରୁ ଅଙ୍କନ କୁମାର ଜୟସ୍ୱାଲ , ଇଣ୍ଡିଆନ ସିଟିଜେନ ପାର୍ଟିରୁ ବସନ୍ତ କୁମାର ମହାନ୍ତ ,ମାନସ ଲୋକଶକ୍ତି ଦଳରୁ ରଘୁନାଥ ନାୟକ ,ଆଜସୁ ପାର୍ଟିରୁ ସଂଜ କୁମାର ମହାନ୍ତ ,କିଙ୍ଗ ନ୍ୟାସନାଲ ଫ୍ରଂଟରୁ କ୍ଷୀତିଶ କୁମାର ମହାନ୍ତ ,ସ୍ୱାଧୀନ ପ୍ରାର୍ଥୀ ଭାବେ ଗୁରୁବକ୍ସ ସିଂହ ଆଲୁୱାଲିଆ , ଜାକିରଆସ କିସପଟ୍ଟା, ବାସମତୀ ମୁଣ୍ଡା , ବେଣୁଧର ମହାନ୍ତ, ସନ୍ତୋଷ କୁମାର ମହାପାତ୍ର , କ୍ଷୀରୋଦ କୁମାର ଗିରି ପ୍ରାର୍ଥୀ ଅଛନ୍ତି । ପାଟଣା ବିଧାନସଭା ନିର୍ବାଚନ ମଣ୍ଡଳୀରୁ ବିଜେଡି ପ୍ରାର୍ଥି ଭାବେ ଜଗନ୍ନାଥ ନାଏକ, ବିଜେପି ରୁ ଅଖିଳଚନ୍ଦ୍ର ନାଏକ , କଂଗ୍ରେସରୁ ହୃଷିକେଶ ନାଏକ, ବହୁଜନ ସମାଜପାର୍ଟିରୁ ଦୁର୍ଲଭ ନାଏକ, ମାନଓ ଲୋକଶକ୍ତି ଦଳରୁ ଧନେଶ୍ୱର ମୁଣ୍ଡାରି ,ଏସୟୁସିଆଇ କମ୍ୟୁନିଷ୍ଟରୁ ବେଣୁଧର ସର୍ଦ୍ଦାର ,ସ୍ୱାଧୀନ ଭାବେ ଅନିରୁଦ୍ଧ ନାଏକ, ଦତ ମୁଣ୍ଡା, ଦୀପକ କୁମାର ନାଏକ, ଲୋକନାଥ ନାଏକ ପ୍ରାର୍ଥି ହୋଇଛନ୍ତି ।

# ମହିଳା ଭୋଟରଙ୍କ ଉପରେ ବିଜେପିର ଫୋକସ

କେନ୍ଦ୍ରାପଡ଼ା, ୦୯/୫ (ନି.ପ୍ର): ଚଳିତ ନିର୍ବାଚନରେ ମହିଳା ଭୋଟର ମାନଙ୍କୁ ନିଜ ପକ୍ଷକୁ ଆଣିବା ପାଇଁ ବିଜେପି ପକ୍ଷରୁ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରାଯାଇଛି । ବିଜେପି ପ୍ରଭାରୀ ନାରୀନେତ୍ରୀ ଡ଼ଃ ଜ୍ୟୋସ୍ନାରାଣୀ ଜେନା ଏନେଇ କେନ୍ଦ୍ରାପଡା ବ୍ଲକର ଢୋଲ, ଜମରା, କନ୍ତିଆ, ଚାରିଗାଁ ପ୍ରଭୃତି ପଂଚାୟତ ମାନଙ୍କରେ ମହିଳା ମାନଙ୍କୁ ସ୍ୱତନ୍ତ୍ର ଭାବେ ଭେଟି କେନ୍ଦ୍ର ସରାକରଙ୍କ ମହିଳା ବିକାଶ ପାଇଁ ବିଭିନ୍ନ ଯୋଜନା ସଂପର୍କରେ ଅବଗତ କରାଯାଇଛି । ମିଶନ ଶକ୍ତି ମାଧ୍ୟମରେ ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ମିଳୁଥିବା ଋଣ କେନ୍ଦ୍ର ସରକାର ସଂପୂର୍ଣ୍ଣ ପ୍ରଦାନ କରୁଥିବା ବେଳେ ଏହି ଋଣର ସୁଧଛାଡ କେନ୍ଦ୍ର ସରକାରଙ୍କ ଅନୁଦାନ ରେ କରା ଯାଉଥିବା ଘଟଣା ଅବଗତ କରାଯାଇଛି । ସେହିଭଳି ଓଡିଶାରେ ଆଗାମୀ ଦିନରେ ବିଜେପି ସରକାର ଗଠନ କଲେ, ପ୍ରତ୍ୟେକ ପରିବାରର ମହିଳାଙ୍କୁ ସୁଭଦ୍ରା ଯୋଜନାରେ ୫୦ ହଜାର ଟଙ୍କାର ଅନୁଦାନ ପ୍ରଦାନ କରାଯିବବୋଲି ପ୍ରଧାନମନ୍ତ୍ରୀ କରିଥିବା ଘୋଷଣା ଅବଗତ କରାଯାଇ ଥିଲା । ଏହାସହ ଆୟୁଷମାନ ଭାରତ ଯୋଜନାର ଉପକାରିତା ବିଷୟରେ ଶ୍ରୀମତୀ ଜେନା ମହିଳାମାନଙ୍କୁ ଅବଗତ କରାଇଥିଲେ । ଆଗାମୀ ନିର୍ବାଚନରେ ଲୋକସଭା ପ୍ରାର୍ଥୀ ବୈଜୟନ୍ତ ପଣ୍ଡା ଓ ବିଧାନସଭା ପ୍ରାର୍ଥୀ ଗୀତାଞ୍ଜଳୀ ସେଠୀ ପାଇଁ ୨ଟି ପଦ୍ମଫୁଲ ଚିହ୍ନରେ ଭୋଟ ଦେବାକୁ ନିବେଦନ କରିଛନ୍ତି । ଏହି ମହିଳା ଜାଗରଣ କାର୍ଯ୍ୟକ୍ରମ ରେ ଡ଼ଃ ଶ୍ରୀମତୀ ଜେନାଙ୍କ ସହିତ ସଂନ୍ଧ୍ୟାରାଣୀ ଜେନା, ସୁଲୋଚନା ମଲିକ, ମା ତାରିଣୀ ମଲିକ, ସସ୍ମିତା ମଲିକ, ସୁମିତ୍ରା ସାହୁ, ସୁଲୁ ମଲିକ ପ୍ରମୁଖ ଉପସ୍ଥିତ ଥିଲେ।

# ଅବକାରି ଗୋଇନ୍ଦା ବିଭାଗର ଚଢାଉ: ୨ ଗିରଫ

ଜୟପୁର, ୦୯/୫ (ନି.ପ୍ର): ଜୟପୁର ସ୍ଥିତ ଅବ କାରି ଗୋଇନ୍ଦା ବିଭାଗ ତରଫରୁ ଆଜି ଚଢାଉ କରାଯାଇଛି । ଚଢାଉ କରି ୨ ଅଭିଯୁକ୍ତ କୁ ଗିରଫ କରିଛି । ଗିରଫ ଦୁଇ ଅଭିଯୁକ୍ତ ହେଲେ ନିଳାଗୁଡାର ରୁକ ଧର ଭଇଁସା ଓ ଝିଲିମିଲିଗୁଡା ଗ୍ରାମର ମୁଦୁନ୍ଦ ଗାଦବା । ଅବକାରି ଗୋଇନ୍ଦା ସୂଚନା ଅନୁଯାଇ ନିଳାଗୁଡାରୁ ଏକ ବାଇକ ରେ ଜୟପୁର ସହରକୁ ଦେଶି ମଦ ଚାଲାଣ ହେଉଥିବା ସୁଚନା ପାଇ ଜୟନଗର ଠାରେ ଚଢାଉ କରିଥିଲା । ଚଢାଉ କରି ନିଳାଗୁଡା ଗ୍ରାମର ରୁକ ଧର ଭଇଁସା ଠାରୁ ଦେଶି ମଦ ସହ ବାଇକ ଜବତ କରିଛି । ସେହିପରି ଝିଲିମିଲିଗୁଡାରେ ଚଢାଉ କରି ମୁଦୁନ୍ଦ ଗାଦବା କୁ ଗିରଫ କରିଛି । ଦୁଇ ଅଭିଯୁକ୍ତ ଠାରୁ ୫୦ ଲିଟର ଦେଶି ମଦ ଜବତ କରିଛି । ଅବକାରି କମିଶନର ନରସିଂହ ନାଥ ଭୋଳ, ଡେପୁଟି କମିଶନର ଡମ୍ବରୁ ଧର ଖଣ୍ଡାଙ୍କ ନିର୍ଦ୍ଦେଶ କ୍ରମେ ଅବକାରି ଗୋଇନ୍ଦା ଓଆଇସି ରଶ୍ମି ରଞ୍ଜନ ନାୟକ ଏଏସଆଇ ସିଏଚ ରେଡ୍ଡି ଚଢାଉ କରିଥିଲେ ।

# ପୂର୍ବତଟ ରେଳପଥ ମହାପ୍ରବନ୍ଧକଙ୍କ ବୌଦ୍ଧ-ଚମ୍ପାପୁର ରେଳ ସେକ୍ସନ ନିରୀକ୍ଷଣ

ଭୁବନେଶ୍ୱର, ୦୯/୫ (ନି.ପ୍ର): ପୂର୍ବତଟ ରେଳପଥର କାର୍ଯ୍ୟକାରୀ ମହାପ୍ରବନ୍ଧକ ହେଶ କୁମାର ବେହେରା ବୁଧବାର ଖୋର୍ଦ୍ଧା ରୋଡ୍-ବଲାଙ୍ଗୀର ରେଳ ଲାଇନ ପ୍ରକଳ୍ପର ବୌଦ୍ଧ-ଚମ୍ପାପୁର ରେଳ ସେକ୍ସନର ନିରୀକ୍ଷଣ କରିଛନ୍ତି । ନିରୀକ୍ଷଣ ସମୟରେ ଶ୍ରୀ ବେହେରା ନିର୍ମାଣ କାର୍ଯ୍ୟର ଅଗ୍ରଗତି ସମ୍ବନ୍ଧରେ ଅବଗତ ହୋଇଛନ୍ତି । ନିର୍ମାଣ କାର୍ଯ୍ୟ ଅଗ୍ରଗତିର ସମୀକ୍ଷା କରି ପ୍ରକଳ୍ପର ଠିକ ସମୟରେ କାର୍ଯ୍ୟ ଶେଷ କରିବା ଏବଂ ପ୍ରସ୍ତାବିତ ଷ୍ଟେସନରେ ଯାତ୍ରୀଙ୍କ ସୁବିଧା ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ଶ୍ରୀ ବେହେରା ରେଳ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି। ଏହି ପ୍ରକଳ୍ପର ମୋଟ ଦୈର୍ଘ୍ୟ ୩୦୧ କିମି ମଧ୍ୟରୁ ମୋଟ ୧୫୨.୮୦୫ କିମି ରେଳ ଲାଇନ କାର୍ଯ୍ୟକ୍ଷମ ହୋଇସାରିଛି। ଏହି ପ୍ରକଳ୍ପ ଶୀଘ୍ର ଶେଷ ହେବା ପାଇଁ ରେଳବାଇ ଉଭୟ ପାର୍ଶ୍ୱରୁ ଅର୍ଥାତ୍ ଖୋର୍ଦ୍ଧା ରୋଡ୍ ଏବଂ ବଲାଙ୍ଗୀର ପାର୍ଶ୍ୱରୁ ଏହି ପ୍ରକଳ୍ପରେ ନିର୍ମାଣ କାର୍ଯ୍ୟ କରୁଛି। ଖୋର୍ଦ୍ଧା ରୋଡରୁ ଦଶପଲ୍ଲା ପର୍ଯ୍ୟନ୍ତ ୧୦୫.୮ କିମି ଏବଂ ବଲାଙ୍ଗୀରରୁ ସୋନପୁର ପର୍ଯ୍ୟନ୍ତ ୪୭ କିଲୋମିଟର ରେଳ ଲାଇନ ବର୍ତ୍ତମାନ କାର୍ଯ୍ୟକ୍ଷମ ହୋଇସାରିଛି। ଖୋର୍ଦ୍ଧା ରୋଡ-ବଲାଙ୍ଗୀର ପ୍ରକଳ୍ପରେ ରେଳ ଲାଇନ ନିର୍ମାଣ କାର୍ଯ୍ୟ ଅଗ୍ରଗତିରେ ଅଛି । ସୋନପୁର-ପୁରୁଣାପାଣି-ଝରମୁଣ୍ଡା-ବୌଦ୍ଧ ମଧ୍ୟରେ ପ୍ରାୟ ୨୨ କି.ମି. ରେଳ ଲାଇନ ନିର୍ମାଣ କାର୍ଯ୍ୟ ସମାପ୍ତ ହେଇସାରିଥିବାବେଳେ ଏହି ମାର୍ଗରେ ସଫଳତାର ସହିତ ଇଞ୍ଜିନ ଗଡ଼ିବା ଏବଂ ପରୀକ୍ଷଣ କାର୍ଯ୍ୟ ମଧ୍ୟ କରାଯାଇଛି। ଏହା ବ୍ୟତୀତ, ଝରମୁଣ୍ଡା ଠାରୁ ଚମ୍ପାପୁର ପର୍ଯ୍ୟନ୍ତ ରେଳ ଲାଇନ ନିର୍ମାଣ କାର୍ଯ୍ୟ ଅଗ୍ରଗତିରେ ଅଛି।

# ଅଧ୍ୟାପକ ଓ ପୋଷ୍ଟ ପିଅନଙ୍କ ଦଳୀୟ ନିର୍ବାଚନ ପ୍ରଚାର ଅଭିଯୋଗ

କେନ୍ଦ୍ରାପଡ଼ା, ୦୯/୫ (ନି.ପ୍ର): କେନ୍ଦ୍ରାପଡ଼ା ଜିଲ୍ଲାରେ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇଯାଇ ଥିବାବେଳେ ମୁଖ୍ୟ ନିର୍ବାଚନ କମିଶନରଙ୍କ ନିର୍ଦ୍ଦେଶମତେ ଆଦର୍ଶ ଆଚରଣ ବିଧି ପାଳନ ଉପରେ ଜିଲ୍ଲା ପ୍ରଶାସନ ଗୁରୁତ୍ୱ ପ୍ରଦାନ କରୁଛି । ତେବେ କେତେକ ସରକାରୀ ଓ ଅନୁଦାନ ପ୍ରାପ୍ତ କର୍ମଚାରୀ ଏହାକୁ ଖୋଲାଖୋଲି ଉଲଂଘନ କରୁଥିବା ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରାଯାଇଛି । ମହାକାଳପଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀ ଅଧିନ ତାରିଣୀ କଲେଜର ଖେଳ ଶିକ୍ଷକ ଗଙ୍ଗାଧର ଦାସ ନିର୍ବାଚନ ପ୍ରଚାର କାର୍ଯ୍ୟକ୍ରମ ରେ ସକ୍ରୀୟ ଯୋଗ ଦେଇ ବିଜେଡିର ପ୍ରାର୍ଥୀଙ୍କ ସହିତ ଦଳୀୟ ପ୍ରଚାରରେ ଲିପ୍ତ ଥିବା ଜିଲ୍ଲା ବିଜେପି ପକ୍ଷରୁ ଅଭିଯୋଗ କରାଯାଇଛି । ସେହିଭଳି କେନ୍ଦ୍ରାପଡ଼ା ନିର୍ବାଚନ ମଣ୍ଡଳୀ ଅଧିନ ବଗଡା ପୋଷ୍ଟ ଅଫିସ ର ପିଅନ ହିରାନାଲ ସ୍ୱାଇଁ ଖୋଲାଖୋଲି ଭାବେ କେନ୍ଦ୍ରାପଡା ବିଧାନସଭା କ୍ଷେତ୍ରର ବିଜେଡି ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରୁଥିବା ଓ ଗତ ୫ ତାରିଖରେ ହଳଦିଡିହ ଠାରେ ହୋଇଥିବା ବିଜେଡିର ବନ୍ଧୁ ମିଳନରେ ଯୋଗ ଦେଇଥିବା ଅଭିଯୋଗ ହୋଇଛି ।

# ଯୁଯୁମରା ନିଲଡୁଙ୍ଗୁରିରେ ସମ୍ବଲପୁର ଟର୍ମିନାଲ ମାର୍କେଟ୍ କମ୍ପ୍ଲେକ୍ସ ସ୍ଥଳରେ କେନ୍ଦ୍ରମନ୍ତ୍ରୀ



ଯୁଯୁମୁରା, ୦୯/୫ (ନି.ପ୍ର): କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗୁରୁବାର ସମ୍ବଲପୁର ଯୁଯୁମୁରା ବ୍ଲକ ନିଲଡୁଙ୍ଗୁରିରେ ପ୍ରଚାର କରିବା ବେଳେ ସ୍ଥାନୀୟ ବାସୀଙ୍କ ଅନୁରୋଧ କ୍ରମେ ସେଠାରେ ୨୦୧୪ ମସିହା ସେପ୍ଟେମ୍ବର ମାସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କରକମଳରେ ଶିଳାନ୍ୟାସ ହୋଇଥିବା ସମ୍ବଲପୁର ଟର୍ମିନାଲ ମାର୍କେଟ କମ୍ପଲେକ୍ସ ସ୍ଥଳ ପରିଦର୍ଶନ କରିଛନ୍ତି । ତେବେ ଦୀର୍ଘ ୧୦ ବର୍ଷ ହେବ ନିଲଡୁଙ୍ଗୁରିରେ ସମ୍ବଲପୁର ଟର୍ମିନାଲ ମାର୍କେଟ କମ୍ପଲେକ୍ସର କାମ ହୋଇନଥିବା ବେଳେ ନାମଫଳକ ବି ଉଭାନ ହୋଇଥିବା ଦେଖି ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି କେନ୍ଦ୍ରମନ୍ତ୍ରୀ।

ଏ ସମ୍ପର୍କରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ନିଲଡୁଙ୍ଗୁରିରେ ଗୋଟିଏ ଟର୍ମିନାଲ ବା ମାର୍କେଟ୍ କମ୍ପଲେକ୍ସ ତିଆରି କରିବାକୁ ନିଷ୍ପତ୍ତି ହୋଇଥିଲା । ୭୪ କୋଟି ଟଙ୍କା ବ୍ୟୟରେ ଏଠାରେ ମାର୍କେଟିଂ, ପ୍ରସେସିଂର ବ୍ୟବସ୍ଥା ରହିବାର ଥିଲା । ପଶ୍ଚିମ ଓଡ଼ିଶାର ଝାରସୁଗୁଡ଼ା, ସମ୍ବଲପୁର, ବଲାଙ୍ଗୀର, ବରଗଡ଼, ସୋନପୁର, ବୌଦ୍ଧ, ସୁନ୍ଦରଗଡ଼, ଦେବଗଡ଼, ନୂଆପଡ଼ା, କଳାହାଣ୍ଡି ଆଦି ୧୦ଟି ଜିଲ୍ଲାର ପନିପରିବା ଚାଷୀ, ଫୁଲ ଚାଷୀଙ୍କ ସୁବିଧା ପାଇଁ ଜାତୀୟ ଉଦ୍ୟାନ ବିଭାଗ ଓ ରାଜ୍ୟ ସରକାର ପକ୍ଷରୁ ଏହା ନିର୍ମାଣ କରାଯିବାର ଥିଲା । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ତତ୍କାଳୀନ କୃଷିମନ୍ତ୍ରୀ ସ୍ୱର୍ଗତ ପ୍ରଦୀପ ମହାରଥୀ, ସାଂସଦ ନଗେନ୍ଦ୍ର କୁମାର ପ୍ରଧାନ ଓ ସ୍ଥାନୀୟ ବିଧାୟକଙ୍କ ଉପସ୍ଥିତିରେ ୨୦୧୪ ମସିହା ସେପ୍ଟେମ୍ବର ମାସରେ ଶୁଭ ଦେଇଥିଲେ । ଏ ଭିତରେ ୧୦ ବର୍ଷ ବିତିଗଲାଣି । କୌଣସି କାର୍ଯ୍ୟ ହୋଇନାହିଁ । ଫଳକ ବି ଉଭାନ ହୋଇଗଲାଣି । ଏ ସମ୍ପର୍କରେ ଚାଷୀମାନେ ଜାନୁଆରୀ ୨୦୨୪ରେ ଅଭିଯୋଗ ପ୍ରକୋଷ୍ଠରେ ମଧ ଅଭିଯୋଗ କରିଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇନାହିଁ । ଏହା ଓଡ଼ିଶା ସରକାରଙ୍କ ସ୍ୱଚ୍ଛ ଶାସନ କି ବୋଲି ଶ୍ରୀ ପ୍ରଧାନ ପ୍ରଶ୍ନ କରିଛନ୍ତି । ଏହି ସ୍ଥାନକୁ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରୁ ଜଣେ ଆସିଥିଲେ । ଜାନୁଆରୀ ୨୦୨୪ରେ ଅଭିଯୋଗ ପ୍ରକୋଷ୍ଠରେ ମଧ ଦେଇଥିଲେ ବୋଲି ଚାଷୀମାନେ କହୁଛନ୍ତି । ଅଥଚ ଏହି ଅଭିଯୋଗର କିଛି କାମ ଆଗେଇ ପାରିଲା ନାହିଁ । ମୁଖ୍ୟମନ୍ତ୍ରୀ ବେଶୀ କୁହନ୍ତି ନାହିଁ, କାମ କରନ୍ତି ବୋଲି କହୁଥିବା ବେଳେ ଏହା କି ପ୍ରକାର କାମ ବୋଲି କେନ୍ଦ୍ରମନ୍ତ୍ରୀ ପ୍ରଶ୍ନ କରିଛନ୍ତି । ଜାଣିଶୁଣି ମୁଖ୍ୟମନ୍ତ୍ରୀ ଚାଷୀଙ୍କୁ ଭ୍ରମିତ କରିଛନ୍ତି । ସମ୍ବଲପୁର ସମେତ ପଶ୍ଚିମ ଓଡ଼ିଶାର ଚାଷୀଙ୍କୁ ଧୋକା ଦେଇଛନ୍ତି । ଏଥିପାଇଁ ନୈତିକତା ଦୃଷ୍ଟିରୁ ମୁଖ୍ୟମନ୍ତ୍ରୀ ତୁରନ୍ତ କ୍ଷମା ମାଗନ୍ତୁ ବୋଲି କହିଛନ୍ତି ଶ୍ରୀ ପ୍ରଧାନ । ବିଜେପି ସରକାର ହେଲେ ଉକ୍ତ ସ୍ଥାନରେ ଏକ ଭବ୍ୟ ମାର୍କେଟ କମ୍ପଲେକ୍ସ କରାଯିବ । କେବଳ ଏହି ଗୋଟିଏ କଥା ନୁହଁ, ମୁଖ୍ୟମନ୍ତ୍ରୀ ବିଭିନ୍ନ ଜାଗାରେ ଅନେକ କଥା କୁହନ୍ତି । କିନ୍ତୁ କୌଣସି ମଧ ପୂରଣ କରନ୍ତି ନାହିଁ । ୨୦୧୩ରେ ସୋହେଲାରେ ଧାନରେ ୧୦୦ ଟଙ୍କା ବୋନ୍‌ସ ଦେବେ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ୯ ବର୍ଷ ପରେ ମଧ ଚାଷୀଙ୍କୁ ବୋନ୍‌ସ ମିଳିଲାନି । ମୁଖ୍ୟମନ୍ତ୍ରୀ ପଶ୍ଚିମ ଓଡ଼ିଶାର ଚାଷୀଙ୍କୁ ଧୋକା ଦେଇଛନ୍ତି । ଏହା ମୁଖ୍ୟମନ୍ତ୍ରୀଙ୍କ 'କଥାରେ ନୁହେଁ କାମରେ'ର ନମୁନା କି ? ନୈତିକତା ଦୃଷ୍ଟିରୁ ମୁଖ୍ୟମନ୍ତ୍ରୀ ଚାଷୀଙ୍କୁ କ୍ଷମା ମାଗନ୍ତୁ ବୋଲି ଶ୍ରୀ ପ୍ରଧାନ କହିଛନ୍ତି । ବିଜେପି ସବୁବେଳେ ଚାଷୀଙ୍କ ସହ ରହିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଫୋକ୍‌ସରେ କୃଷକ ରହିଛନ୍ତି । ଓଡ଼ିଶାରେ ବିଜେପି ସକରାର ଆସିଲେ ଚାଷୀଙ୍କ ଉନ୍ନତି କରାଯିବ । ଧାନର ଏମଏସପି ୩୧୦୦ ଟଙ୍କାକୁ ବୃଦ୍ଧି କରାଯିବ । ସରକାର ସିଧାସଳଖ ଚାଷୀଙ୍କ ଠାରୁଧା ନ କିଣିବେ । ମଧ୍ୟସ୍ଥି ମିଲର ରହିବେ ନାହିଁ । ସରକାରଙ୍କ ଠାରୁ ମିଲର ଧାନ ନେବେ । କଟନୀ ଛଟନୀ ହଟିବ ବୋଲି କହିଛନ୍ତି ଶ୍ରୀ ପ୍ରଧାନ ।

# ଗୋରୁ ବୋଝେଇ ଟ୍ରକ ଜବତ: ଡ୍ରାଇଭର ହେଲପର ଫେରାର

ଖୋର୍ଦ୍ଧା, ୦୯/୫ (ନି.ପ୍ର): ନାଚୁଣୀ ଥାନା ପୋଲିସ ଏକ ଗୋରୁ ବୋଝେଇ ଆଇଚର ଗାଡି ଜବତ କରିଛି । ସୂଚନା ମୁତାବକ ଖୋର୍ଦ୍ଧାରୁ ଆନ୍ଧ୍ର ଅଭିମୁଖେ ଏକ ଗୋରୁ ବୋଝେଇ ଗାଡି ଯାଉଥିବା ଖବର ପାଇ ବଜରଙ୍ଗ ଦଳର କର୍ମକର୍ତା ମାନେ ଏହାକୁ ପିଛା କରିଥିଲେ। ତେବେ ନାଚୁଣୀ ଥାନା ନିକଟରେ ଉକ୍ତ ଗୋରୁ ବୋଝେଇ ଗାଡିଟିକୁ ଅଟକାଇ ଥିଲେ। ହେଲେ ଘଟଣାସ୍ଥଳରୁ ଗାଡି ଡ୍ରାଇଭର ଓ ହେଲ୍ପର ଫେରାର ହୋଇଯାଇଛନ୍ତି। ଖବର ପାଇ ନାଚୁଣୀ ପୋଲିସ ଗାଡିକୁ ଜବତ କରି ତଦନ୍ତ ଜାରି ରଖିଥିବା ଜଣାପଡିଛି।

ଅନ୍ୟପକ୍ଷେ ସାଧାରଣ ନିର୍ବାଚନ ପାଇଁ ସାରା ରାଜ୍ୟରେ ଚେକିଙ୍ଗ ବ୍ଲକିଂ କଡ଼ାକଡି ଚାଲିଥିବା ବେଳେ ଗୋରୁ ବୋଝେଇ ଗାଡିଟି କିପରି ଗୋ ଚାଲାଣ କରିବାରେ ସକ୍ଷମ ହେଲା ତାହା ସାଧାରଣରେ ଆଲୋଚନା ହେଉଛି। ଏ ନେଇ ପୋଲିସ ପ୍ରଶାସନ କଡ଼ା ପଦକ୍ଷେପ ଗ୍ରହଣ କରିବା ପାଇଁ ସାଧାରଣରେ ଦାବି ହେଉଛି।

# ପୁଲିଂ ଅଫିସରମାନଙ୍କ ରାଣ୍ଡମାଇଜେସନ ଅନୁଷ୍ଠିତ

ପୁରୀ, ୦୯/୫ (ନି.ପ୍ର): ଏନ ଆଇ ସି ସମ୍ମିଳନୀ କକ୍ଷରେ ଚଳିତ ନିର୍ବାଚନ ରେ ନିୟୋଜିତ ହେବାକୁ ଥିବା ପ୍ରିଜାଇଡିଂ ଓ ପୁଲିଂ ଅଫିସର ମାନଙ୍କର ରାଣ୍ଡମାଇଜେସନ କରାଯାଇଥିଲା ।ନିର୍ବାଚନ କମିଶନର ଓ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ନିର୍ବାଚନ ଅଧିକାରୀ,ନିର୍ବାଚନ ପର୍ଯ୍ୟବେକ୍ଷକ ଓ ରିଟର୍ଣ୍ଣିଂ ଅଫିସର ମାନଙ୍କ ଉପସ୍ଥିତି ରେ ଏହି ରାଣ୍ଡମାଇଜେସନ ଅନୁଷ୍ଠିତ ହୋଇଥିଲା ।ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଙ୍କ ଅଧକ୍ଷତାରେ ଏହା ସମ୍ପନ୍ନ ହୋଇଥିଲା ।ଏହି ରାଣ୍ଡମାଇଜେସନ ପୁରୀ ଲୋକସଭା ଅନ୍ତର୍ଗତ ପୁରୀ, ବ୍ରହ୍ମଗିରି, ସତ୍ୟବାଦୀ ଓ ପିପିଲି ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ଅନୁଷ୍ଠିତ ହୋଇଥିଲା ।ନିର୍ବାଚନ ରେ ନିୟୋଜିତ ମୋଟ୬୮୮୨ ଜଣ ପୁଲିଂ ଅଫିସର ମାନଙ୍କର ରାଣ୍ଡମାଇଜେସନ କମ୍ପ୍ୟୁଟର ମାଧମରେ ନିର୍ବାଚନ ସାଧାରଣ ପର୍ଯ୍ୟବେକ୍ଷକ ଙ୍କ ଉପସ୍ଥିତି ରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମୋଟ ୧୧୪୭ ଜଣ ଲେଖାଏଁ ପ୍ରିଜାଇଡିଂ, ଫାଷ୍ଟ ପୁଲିଂ ଠାରୁ ଫିଫଥ୍ ପୁଲିଂ ଅଫିସର ପର୍ଯ୍ୟନ୍ତ ସାମିଲ ଅଛନ୍ତି। ଅପରପକ୍ଷରେ ଏଥିରେ ଶତକଡା୧୦ ଭାଗ ଅଧିକ ପୁଲିଂ ଅଫିସର ଙ୍କୁ ରିଜର୍ଭ ଅଫିସର ଭାବେ ରଖାଯାଇଛି। ରାଣ୍ଡମାଇଜେସନରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ତଥା ୧୦୫- କାକଟପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ର ରିଟର୍ଣ୍ଣିଂ ଅଫିସର କୈଳାସ ଚନ୍ଦ୍ର ନାୟକ,ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ତଥା ୧୦୯-ସତ୍ୟବାଦୀ ବିଧାନସଭା ନିର୍ବାଚନ ମଣ୍ଡଳୀ ର ରିଟର୍ଣ୍ଣିଂ ଅଫିସର ଶରତ ଚନ୍ଦ୍ର ବେହେରା, ,ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ୧୦୮-ବ୍ରହ୍ମଗିରି ବିଧାନସଭା ନିର୍ବାଚନ ମଣ୍ଡଳୀ ର ରିଟର୍ଣ୍ଣିଂ ଅଫିସର ପ୍ରିୟରଞ୍ଜନ ପୃଷ୍ଟି,ଅତିରିକ୍ତ ଉପଜିଲ୍ଲାପାଳ ତଥା ୧୧୦-ପିପିଲି ବିଧାନସଭା ନିର୍ବାଚନ ମଣ୍ଡଳୀ ର ରିଟର୍ଣ୍ଣିଂ ଅଫିସର ନିଳମାଧବ ମାଝୀ, ଡେପୁଟି କଲେକ୍ଟର ରାକେଶ କୁମାର ପଣ୍ଡା,ରାଷ୍ଟ୍ରୀୟ ବିଜ୍ଞାନ କେନ୍ଦ୍ର ର ଡିଆଇଓ ବିଶ୍ୱନାଥ ପଣ୍ଡା,ଜିଲ୍ଲା କ୍ରୀଡା ଅଧିକାରୀ ଚନ୍ଦନ କୁମାର ସାହୁ,ନିର୍ବାଚନ ବିଭାଗର କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ରେଢାଖୋଲରେ ଡୋର୍ ଟୁ ଡୋର୍ କ୍ୟାମ୍ପେନ କରିବା ସହ ନିର୍ବାଚନୀ ସଭାରେ ଯୋଗଦେଲେ କେନ୍ଦ୍ରମନ୍ତ୍ରୀ



ରେଢାଖୋଲ/ସମ୍ବଲପୁର, ମଇ ୯ : ଓଡ଼ିଶାର ଲୋକମାନେ ୨୪ ବର୍ଷ ହେଲା ବିଜେଡିକୁ ଦାୟିତ୍ୱ ଦେଇଛନ୍ତି । ୫ ବର୍ଷ ବିଜେପିକୁ ଦିଅନ୍ତୁ । ଆମେ ଆମ ରାଜ୍ୟକୁ ଏକ ନମ୍ବର ରାଜ୍ୟରେ ପରିଣତ କରିବୁ ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗୁରୁବାର ସମ୍ବଲପୁର ଲୋକସଭା ଏବଂ ରେଢାଖୋଲ ବିଧାନସଭା ନିର୍ବାଚନମଣ୍ଡଳୀର ବିଭିନ୍ନ ସ୍ଥାନରେ ଡୋର୍ ଟୁ ଡୋର୍ କ୍ୟାମ୍ପେନ ସହ ଶୋଭାଯାତ୍ରା ଏବଂ ନିର୍ବାଚନୀ ସଭାରେ ଯୋଗଦେଇ କହିଛନ୍ତି । କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଆଜି ଯୁଯୁମୁରା ବ୍ଲକର ଗମ୍ଭାରିପଙ୍କରେ ବିଧାୟକ ପ୍ରାର୍ଥୀ ଦେବେନ୍ଦ୍ର ମହାପାତ୍ରଙ୍କ ସହ ଘର ଘର ବୁଲି ପ୍ରଚାର କରିଥିଲେ । ଅନୁରୂପ ଭାବରେ ସେରସୁଆଁତଲ, କୁକୁଡାପାଲି, ଗିରିପାଲି, କବରାପାଲି, ପାଣିଗ୍ରାହୀପାଲି, ସାପଲହରା ଓ ନାକଟିଦେଉଳ ସମେତ ବିଭିନ୍ନ ଅଞ୍ଚଳରେ ବିଜେପି ପାଇଁ ସମର୍ଥନ ଭିକ୍ଷା କରିଥିଲେ । ମୋଦୀ ଗ୍ୟାରେଣ୍ଟି କାର୍ଡ ଏବଂ ବିଜେପି ଗ୍ୟାରେଣ୍ଟିର ସଂକଳ୍ପ ପତ୍ର ବିତରଣ କରିଥିଲେ କେନ୍ଦ୍ରମନ୍ତ୍ରୀ । ସେରସୁଆଁତଲ ଓ କିସିଣ୍ଡାରେ ବିଶାଳ ବାଇକ ରାଲିରେ ଯୋଗଦେବା ସହ କୁବରାପାଲି ଓ ସରପାଲିରେ ଆୟୋଜିତ ନିର୍ବାଚନୀ ସଭାରେ ଯୋଗ ଦେଇଥିଲେ । ଏହି ଅବସରରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ଦୀର୍ଘ ୨୪ ବର୍ଷ ହେବ ଓଡ଼ିଶାବାସୀଙ୍କୁ ଅନେକ ସ୍ୱପ୍ନ ଦେଖାଇ ଆସୁଛନ୍ତି । ସାଧାରଣ ଜନତାଙ୍କୁ ପିଇବା ପାଇଁ ପାଣି ଦେଇ ପାରୁନାହାନ୍ତି । ଜଳସେଚନର ସୁବିଧା ନାହିଁ । ଶିକ୍ଷା ଓ ସ୍ୱାସ୍ଥ୍ୟ ବିପର୍ଯ୍ୟସ୍ତ । ଯୁବକ ଯୁବତୀଙ୍କୁ ଚାକିରି ନାହିଁ । ନବଜାତ ଶିଶୁଙ୍କ ଅପପୁଷ୍ଟି, ରକ୍ତହୀନତା ସମସ୍ୟା ଘୋର୍ ଚିନ୍ତାଜନକ ହୋଇଛି । ଗୁମାସ୍ତା ସରକାର ନୁହେଁ, ଓଡ଼ିଆଙ୍କ ସରକାର ଦରକାର ବୋଲି ସବୁ ଓଡ଼ିଆଙ୍କ ମତ ହୋଇଛି । ଶ୍ରୀ ପ୍ରଧାନ କହିଛନ୍ତି ଯେ ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଗରିବ, ମହିଳା, ଚାଷୀ, ଯୁବକ, ଆଦିବାସୀଙ୍କ ବିକାଶ ହୋଇଥିବା ବେଳେ ଦେଶ ସୁରକ୍ଷିତ ହୋଇଛି । ସମାଜର ଅନ୍ତିମ ଶ୍ରେଣୀରେ ଥିବା ଲୋକଙ୍କ ଜୀବନ ପଦ୍ଧତିରେ ପରିବର୍ତ୍ତନ ଆଣିବା ମୋଦୀଙ୍କ ଗ୍ୟାରେଣ୍ଟି ହୋଇଛି । ଓଡ଼ିଶାରେ ବିଜେପି ସରକାର ହେଲେ ସୁଭଦ୍ରା ଯୋଜନାରେ ମହିଳାଙ୍କୁ ୫୦ ହଜାର ଟଙ୍କା ମୂଲ୍ୟର ଭାଉଚର ଦିଆଯିବ । ରାଜ୍ୟରେ ୨୫ ଲକ୍ଷ ମହିଳା ଲକ୍ଷପତି ଦିଦି ହେବେ । ସବୁ ଗରିବଙ୍କୁ ପକ୍କା ଘର ଦିଆଯିବା ସହ ଘରେ ଘରେ ନଳ ଯୋଗେ ବିଶୁଦ୍ଧ ପାନୀୟ ଜଳ ପହଞ୍ଚାଯିବ । ଧାନର ଏମଏସପି କ୍ୱିଣ୍ଟାଲ ପିଛା ୩୧୦୦ ଟଙ୍କା ହେବ ଓ ସବୁ ଚାଷ ଜମି ଜଳସେଚନ କରିବା ପାଇଁ ମୋଦୀ ଗ୍ୟାରେଣ୍ଟି ଦେଇଛନ୍ତି । ଆୟୁଷ୍ମାନ ଭାରତ ଯୋଜନା ଲାଗୁ କରାଯିବା ସହ ସବୁ ଜିଲ୍ଲାରେ ମେଡିକାଲ କଲେଜ, ନର୍ସିଂ କଲେଜ ଏବଂ ସୁପର ସ୍ପେସିଆଲିଟି ହସ୍ପିଟାଲ ସହ ୭୫୦୦୦ କିମି ନୂଆ ସଡକ ନିର୍ମାଣ ହେବ । ରାଜ୍ୟରେ ଗୁଣାତ୍ମକ ଶିକ୍ଷା ପାଇଁ ସହରାଞ୍ଚଳ ସହ ପ୍ରତି ବ୍ଲକରେ ୨ଟି ଭାବରେ ୮୦୦ ପିଏମଶ୍ରୀ ସ୍କୁଲ ପ୍ରତିଷ୍ଠା ହେବ । କେନ୍ଦୁପତ୍ର ତୋଳାଳିଙ୍କୁ ୩୫ ପ୍ରତିଶତ, କେନ୍ଦୁପତ୍ର ବାନ୍ଧୁଥିବା ଲୋକଙ୍କୁ ୧୦ ପ୍ରତିଶତ ବୋନସ ଦିଆଯିବ ଏବଂ କେନ୍ଦୁପତ୍ର ବିଡାକୁ ୧.୬୦ ଟଙ୍କାରୁ ୨ ଟଙ୍କା ବୃଦ୍ଧି କରାଯିବ । ରେଢ଼ାଖୋଲ ପଡ଼ିଆବାହାଲ ଠାରେ 'ଆମ୍ବେଦକର ସେବା ସମିତି' ପକ୍ଷରୁ ଆୟୋଜିତ 'ଲକ୍ଷେଘର ସମାଜ'ର ବନ୍ଧୁମିଳନରେ ସାମିଲ ହୋଇଥିଲେ କେନ୍ଦ୍ରମନ୍ତ୍ରୀ । ଏହି ଅବସରରେ ସେ କହିଥିଲେ ସମ୍ବିଧାନ ପ୍ରଣେତା ଭାରତରତ୍ନ ବାବାସାହେବ ଭୀମରାଓ ଆମ୍ବେଦକର ଆମକୁ ନ୍ୟାୟ ଏବଂ ସମାନତା ଉପରେ ଆଧାରିତ ଏକ ସର୍ବସମାବେଶୀ ଏବଂ ପ୍ରଗତିଶୀଳ ସମ୍ବିଧାନ ଦେଇଛନ୍ତି । ସମ୍ବିଧାନ ହେଉଛି ସବୁଠୁ ବଡ ଗ୍ରନ୍ଥ, ଯାହା ଦେଶର ସବୁ ନାଗରିକଙ୍କ ସମାନତା ଓ ସାମାଜିକ ନ୍ୟାୟକୁ ସୁନିଶ୍ଚିତ କରିପାରିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱ କାରଣରୁ ସମାଜରେ ଗୋଟିଏ ନୂଆ ଆଶା ତିଆରି ହୋଇଛି । ଦଳିତ, ବଞ୍ଚିତ ବର୍ଗର ଲୋକଙ୍କ ଭିତରେ ବିଶ୍ୱାସ ବଢ଼ିଛି । ମୋଦୀ ସବୁବେଳେ ଦଳିତ, ବଞ୍ଚିତ ବର୍ଗର ଲୋକଙ୍କୁ ଅଗ୍ରାଧିକାର ଦେଇ ଆସିଛନ୍ତି । ଏହା ପୂର୍ବରୁ କେନ୍ଦ୍ରମନ୍ତ୍ରୀ ସମ୍ବଲପୁରରେ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପରିବାରର ସଦସ୍ୟ ମାନଙ୍କୁ ଭେଟିଥିଲେ । ସମ୍ବଲପୁର ମାରଓ୍ୱାଡିପଡ଼ା ଠାରେ ପର୍ଶୁରାମ ଜନ୍ମୋତ୍ସବ ସମାରୋହ ଅବସରରେ ଆୟୋଜିତ ରକ୍ତଦାନ ଶିବିରକୁ ମଧ ଉଦଘାଟନ କରିଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ଭୁବନେଶ୍ୱରରେ ହେବ ...

ଏଥିସହ ୨ ଶହ କୋଟି ଟଙ୍କାରେ ପାରାଦୀପରେ ନିର୍ମାଣ ହେବ ଏୟାରପୋର୍ଟ । ରାୟପୁର-ବିଶାଖାପାଟଣା ୬ ଲେନ୍ ରାସ୍ତାର ୪୬୫ କିମି ଭିତରୁ ଓଡ଼ିଶାରେ ରହିଛି ୨୪୦ କିମି। ଯାହାର କାମ ଡିସେମ୍ବର ସୁଦ୍ଧା ସରିବ। ମୁମ୍ବାଇ-କୋଲକାତା ରାସ୍ତାର ଓଡ଼ିଶାରେ ଥିବା ୪୫୦ କିମି କାମ ଶୀଘ୍ର ସରିବ ଓ ସମ୍ବଲପୁର ସହରରେ ୩୫ କିମି ରିଂ ରୋଡ୍ କାମ ଅକ୍ଟୋବରରୁ ଆରମ୍ଭ ହେବ ବୋଲି ସୂଚନା ଦେଇଛନ୍ତି ଗଡ଼କରୀ। ତେବେ ଆସନ୍ତୁ ନଜର ପକାଇବା କେମିତି ଅଛି ଗ୍ରାଉଣ୍ଡ ଜିରୋର ସ୍ଥିତିକୁ। ସେତୁ ନଥିବାରୁ ଚିଲିକା ଦ୍ୱୀପାଞ୍ଚଳବାସୀ ଦୁର୍ଦ୍ଦଶା ଭୋଗୁଛନ୍ତି। ସାତପଡ଼ାରୁ ଯାତାୟତର ମାଧ୍ୟମ କହିଲେ କେବଳ ଭୁଟଭୁଟି ଡଙ୍ଗା। ନଚେତ ଦିନକୁ ୪ ଥର ଯାଆସ କରୁଥିବା ଭସାପୋଲ ବା ଫେରି ଭେସେଲ୍। ସେଥିରେ ଯାଆନ୍ତି ମଣିଷ, ଲଦା ହୁଏ ଯାନବାହାନ। ଚିଲିକା ଭିତରେ ଥିବ ୧୪ଟି ପଞ୍ଚାୟତର ୯୨ଟି ଗାଁ ପାଇଁ ଏହା ଜୀବନରେଖା। ଝଡ଼ବାତ୍ୟା ବେଳେ ଏବଂ ଡଙ୍ଗାରେ ଯାନ୍ତ୍ରିକ ସମସ୍ୟା ଦେଖାଦେଲେ ଯୋଗାଯୋଗ ଠପ୍ । ମାତ୍ର ୫ କିଲୋମିଟର ଜଳଯାତ୍ରାକୁ ଲାଗେ ୪୫ ମିନିଟ୍ ସମୟ। ଆଉ ସନ୍ଧ୍ୟା ୬ଟା ପରେ ଫେରି ଚାଲୁନଥିବାରୁ, ଡଙ୍ଗାର ବିପଦସଂକୁଳ ଯାତ୍ରା ଛଡ଼ା ନିରୁପାୟ ମଣିଷ।

### ଦେଢ଼ଶୁର କଳିକେଶଙ୍କୁ ...

୨୦୧୯ ନିର୍ବାଚନରେ ବଲାଙ୍ଗିର ବିଧାନସଭା ନିର୍ବାଚନ ମଣ୍ଡଳୀରୁ ମୋ ସ୍ୱାମୀ ଅର୍କେଶ ନାରାୟଣ ସିଂହଦେଓ ବିଧାୟକ ପ୍ରାର୍ଥୀ ଓ ଦେଢ଼ଶୁର କଳିକେଶ ନାରାୟଣ ସିଂହଦେଓ ସାଂସଦ ପ୍ରାର୍ଥୀ ହୋଇଥିଲେ। ସେହି ସମୟରେ ପରିବାରର ବହୂ ହିସାବରେ ନିର୍ବାଚନରେ ପ୍ରଚାର କରିବା ପାଇଁ ବଲାଙ୍ଗିର ଆସିଥିଲି। ଆଉ ନିର୍ବାଚନ ପ୍ରଚାର କରି ପରିବାରର ବୋହୂ ହିସାବରେ କର୍ତ୍ତବ୍ୟ ସମ୍ପାଦନ କରିଥିଲି। କିନ୍ତୁ ଦୁର୍ଭାଗ୍ୟର କଥା ଉଭୟ ନିର୍ବାଚନରେ ହାରି ଯାଇଥିଲେ ବୋଲି ଅଦ୍ରିଜା କହିଥିଲେ। ସେ ଆହୁରି ଲେଖିଛନ୍ତି, ନିର୍ବାଚନରେ ହାରିଯିବା ପରେ ପରିବାର ତରଫରୁ ଆରମ୍ଭ ହୋଇଥିଲା ଅକଥନୀୟ ଅତ୍ୟାଚାର। ଯେଉଁଥିରୁ ବର୍ତ୍ତିବା ପାଇଁ ପୁଲିସ୍‌ର ଦ୍ୱାରସ୍ଥ ହୋଇଥିଲି। ପ୍ରଥମେ ଡେରାଡୁନ୍(ଉତ୍ତରାଖଣ୍ଡ) ପୁଲିସ୍‌ରେ ସ୍ୱାମୀ, ଶ୍ୱଶୁର, ଶାଶୁ, ଦେଢ଼ଶୁର, ବଡ଼ଯାଆ(କଳିକେଶଙ୍କ ପତ୍ନୀ) ଓ ପରିବାର ଲୋକଙ୍କ ବିରୋଧରେ ଅଭିଯୋଗ କରିଥିଲେ। ପରେ ବଲାଙ୍ଗିର ପୁଲିସ୍‌ର ସହଯୋଗ ଲୋଡ଼ିଥିଲି। କିନ୍ତୁ ଦୁଃଖର ବିଷୟ ନାରୀ ସଶକ୍ତିକରଣ ଓ ନାରୀ ସୁରକ୍ଷାର ଡିଡିମ୍ବ ପିଟୁଥିବା ରାଜ୍ୟ ସରକାର ଓ ମୁଖ୍ୟମନ୍ତ୍ରୀଙ୍କ ଅଧୀନରେ ଥିବା ଗୃହ ବିଭାଗ ଅଭିଯୁକ୍ତଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲାନାହିଁ। ଏପରିକି ବଲାଙ୍ଗିର ସ୍ଥିତ ଶ୍ୱଶୁର ଘରକୁ ଆସିବା ପାଇଁ ମାଗିଥିବା ସୁରକ୍ଷା କର୍ମୀ ମଧ ଦେଇନଥିଲେ। ଓଲଟା ସେହି ପରିବାର ଲୋକଙ୍କୁ ମୁଖ୍ୟମନ୍ତ୍ରୀ ଓ ବିଜେଡି ଆଗାମୀ ନିର୍ବାଚନରେ ପ୍ରାର୍ଥୀ କରିଛି। ଏହି ପରିପ୍ରେକ୍ଷୀରେ ମୁଁ ବଲାଙ୍ଗିରର ମାଆ, ମାଉସୀ ଓ ଗୁରୁଜନଙ୍କୁ ଅନୁରୋଧ କରୁଛି, ଯେଉଁ ପରିବାର ନିଜ ବୋହୂଙ୍କୁ ଶାରୀରିକ, ମାନସିକ ତଥା ଯୌତୁକ ନିର୍ଯାତନା ଦେବା ଭଳି ଘୃଣିତ କାର୍ଯ୍ୟ କରୁଛନ୍ତି, ସେହି ପରିବାରରୁ ନିର୍ବାଚନ ଲଢୁଥିବା କଳିକେଶ ନାରାୟଣ ସିଂହଦେଓଙ୍କୁ ଭୋଟ୍ ଦିଅନ୍ତୁ ନାହିଁ। ଏପରି ପରିବାର ଓ ପ୍ରାର୍ଥୀଙ୍କ ହାତରେ ବଲାଙ୍ଗିରର ମାଆ ଓ ମାଉସୀକେବେ ମଧ ସୁରକ୍ଷିତ ନୁହଁନ୍ତି ବୋଲି ଅଦ୍ରିଜା ଚିଠିରେ ଲେଖିଛନ୍ତି। ଆଉ ଟିକେ ଭାବ ବ୍ୟୁହଳ ହୋଇ ଅଦ୍ରିଜା ଲେଖିଛନ୍ତି, ମୁଁ ପୀଡ଼ିତା। ମୋର ବିଶ୍ୱାସ, ଏହି ଲଢ଼େଇରେ ମୋତେ ନ୍ୟାୟ ମିଳିବ। ଘରର ବୋହୂକୁ ୨୦୧୯ ନିର୍ବାଚନରେ ବ୍ୟବହାର କରି ନିର୍ବାଚନରେ ହାରିବା ପରେ ମୋର ଉପରେ ହୋଇଥିବା ଅକଥନୀୟ ଅତ୍ୟାଚାର ବିରୋଧରେ ଭୋଟ୍ ମାଧ୍ୟମରେ ଏହି କଳୁଷିତ ଅନଙ୍ଗ ଉଦୟ ସିଂହଦେଓଙ୍କ ପରିବାରକୁ ଲୋକେ ଉଚିତ ଜବାବ ଦେବେ। ମୋତେ ନ୍ୟାୟ ପ୍ରଦାନ କରିବେ ବୋଲି ମୋର ବିଶ୍ୱାସ। ସମସ୍ତଙ୍କୁ ମୋର ଜୁହାର ବୋଲି ଅଦ୍ରିଜା ଲେଖିଛନ୍ତି। ଅଦ୍ରିଜାଙ୍କ ଅଭିଯୋଗ ନେଇ ଜବାବ ରଖିଛନ୍ତି ସ୍ୱାମୀ ଅର୍କେଶ କହିଛନ୍ତି, କଣ୍ଟାବାଞ୍ଜିରେ ନାମାଙ୍କନ ଦାଖଲ କରିବା ପରେ ବଲାଙ୍ଗିରରେ ଯାହା ନବୀନ ବାବୁଙ୍କ ହାଓ୍ୱା ଚାଲିଛି, ବର୍ତ୍ତମାନ କଂଗ୍ରେସର ପରିସ୍ଥିତି ଭଲନାହିଁ। କଂଗ୍ରେସ ହାରିବା ସୁନିଶ୍ଚିତ। ସେଇଟା ସେମାନେ ସହି ପାରୁନାହାନ୍ତି। ସେଥିପାଇଁ ସେମାନେ ଯାହା ପରେ ତାହା କହୁଛନ୍ତି ବୋଲି ଅର୍କେଶ କହିଛନ୍ତି।

### ହିମନ୍ତ ବିଶ୍ୱଶର୍ମାଙ୍କ ସିଧା ହମଲା....

ହେଲେ ବିଜେପି ସରକାର ଆସିଲା ପରେ ୩ ଲକ୍ଷ ଯୁବବର୍ଗଙ୍କୁ ଚାକିରି ମିଳିବ। ଓଡ଼ିଶାରେ ବିଜେଡି ସରକାର ହେବାର କୌଣସି ସମ୍ଭାବନା ନାହିଁ । ଦିଲ୍ଲୀରେ ମୋଦି ସରକାର, ରାଜ୍ୟରେ ବିଜେପି ସରକାର ହେବ ବୋଲି ବିଶ୍ୱଶର୍ମା କହିଛନ୍ତି। ଜନସଭାକୁ ସମ୍ବୋଧିତ ବେଳେ ଏମ୍ ପିଭି-୮୨ ନାଁକୁ ନେଇ ସମାଲୋଚନା କରିଛନ୍ତି ବିଶ୍ୱଶର୍ମା। ଗାଁର ନାଁ ଏଭଳି କାରଣ ଏଠାରେ ନବୀନଙ୍କ ସରକାର ଚାଲିଛି। ବିଜେପି ସରକାର ହେଲେ ଏଠି ରାଜସ୍ୱ ଗ୍ରାମର ମାନ୍ୟତା ମିଳିବ। ବିଜେପି ସରକାର ଆସିଲେ, ନମ୍ବର ନୁହେଁ, ଗାଁର ନାଁ ଦିଆଯିବ। ବିଜେପି ମୁଖ୍ୟମନ୍ତ୍ରୀ ହେଲା ପରେ, ନିଶ୍ଚିତ ଭାବେ ଗାଁ ନାଁ ଦିଆଯିବ। ସେହିପରି ଓଡ଼ିଶାରେ ବିଜେପି ଆସିଲେ ବେଙ୍ଗଲୀଙ୍କ ପାଇଁ ବେଙ୍ଗଲୀ ଶିକ୍ଷକ ରହିବେ। ହିମନ୍ତ ବିଶ୍ୱଶର୍ମା କହିଛନ୍ତି, ଦିଲ୍ଲୀରେ ମୋଦିଙ୍କ ସରକାର ଅଛି, ପୁଣି ମୋଦିଙ୍କ ସରକାର ହେବ। ମୋଦି ଯାହା କହନ୍ତି, ତାକୁ କରିକି ଦେଖାନ୍ତି ବୋଲି ସମସ୍ତେ ଜାଣନ୍ତି। ଆସାମର ଲକ୍ଷେ ଲୋକଙ୍କୁ ସରକାରୀ ଖର୍ଚ୍ଚରେ ରାମ ମନ୍ଦିର ଦେଖାଇବାକୁ ନେବି। ଏଠି ବି ବିଜେପି ସରକାର ଆସିଲେ ୫ ଲକ୍ଷ ଲୋକଙ୍କୁ ଦର୍ଶନ ପାଇଁ ନିଆଯିବ ବୋଲି ଆସାମ ମୁଖ୍ୟମନ୍ତ୍ରୀ କହିଛନ୍ତି।

### ବିଜେଡି ଜାରି କଲା ...

କବଳିତ ପଛୁଆ ରାଜ୍ୟରୁ ଆଧୁନିକ ଅଭିବୃଦ୍ଧି ଭିତ୍ତିକ, ସଂସ୍କୃତି ଓ ଅସ୍ମିତାର ପରିଚୟ ଭିତ୍ତିକ ରାଜ୍ୟରେ ପରିଣତ କରିପାରିଛି। ପ୍ରଭୁ ଜଗନ୍ନାଥଙ୍କ କୃପା ଓ ଜନସାଧାରଣଙ୍କ ଆଶୀର୍ବାଦ ସହିତ ଏହି ଲୋକାଭିମୁଖୀ ମନିଫେଷ୍ଟୋରେ ଉପସ୍ଥାପିତ ହୋଇଥିବା ଗ୍ୟାରେଣ୍ଟି ଗୁଡିକ ୫-ଟି ଗଭର୍ନାନ୍ସ ମାଧ୍ୟମରେ କାର୍ଯ୍ୟକାରୀ ହେବ। ଓଡ଼ିଶା ଗଠନର ଶହେ ବର୍ଷ ପାଳନ କରିବାର ୨ ବର୍ଷ ପୂର୍ବରୁ ୨୦୩୪ ସୁଦ୍ଧା ଓଡ଼ିଶାକୁ ଏକ ନମ୍ବର ରାଜ୍ୟରେ ପରିଣତ ହେବ ବୋଲି ବିଜେଡି କହିଛି। ଘୋଷଣାପତ୍ରରେ ବିଜେଡି ଆହୁରି କହିଛି ଯେ ଓଡ଼ିଶାର ଯୁବକମାନଙ୍କ ନିମନ୍ତେ ୧୦ ବର୍ଷ ପାଇଁ ଏକ ଲକ୍ଷ କୋଟି ଟଙ୍କାର ଅଲଗା ବଜେଟ୍ ରଖାଯିବ। ଏହି ଯୁବ ବଜେଟ୍ ଜଳବାୟୁ ଓ ଜେଣ୍ଡର ବଜେଟ୍ ଭଳି ବିଧାନସଭାରେ ଉପସ୍ଥାପିତ ହେବ। ଯୁବକମାନଙ୍କ ଦ୍ୱାରା ଦିଆଯାଇଥିବା ପରାମର୍ଶକୁ ଆଧାର କରି ପ୍ରତିବର୍ଷ ଏଥିରୁ ହଜାରେ କୋଟି ଟଙ୍କା ଖର୍ଚ୍ଚ ହେବ। ବିଶ୍ୱରେ ଏହା ପ୍ରଥମ ପ୍ରକାରର ପ୍ରୟାସ ହେବ, ଯେଉଁଠାରେ ଯୁବକମାନେ ନିଜ ପରିଚୟ ଓ ଓଡ଼ିଶାର ପରିଚୟ ସୃଷ୍ଟି କରିପାରିବେ। ନୂଆ ଓ ମ୍ୟାଜିକ କାର୍ଡ ଦ୍ୱାରା ଏକାଧିକ ସୁବିଧା ସୁଯୋଗ ସହିତ ପରିସର ବିସ୍ତାର ହେବ। ନୂଆ ଓ' ଛାତ୍ରବୃତ୍ତି ବାଳିକାମାନଙ୍କ ପାଇଁ ବାର୍ଷିକ ୧୪,୦୦୦ ଓ ପୁଅମାନଙ୍କ ପାଇଁ ବାର୍ଷିକ ୧୨,୦୦୦କୁ ବୃଦ୍ଧି କରାଯିବ। ସରକାରୀ ପ୍ରବେଶ ପ୍ରକ୍ରିୟା ମାଧ୍ୟମରେ ଯୋଗ୍ୟତା ହାସଲ କରିବା ପରେ ଡିପ୍ଲୋମା ଓ ଡିଗ୍ରୀ ପାଠ୍ୟକ୍ରମ କରୁଥିବା ସମସ୍ତ ଯୋଗ୍ୟ ଛାତ୍ରଙ୍କୁ ଏହା ପ୍ରଦାନ କରାଯିବ। ଆସନ୍ତା ପାଞ୍ଚ ବର୍ଷରେ ୨ ଲକ୍ଷ ସରକାରୀ ଚାକିରି ଯୋଗାଇ ଦିଆଯିବ। ସ୍ୱୟମ ଉଦ୍ୟୋଗୀ ଋଣକୁ ବ୍ୟାପକ କଭରେଜ ସହିତ ଏକ ଲକ୍ଷରୁ ୨ ଲକ୍ଷକୁ ବୃଦ୍ଧି କରାଯିବ। ଓଡ଼ିଶାରେ ଏକ ନୂତନ କୌଶଳ ଓ ଉଦ୍ୟୋଗୀ ବିଶ୍ୱବିଦ୍ୟାଳୟ, ଷ୍ଟେଟ ଇନଷ୍ଟିଚ୍ୟୁଟ୍ ଅଫ୍ ଫ୍ୟାଶନ୍ ଟେକ୍ନୋଲୋଜି ଓ ଏଆଇ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରାଯିବ। ଅର୍ଥନୀତିକ ଅଭିବୃଦ୍ଧି ପାଇଁ ସମଗ୍ର ଇକୋସିଷ୍ଟମକୁ ଶକ୍ତିଶାଳୀ କରାଯିବ ଯାହା ଓଡ଼ିଶାକୁ ଦେଶର ଶ୍ରେଷ୍ଠ ତିନୋଟି ଅର୍ଥନୀତିକ ବିକଶିତ ରାଜ୍ୟରେ ପରିଣତ କରିବ। ଖଣିଜ ଭିତ୍ତିକ ଶିଳ୍ପ ବ୍ୟତୀତ ସେମିକଣ୍ଡକ୍ଟର, ଆଇଟି ଶିଳ୍ପ, କୃତ୍ରିମ ବୁଦ୍ଧିମତା ଇତ୍ୟାଦି ସହିତ ନୂତନ ଯୁଗ, ବୈଷୟିକ ଏବଂ ନୂତନ ଅର୍ଥନୀତି ଉପରେ ଧ୍ୟାନ ଦିଆଯିବ। ଓଡ଼ିଶା ପୂର୍ବ ଭାରତର ଆଇଟି ରାଜଧାନୀ ହେବ। ପରିବେଶ ଅନୁକୂଳ ପର୍ଯ୍ୟଟନ ପାଇଁ ୧୦୦ଟି ସ୍ଥାନ ଉପରେ ଧ୍ୟାନ ଦିଆଯିବ। ଖ୍ୟାତି ସମ୍ପନ୍ନ ବୈଷୟିକ ଏବଂ ପରିଚାଳନା ସଂସ୍ଥାଗୁଡ଼ିକ ଓଡ଼ିଶାରେ କ୍ୟାମ୍ପସ ପ୍ରତିଷ୍ଠା ପାଇଁ ଉତ୍ସାହିତ ହେବେ। ଯୋଜନାବଦ୍ଧ ସହରୀକରଣ ଅଭିବୃଦ୍ଧି, ଉତ୍ପାଦକତା ସୃଜନାତ୍ମକ ଏବଂ ପରିବର୍ତ୍ତନ ବୃଦ୍ଧି କରିବ। ଆଗାମୀ ୧୦ ବର୍ଷରେ ସହରୀ ଜନସଂଖ୍ୟାକୁ ଦ୍ୱିଗୁଣିତ ହେବ। ଉତ୍ତମ ଗୁଣବତ୍ତା ସମ୍ପର୍ଣ୍ଣ ସୁବିଧା ସୁଯୋଗ ନିମ୍ନଲିଖିତ ଅଞ୍ଚଳଗୁଡିକ ପାଇଁ ଯୋଗାଇ ଦିଆଯିବ। ଚାରୋଟି ମେଗା ସହରୀ କ୍ଲଷ୍ଟର ଯୋଜନା କରାଯାଇଛି।

### ଚେକ୍ ପୋଷ୍ଟରେ....

ଜଗେଆପେଟ୍ ସର୍କଲ ଇନସ୍ପେକ୍ଟର। ଆସନ୍ତା ୧୩ ତାରିଖରେ ଦେଶରେ ଚତୁର୍ଥ ପର୍ଯ୍ୟାୟ ନିର୍ବାଚନ ଅନୁଷ୍ଠିତ ହେବ । ଉକ୍ତ ଦିନ ୧୦ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ୯୬ଟି ଆସନ ପାଇଁ ନିର୍ବାଚନ ଅନୁଷ୍ଠିତ ହେବ । ସେଥିମଧ୍ୟରେ ଆନ୍ଧ୍ରପ୍ରଦେଶର ୨୫ଟି ସିଟ୍ ପାଇଁ ମଧ ନିର୍ବାଚନ ଅନୁଷ୍ଠିତ ହେବ ।


ନାମଲେଖା ଚାଲୁଅଛି

ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର

ମାତୃ ବିହାର, ମାନସିଂବଜାର, ବାଲେଶ୍ୱର

ସରକାରଙ୍କର ଆର.ଟି.ଇ ଆକ୍ଟ ଅନୁସାରେ ସମାଜରେ ଆର୍ଥିକ ଅନଗ୍ରସର, ଅବହେଳିତ, ଆଦିବାସୀ, ହରିଜନ ଓ ଗରିବ ପିଲାମାନଙ୍କ ପାଇଁ ୨୫ ପ୍ରତିଶତ ନିଶୁଳ୍କ ଶିକ୍ଷାଦାନ ବ୍ୟବସ୍ଥା ରହିଛି।

ଭାରତୀୟ ସଂସ୍କୃତି ଓ ପରମ୍ପରା ଆଧାରିତ ଶିକ୍ଷାନୁଷ୍ଠାନ

ଯୋଗାଯୋଗ : ୮୨୮୦୧୫୯୬୩୫/ ୯୪୩୯୧୯୦୯୫୦


# କୁସୁନପୁର ଗ୍ରାମରେ ଶ୍ରୀଜଗନ୍ନାଥ କଥାମୃତ

ପାରାଦୀପ, ୦୯/୫ (ନି.ପ୍ର): ଓଁ ଶ୍ରୀବାସୁଦେବ ଫାଉଣ୍ଡେସନ୍ ଟ୍ରଷ୍ଟ ପକ୍ଷରୁ କୁସୁନପୁରଠାରେ ଶ୍ରୀଜଗନ୍ନାଥ କଥାମୃତ ଆନ୍ତର୍ଜାତୀୟ ଚାରଣ ଗୋଷ୍ଠୀ, ପୁରୀ ଦ୍ୱାରା ସମାପିତ ହୋଇଯାଇଛି। ଟ୍ରଷ୍ଟର ସମ୍ପାଦକ ପ୍ରସନ୍ନ କୁମାର ବେଉରା,ଟ୍ରଷ୍ଟି ପ୍ରମୋଦ କୁମାର ବେଉରା, ପ୍ରଫୁଲ କୁମାର ବେଉରା, ପ୍ରତାପ କୁମାର ବେଉରା ଓ ପ୍ରବୀଣ କୁମାର ବେଉରାଙ୍କ ମାତା ପ୍ରମିଳା ବେଉରରାଙ୍କ ପ୍ରଥମ ବାର୍ଷିକ ଶ୍ରାଦ୍ଧ ଦିବସ ଉପଲକ୍ଷେ ଆୟୋଜିତ ଏହି ଭବ୍ୟ ସମାରୋହରେ ନିଗମ କଳ୍ପତରୁ ଆଶ୍ରମର ମଠାଧିଶ ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ, ବିଶ୍ୱାବସୁ ଦଇତାପତି ବିନାୟକ ଦାସମହାପାତ୍ର,ଆଦିତ୍ୟ ବାହିନୀର ରାଷ୍ଟ୍ରିୟ ମାର୍ଗଦର୍ଶକ ପଣ୍ଡିତ ମାତୃପ୍ରସାଦ ମିଶ୍ର, ମହାସଚୀବ ଡଃ. ଶୁଭେନ୍ଦୁ ସ୍ୱାଇଁ, ଆନ୍ତର୍ଜାତୀୟ ଚାରଣ ଗୋଷ୍ଠୀ କଟକ ଜିଲ୍ଲା ସଙ୍ଗଠକ ପଣ୍ଡିତ ଲିଙ୍ଗରାଜ ପତି, ଦଇତାପତି ଅନାଥ ଦାସମହାପାତ୍ର,ପୁରୀ ମୁକ୍ତିମଣ୍ଡପର ପଣ୍ଡିତ ରାମକୃଷ୍ଣ ମହାପାତ୍ର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ବିଷ୍ଣୁ ସହସ୍ରନାମ, ଶ୍ରୀମଦ୍ ଭଗବତ ଗୀତା ଓ ହନୁମାନ ଚାଳିଶା ଆଦି ପାଠ କରାଯାଇଥିଲା । ଆଜିକାଲି ବାପାମାଆଙ୍କୁ ବୃଦ୍ଧାଶ୍ରମରେ ଛାଡି ଆସି ଯୁବପିଢି ସେମାନଙ୍କୁ ସମ୍ପୂର୍ଣ୍ଣ ଭୁଲି ଯାଉଛନ୍ତି। ଟ୍ରଷ୍ଟର ସମ୍ପାଦକ ଓ ଟ୍ରଷ୍ଟିମାନେ ସେମାନଙ୍କ ମାଆଙ୍କ ସ୍ମୃତିକୁ ଉଜାଗର ରଖିବା ଉଦ୍ଦେଶ୍ୟରେ ଏହି ଭବ୍ୟ ଓ ଦିବ୍ୟ କାର୍ଯ୍ୟକ୍ରମର ଆୟୋଜନ କରିଥିବାରୁ ଅତିଥିମାନେ ସେମାନଙ୍କୁ ସାଧୁବାଦ ଜଣାଇଥିଲେ। ଏହା ଅନ୍ୟମାନଙ୍କ ପାଇଁ ଏକ ଅନନ୍ୟ ଉଦାହରଣ ସୃଷ୍ଟି କରିଥିବା ନେଇ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ବିଭିନ୍ନ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମାଜର ଉନ୍ନତି ଓ ଲୋକମାନଙ୍କ ସେବା କରିବା ଓଁ ଶ୍ରୀବାସୁଦେବ ଫାଉଣ୍ଡେସନ୍ ଟ୍ରଷ୍ଟର ମୁଖ୍ୟ ଉଦ୍ଦେଶ୍ୟ ବୋଲି ସମ୍ପାଦକ ପ୍ରସନ୍ନ କୁମାର ବେଉରା କହିଛନ୍ତି। ଆଜିର ଯୁବ ସମାଜ ପଥଭ୍ରଷ୍ଟ ନହୋଇ ପ୍ରଥମେ ନିଜ ପିତାମାତାଙ୍କୁ ଭକ୍ତି କରିବାକୁ ସେ ପରାମର୍ଶ ଦେଇଛନ୍ତି।





ଶୁକ୍ରବାର, ମଇ ୧୦, ୨୦୨୪

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ଟାଟା ଷ୍ଟିଲ ସ୍କୁଲରେ ନାମ ଲେଖା ବନ୍ଦକୁ ନେଇ ତାତିଲେ ଅଭିଭାବକ

ଯୋଡା, ୦୯/୫ (ନି.ପ୍ର): ଯୋଡା ସହରରେ ଥିବା ଭାରତର ଅଗ୍ରଣୀ ଟାଟା ଖଣି ଓ ଶିଳ୍ପ କମ୍ପାନୀର ପଶ୍ଚିମ ଯୋଡା ସ୍ଥିତ କାର୍ଯ୍ୟାଳୟକୁ ଘେରିଛନ୍ତି ସ୍ଥାନୀୟ ଛାତ୍ର, ଛାତ୍ରୀଙ୍କ ଅଭିଭାବକ। ଯୋଡ଼ାର ବିକାଶରେ ସହଭାଗିତାର ଡିଣ୍ଡିମ ପିଟୁଥିବା ଟାଟା ଷ୍ଟିଲର ଅସଲ ମୁଖା ସମ୍ନାକୁ ଆସିଥିବା ବେଳେ ପ୍ରତାରଣାର ଶିକାର ହୋଇଥିବା ଯୋଡ଼ା ବାସୀ କମ୍ପାନୀର କାର୍ଯ୍ୟାଳୟକୁ ଘେରାଉ କରିଛନ୍ତି। ପଶ୍ଚିମ ଯୋଡା ସ୍ଥିତ ବହୁ ପୁରାତନ ଟାଟା ଷ୍ଟିଲ ପ୍ରାଇମେରୀ ସ୍କୁଲରେ ଛାତ୍ର, ଛାତ୍ରୀ ମାନଙ୍କର ନୂତନ ନାମ ଲେଖାକୁ ସ୍କୁଲ ପକ୍ଷରୁ ବାତିଲ କରାଯାଇଛି। ନୂତନ ନାମ ଲେଖାଇବା ପାଇଁ ସ୍ଥାନୀୟ ଅଭିଭାବକ ମାନେ ଯାଇ ସ୍କୁଲରେ ପହଞ୍ଚିବା ପରେ ସ୍କୁଲ କର୍ତ୍ତୃପକ୍ଷ ନୂତନ ନାମ ଲେଖାଇବା ପାଇଁ ମନା କରି ଦେଇଥିଲେ। କୌଣସି ସୂତ୍ରରୁ ନାମ ଲେଖାଇବା ପାଇଁ କମ୍ପାନୀର ଉଚ୍ଚ କର୍ତ୍ତୃପକ୍ଷ ବାରଣ କରିଥିବା ଜାଣିବା ପରେ ସ୍ଥାନୀୟ ଅଭିଭାବକ ମାନେ ବୁଧବାର ଦିନ ପଶ୍ଚିମ ଯୋଡା ସ୍ଥିତ ଯୋଡା ସେଣ୍ଟ୍ରାଲ ଅଫିସକୁ ଯାଇଥିଲେ ଓ ନାମ ଲେଖା ବନ୍ଦ କରିବାର କାରଣ ସମ୍ପର୍କରେ କର୍ତ୍ତୃପକ୍ଷଙ୍କୁ ପଚାରି ଥିଲେ। ତେବେ ଆସନ୍ତା ୧୬ ତାରିଖରୁ ନୂତନ ନାମ ଲେଖାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଥିବା କଥା ଅଧିକାରୀ କହିବା ପରେ ଅଭିଭାବକମାନେ ଟିଏସଏଫ୍ ( ଟାଟା ଷ୍ଟିଲ ଫାଉଣ୍ଡେସନ ) ଅଧିକାରୀ ରବୀନ୍ଦ୍ର କୁମାରଙ୍କୁ ଭେଟିଥିଲେ। ଉପରୁ ନିର୍ଦ୍ଦେଶ ଥିବାରୁ ବର୍ତ୍ତମାନ ଆଡମିଶନ ବନ୍ଦ କରାଯାଇଛି। ୧୦ ତାରିଖରେ କମ୍ପାନୀର ଏକ ମିଟିଂ ପରେ ନିଷ୍ପତି ନିଆଯିବ ବୋଲି ଟିଏସଏଫ୍ ଅଧିକାରୀ ରବୀନ୍ଦ୍ର କୁମାର ପ୍ରକାଶ କରିଥିବା ବେଳେ କମ୍ପାନୀ ସ୍କୁଲଟିକୁ ବନ୍ଦ କରିବାର ନିଷ୍ପତ୍ତି ଅତ୍ୟନ୍ତ ଦୁର୍ଭାଗ୍ୟ ଜନକ ବୋଲି ଅଭିଭାବକ ମାନେ ଅଭିଯୋଗ କରିବା ସହିତ ଏହାକୁ ନେଇ ଅଭିଭାବକ ମହଲରେ ଅସନ୍ତୋଷ ବୃଦ୍ଧି ପାଇଛି। ସ୍ଥାନୀୟ ଯୋଡା ପୌରାଞ୍ଚଳ ଏକ ଖଣି ପ୍ରଭାବିତ ଅଞ୍ଚଳ। ଅଞ୍ଚଳର ବିକାଶ ନାମରେ ଡିଣ୍ଡିମ ପିଟି ନିଜ ବ୍ୟବସାୟକୁ ବୃଦ୍ଧି କରି ଚାଲିଥିବା କମ୍ପାନୀ ଅନ୍ୟପଟେ ଏଠାରେ ଖୋଲିଥିବା ଏକାଧିକ ସ୍କୁଲକୁ ପ୍ରାୟତଃ ବନ୍ଦ କରି ଦେଲାଣି।

## ଅବକାରୀ ବିଭାଗର ଚଢ଼ାଉ : ତିନି ଜଣ ଗିରଫ

ବେତନଟୀ , ୦୯/୫ (ନି.ପ୍ର): ବେତନଟୀ ଅବକାରୀ ଥାନା ଅଧୀନ ବେତନଟୀ ଓ ବୈଶିଙ୍ଗା ଅଞ୍ଚଳ ରେ ଆଜି ଅବକାରୀ ବିଭାଗ ଚଢାଉ କରି ଦେଶୀ ମଦ ଜବତ କରି ତିନି ଜଣ ଙ୍କୁ ଗିରଫ କରିଛି ଅବକାରୀ ପୁଲିସ। ଅଭିଯୁକ୍ତ ମାନେ ହେଲେ ବେତନଟୀ ଥାନା ଅଧୀନ ଗରୁଡବସା ଗ୍ରାମର ଯୁଧିଷ୍ଠିର ନାଏକ (୬୧) ଓ ଆମ୍ବଯୋଡ଼ା ଗ୍ରାମର ବଳରାମ ବିନ୍ଧାଣୀ (୬୦) ସେହିଭଳି ବୈଶିଙ୍ଗା ଥାନା ଅଧୀନ କୋଠବାଡି ଗ୍ରାମର ଲୁଖି ମୁର୍ମୁ (୪୬) ବୋଲି ଜଣାପଡିଛି। ଚଢ଼ାଉ ସମୟରେ ମୋଟ ତାଙ୍କ ପାଖରୁ ମୋଟ ୫୦ ଲିଟର ଦେଶୀ ମଦ ଜବତ କରାଯାଇଛି ଅଭିଯୁକ୍ତ ମାନଙ୍କୁ କୋର୍ଟ ଚାଲାଣ କରାଯାଇଛି।

## ଭାଲୁକପୋଷି ବିଦ୍ୟାଳୟରୁ ଚୋରି

ନୀଳଗିରି, ୦୯/୫ (ନି.ପ୍ର): ବରହମପୁର ଥାନା ଅଧୀନ ଛତ୍ରପୁର ପଞ୍ଚାୟତ ଭାଲୁକପୋଷି ବିଦ୍ୟାଳୟରେ କେହି ଦୁର୍ବୃତ୍ତ ଶ୍ରେଣୀ ଘରର ଚାବି ଭାଙ୍ଗି ଘର ଭିତରେ ଥିବା ୩ଟି ପଙ୍ଖା, ପିଲାଙ୍କ ୪୦ଟି ଖାଇବା ଥାଳି, ୪ଟି ପ୍ଲାଷ୍ଟିକ୍ ଚେୟାର, ୱାଟର ଫିଲ୍ଟର, ରୋଷେଇ ସାରଞ୍ଜାମ, ଇଲେକ୍ଟ୍ରି ତାର ପ୍ରଭୃତି ଚୋରି କରିଥିବାର ଜଣାପଡିଛି। ସକାଳେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରାଧା ଗୋବିନ୍ଦ ପସା ବିଦ୍ୟାଳୟକୁ ଆସି ବିଦ୍ୟାଳୟର ଏପରି ଅବସ୍ଥା ଦେଖି ତୁରନ୍ତ ବିଦ୍ୟାଳୟ କମିଟିକୁ ଜଣାଇବା ସହିତ ବରହମପୁର ଥାନାକୁ ଲିଖିତ ଭାବେ ଅବଗତ କରାଇଥିଲେ। ଘଟଣାସ୍ଥଳରେ ବରହମପୁର ଥାନାର ଏଏସଆଇ କଳ୍ପତରୁ ସାହୁ ଏବଂ ହାବିଲ୍‌ଦାର ଅଞ୍ଜନ ମିଶ୍ର ପହଁଚ୍ଛି ତଦନ୍ତ କରିଛନ୍ତି।

# ଦିବ୍ୟାଙ୍ଗ ଓ କିନ୍ନରମାନଙ୍କ ଦ୍ୱାରା ଭୋଟର ସଚେତନତା କାର୍ଯ୍ୟକ୍ରମ

ଭଦ୍ରକ, ୦୯/୫ (ନି.ପ୍ର): ଆଗାମୀ ଜୁନ୍ ୧ ତାରିଖରେ ଭଦ୍ରକ ଜିଲ୍ଲାର ୧ଟି ଲୋକସଭା ଓ ୫ଟି ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ହେବାକୁ ଯାଉଥିବା ମତଦାନ ଉପଲକ୍ଷେ ମତଦାନ ହାର ବୃଦ୍ଧି ନିମନ୍ତେ ଜିଲ୍ଲା ପ୍ରଶାସନ ତରଫରୁ ମତଦାତା ମାନଙ୍କୁ ବିଭିନ୍ନ ଉପାୟରେ ସଚେତନ କରାଯାଉଛି। ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗର ସହଯୋଗରେ ଦିବ୍ୟାଙ୍ଗ ଓ କିନ୍ନର ମାନଙ୍କୁ ନେଇ ଭଦ୍ରକ ସହର ମୁଖ୍ୟ ରାସ୍ତାରେ ଏକ ଶୋଭାଯାତ୍ରା ଜରିଆରେ ଭୋଟର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ କୁମାର ଦ ମୁଖ୍ୟ ଅତିଥି ଭାବେ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ସମସ୍ତ ଭୋଟର ମାନଙ୍କ ସଚେତନତା ଉଦ୍ଦେଶ୍ୟରେ ବା ୍ ପ୍ରଦାନ କରିବା ସହିତ ଏହି ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମର ସଂଯୋଜକ ଜିଲ୍ଲା ଯୋଜନା ଓ ପର୍ଯ୍ୟାଲୋଚନା ବିଭାଗର ଯୁଗ୍ମ ନିର୍ଦ୍ଦେଶକ ମହେଶ ଚନ୍ଦ୍ର ସ୍ୱାଇଁ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପବିତ୍ର କୁମାର ଦାସ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ, ଜିଲ୍ଲା ସଂସ୍କୃତି ଅଧିକାରୀ ତନୁଜା ସିର୍କା ପ୍ରମୁଖ ଅନ୍ୟତମ ଅତିଥି ଭାବେ ଯୋଗଦେଇ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ମତାଦାତାମାନଙ୍କ ସଚେତନତା ଉଦ୍ଦେଶ୍ୟରେ ଡାକବାଜି ଯନ୍ତ୍ର ଜରିଆରେ ବିଭିନ୍ନ ସ୍ଲୋଗାନ ପରିବେଷଣ କରାଯିବା ସହିତ ବିଭିନ୍ନ ପ୍ଲାକାର୍ଡ଼ ପ୍ରଦର୍ଶନ କରାଯାଇଥିଲା। କିନ୍ନର ଓ ଦିବ୍ୟାଙ୍ଗମାନେ ବହୁ ଆଗ୍ରହର ସହିତ ଏହି କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ। ସେମାନଙ୍କୁ ନେଇ ଆୟୋଜିତ ଏହି ଶୋଭାଯାତ୍ରା ମତଦାତାଙ୍କ ସଚେତନତା୍ ପାଇଁ ବେଶ୍ ପ୍ରଭାବୀ ହେଇପାରିଥିବା ଅନୁଭବ କରାଯାଇଥିଲା। ସଂସ୍କୃତି ଭବନ ରେ ଆୟୋଜିତ ସେଲଫି ପଏ ରେ କିନ୍ନର ଓ ଦିବ୍ୟାଙ୍ଗମାନେ ଫଟୋ ଉଠାଇ ଖୁସି ମନାଇଥିଲେ। ଜିଲ୍ଲା ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ସୁବାଷ ଚନ୍ଦ୍ର ନାୟକ, ଜିଲ୍ଲା ଯୋଜନା ଓ ପର୍ଯ୍ୟାଲୋଚନା ବିଭାଗର ଅଧିକାରୀ ହରିହର ଭୂଇଁ, ଫାଇନାନ୍ସ ଏକସ୍‌ପର୍ଟ ଭଗବାନ ବାରିକ ଅନ୍ୟତମ ଅଧିକାରୀ ରଶ୍ମିତା ପୃଷ୍ଟି, ସରୋଜ ଦାସ ପ୍ରମୁଖ ଏହି କାର୍ଯ୍ୟକ୍ରମ ଆୟୋଜନରେ ଆନୁସଙ୍ଗିକ ସହଯୋଗ ପ୍ରଦାନ କରିଥିଲେ।




# ହାତିଆଡିହା ଶିବମୁନି ଯୋଗାଶ୍ରମରେ ଶୁଭ ଜନ୍ମଦିନ ପାଳନ




ରୂପସା , ୦୯/୫ (ନି.ପ୍ର): ଆଶ୍ରମର ଯୋଗ ସାଧିକା ମୁନିମତୀ ସରସ୍ୱତୀ ନନ୍ଦଙ୍କ ସୁପୁତ୍ର ଆୟୁଷ୍ମାନ୍ ମୁନିକୁମାର କିରଣ କୁମାର ତ୍ରିପାଠୀଙ୍କର ଷୋଡ଼ଶ ତମ ଶୁଭ ଜନ୍ମଦିନ,ବ୍ରହ୍ମଜ୍ଞାନୀ ଜିଲ୍ଲା ସମ୍ପାଦକ,ପ୍ରାନ୍ତୀୟ ପ୍ରଚାର ସଙ୍ଗଠନ ମନ୍ତ୍ରୀ ମୁନି ସମାଜର ଜ୍ୟୋତି, ଯୋଗାଚାର୍ଯ୍ୟ ଅନନ୍ତ ମୁନିଜୀ ଙ୍କ ଅଧକ୍ଷତାରେ ମହା ସମାରୋହରେ ପାଳିତ ହୋଇଯାଇଛି।ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ ଆତ୍ମଜ୍ଞାନୀ,ଆଶ୍ରମର କୋଷାଧ୍ୟକ୍ଷ ଯୋଗୀ ଭିକାରି ଚରଣ ମୁନି ଜୀ ମହୋଦୟ।ମୁଖ୍ୟ ବକ୍ତା ହିସାବରେ ଯୋଗଦାନ କରିଥିଲେ,ପ୍ରାନ୍ତୀୟ ସହ ସମ୍ପାଦକ ଆତ୍ମଜ୍ଞାନୀ ଯୋଗୀ ଚିତ୍ତରଞ୍ଜନ ମୁନିଜୀ ମହୋଦୟ। ସମ୍ମାନୀତ ବକ୍ତା ହିସାବରେ ଯୋଗଦାନ କରିଥିଲେ ଆତ୍ମଜ୍ଞାନୀ ମୁନିରାଜ ଅମୂଲ୍ୟ ମୁନିଜୀ ମହୋଦୟ।ସମ୍ମାନୀତ ଅତିଥି ହିସାବରେ ଯୋଗଦାନ କରିଥିଲେ ଆତ୍ମଜ୍ଞାନୀ ଯୋଗଶିକ୍ଷୟତ୍ରୀ କଳ୍ପନା ମିସ୍ତ୍ରୀ ମହୋଦୟା।ମଞ୍ଚ ପରିଚାଳନା କରିଥିଲେ , ଆଶ୍ରମର ବରିଷ୍ଠ ଯୋଗ ସାଧକ ଆତ୍ମଜ୍ଞାନୀ ଯୋଗୀ ପରମାନନ୍ଦ ମୁନି ଜୀ ମହୋଦୟ। ପ୍ରଥମେ ସମୂହ ପ୍ରଣବ, ଶୁଭ ଭାବନା, ବେଦ ପାଠ, ଶାନ୍ତି ପାଠ, କରାଯାଇ ଆୟୁଷ୍ମାନ୍ ମୁନିକୁମାର କିରଣ କୁମାରଙ୍କୁ ତାଙ୍କର ଦୀର୍ଘ ନୀରୋଗ ନିରାମୟ ଆନନ୍ଦମୟ ଜୀବନର ସମୂହ ଶୁଭ ଆଶିର୍ବାଦ ପ୍ରଦାନ କରାଯାଇଥିଲା। ସେ ଦେବୋପମ ପ୍ରତିଭାର ଅଧିକାରୀ ହେବା ସହିତ ବିଶ୍ୱର କଲ୍ୟାଣକାରୀ ମହାତ୍ମା ହବାର ଶୁଭ ଆଶିର୍ବାଦ ପ୍ରଦାନ କରାଯାଇଥିଲା । ସହିତଉପସ୍ଥିତ ଥିଲେ ଆଶ୍ରମର ଉପାଧକ୍ଷା ଆତ୍ମଜ୍ଞାନୀ ମୁନିରାଜ୍ଞୀ କନକଲତା ମହାପାତ୍ର ମହୋଦୟା, ମୁନିମତୀ ଶକୁନ୍ତଳା ପରିଡ଼ା, ମୁନିରାଜ୍ଞୀ ସୁମତୀ ଦଳାଇ, ମୁନିରାଜ୍ଞୀ ବିମଳା ଲେଙ୍କା,ମୁନିମତୀ ବାସନ୍ତୀ ମହାଳିକ।ସେ ଜନ୍ମଦିନ ସଙ୍ଗୀତ ଗାନ କରିଥିଲେ।ମୁନି ନାରାୟଣ ମହାପାତ୍ର,ମୁନି ସାଧନ ସିଂ,ମୁନିମତୀ ଯମୁନା ପାତ୍ର, ମୁନିମତୀ ଯମୁନା ବର, ମୁନିମତୀ ଉର୍ମିଳା ରାଉଳ, ମୁନିମତୀ ପୂର୍ଣ୍ଣମା ବର, ମୁନିମତୀ ସଙ୍ଗଯୁକ୍ତା ପରିଡ଼ା,ମୁନିମତୀ କୁନି ମାଝୀ,ମୁନି ଗଣେଶ୍ୱର ବର,ମୁନି ଶଶଧର ସେନାପତି,ମୁନି ରଘୁନାଥ ବେହେରା,ମୁନି ମାର୍କଣ୍ଡ ବର,ମୁନି ସତ୍ୟ ସେନାପତି ,ମୁନିମତୀ ସମୁନିକୁମାରୀ ପ୍ରଭାସିନୀ ବର, ମୁନିକୁମାରୀ ନୀହାରିକା ବର ,ମୁନି କୁମାରୀ ନିବେଦିତା ବର ପ୍ରମୁଖ । ଶେଷରେ ପରମ ପୂଜ୍ୟା ମମତାମୟୀ ମାତା ଉପସ୍ଥିତ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରି ଏକାତ୍ମ ସ୍ୱାଦିଷ୍ଟ ସୁସ୍ୱାଦୁ ବ୍ୟଞ୍ଜନରେ ଆପ୍ୟାୟିତ କରିଥିଲେ ।

# ମନ୍ଦିର ଭିତରେ ଯୁବକର ଝୁଲନ୍ତା ଶବ ଉଦ୍ଧାର

ବେତନଟୀ ୯/୫: ବେତନଟୀ ଥାନା ଅଧୀନ ଉରାଚନ୍ଦାବିଲା ଶିବ ମନ୍ଦିର ଭିତରେ ଜଣେ ଯୁବକ ଆତ୍ମହତ୍ୟା କରିଥିବା ଜଣାପଡିଛି। ମୃତକ ଯୁବକ ଜଣଙ୍କ ହେଉଛନ୍ତି ବାଲେଶ୍ୱର ଜିଲ୍ଲାର ନୀଳଗିରି ଥାନା ଅଧୀନ ହାତୀକଟା ଗ୍ରାମ ର ଦୈତାରୀ ପାତ୍ର ଙ୍କ ପୁଅ ରାମଚନ୍ଦ୍ର ପାତ୍ର (୨୫) ବୋଲି ଜଣାପଡିଛି। ବେତନଟୀ ପୁଲିସ ସ୍ଥାନୀୟ ଲୋକ ଙ୍କ ଠାରୁ ଖବର ପାଇ ଘଟଣା ସ୍ଥଳରେ ପହଞ୍ଚି ମନ୍ଦିର ଭିତରେ ଥିବା ଏକ ଲୁହା ଛଡ଼ ରେ ମୃତ ଦେହ ଝୁଲୁଥିବା ଅବସ୍ଥାରେ ଉଦ୍ଧାର କରି ଶ୍ୱ ବ୍ୟବଛେଦ ପାଇଁ ବାରିପଦା ପିଆରେମ ମେଡିକାଲ କଲେଜ କୁ ପଠାଇଥିବା ଜଣାପଡିଛି। ପୁଲିସ ଏହି ଶ୍ୱ ଉଦ୍ଧାର କରିବା ସମୟରେ ମାଜିଷ୍ଟ୍ରେଟ ଭାବରେ ବେତନଟୀ ତହସିଲ ର ଏଡିଶନ୍ନାଲ ତହସିଲଦାର ପ୍ରଦୀପ କୁମାର ଦାସ ଉପସ୍ଥିତ ଥିଲେ। ବେତନଟୀ ପୁଲିସ ଏହି ଘଟଣା ନେଇ ଏକ ୧୫/୨୪ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରୁଥିବା ଜଣାପଡିଛି। ଏହି ଘଟଣା ପାଇଁ ବାରିପଦା ରୁ ସାଇଣ୍ଟିଫିକ ଟିମ ଘଟଣା ସ୍ଥଳକୁ ଆସି ତଦନ୍ତ କରିଛନ୍ତି। ଘଟଣା ରୁ ପ୍ରକାଶ ଏହି ଯୁବକ ଙ୍କ ଘର ବାଲେଶ୍ୱର ଜିଲ୍ଲା ନୀଳଗିରି ଅଞ୍ଚଳର ହୋଇଥିବା ବେଳେ ବାଲେଶ୍ୱର ଜିଲ୍ଲାରେ ଏକ ଚିଙ୍ଗୁଡ଼ି ଫାର୍ମ ରେ ଶ୍ରମିକ ଭାବରେ କାମ କରୁଥିଲେ। କାମ କରୁଥିବା ସମୟରେ ସେହି ଫାର୍ମ ରେ କାମ କରୁଥିବା ଅନ୍ୟ ଜଣେ ଯୁବତୀଙ୍କୁ ଭଲ ପାଇ ଆସୁଥିଲେ। ଏହି ଯୁବତିଙ୍କ ଘର ମୟୂରଭଞ୍ଜ ଜିଲ୍ଲାରେ ହୋଇଥିବା ବେଳେ ଏହି ଘଟଣା କୁ ନେଇ କୌଣସି କାରଣରୁ ଯୁବକ ମନ୍ଦିର ଭିତରେ ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଉଛି। ପୁଲିସ ସଠିକ୍ ଭାବରେ ତଦନ୍ତ କରିଲେ ଯୁବକର ମୃତ୍ୟୁ ର କାରଣ ବୋଲି ଜଣାପଡିବ।

# ମୟୂରଭଞ୍ଜ କଲେଜ ଅଫ ଆକାଉନଟ୍ଟେନସି ଆଣ୍ଡ ମ୍ୟାନେଜମେଣ୍ଟରେ ବିଶ୍ୱ ରେଡ୍‌କ୍ରସ ଦିବସ ପାଳିତ




ବାରିପଦା, ୦୯/୫ (ନି.ପ୍ର): ପ୍ରତ୍ୟେକବର୍ଷ ଅନ୍ତର୍ଜାତୀୟ ରେଡ୍ କ୍ରୋସ୍ ଓ ରେଡ୍ କ୍ରିସେଣ୍ଟର ପ୍ରତିଷ୍ଠାତା ହେନରି ଡନାଣ୍ଟ ଜନ୍ମ ଦିବସ ମେ ୮ କୁ ବିଶ୍ୱ ରେଡ୍ କ୍ରସ ଦିବସ ହିସାବ ରେ ପାଳନ କରାଯାଏ। ସେବା ଓ ସହାୟତା କ୍ଷେତ୍ର କୁ ଉଲ୍ଲେଖନୀୟ ଅବଦାନ ପାଇଁ ତାଙ୍କୁ ପ୍ରଥମ ଶାନ୍ତି ନୋବେଲ ପୁରସ୍କାର ରେ ସମ୍ମାନିତ କରାଯାଇଥିଲା। ଏହି ମହାନ ବ୍ୟକ୍ତି ଙ୍କ ପ୍ରତି ଶ୍ରଦ୍ଧା ଓ ସମ୍ମାନ ଜଣେଇବା ଉଦ୍ଦେଶ୍ୟ ରେ ତାଙ୍କ ଜନ୍ମ ଦିବସ ଅବସରରେ ସ୍ଥାନୀୟ ମହାରାଜପୁରସ୍ଥିତ ମୟୂରଭଞ୍ଜ କଲେଜ ଅଫ ଆକାଉନଟ୍ଟେନସି ଆଣ୍ଡ ମ୍ୟାନେଜମେଣ୍ଟ ର ଯୁବ ରେଡ୍ କ୍ରସ୍ ସଙ୍ଗଠନର କାଉନସେଲୋର୍ ମୀରା ସେନାପତି ଙ୍କ ପୌରହିତ୍ୟ ରେ ତଥା ମହାବିଦ୍ୟାଳୟ ଅଧକ୍ଷ ପ୍ରଦୀପ କୁମାର ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିଶ୍ୱ ରେଡ୍ କ୍ରୋସ୍ ଦିବସ ପାଳିତ ହୋଇଯାଇଛି। ବିଭିନ୍ନ ପ୍ରକାର ରୋଗ, ମହାମାରୀ, ଦୁର୍ଭିକ୍ଷ, ଦୁର୍ଘଟଣା, ଓ ଯୁଦ୍ଧ ଭଳି ଦୁର୍ଦ୍ଦିନ ରେ ମାନବ ଜାତିକୁ ସହାୟତା ଯୋଗାଇ ଦେବା ହେଉଛି ଏହି ରେଡ କ୍ରୋସ ସଂଗଠନ ର ମୂଳ ଲକ୍ଷ୍ୟ ଏବଂ ମହାବିଦ୍ୟାଳୟ ର ରେଡ୍ କ୍ରସ ସଂଗଠନ ସ୍ୱେଚ୍ଛାସେବୀ ମାନେ କିପରି ଭାବେ ସେହି ଲକ୍ଷ୍ୟ କୁ ପୂରଣ କରିବେ ସେ ବିଷୟରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ଉପାଧକ୍ଷା ସଂଘମିତ୍ରା ରାଉତ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ରେଡ୍ କ୍ରସ ଦ୍ୱାରା ଜାତି, ଧର୍ମ, ବର୍ଣ୍ଣ, ନିର୍ବିଶେଷରେ ସମାଜର ଦୁଃଖ, ଦୁର୍ଦ୍ଦଶା କମେଇବା ଲାଗି ସ୍ୱେଚ୍ଛା ସେବୀ ମାନଙ୍କୁ କାର୍ଯ୍ୟରତ ରହିବା ନିମନ୍ତେ ପରାମର୍ଶ ଦେଇଥିଲେ। ଅଧ୍ୟାପକ ମଦନ ମୋହନ ସାହୁ, ଆଶିଷ କୁମାର ଦାସ, ଅଧ୍ୟାପିକା ସୁଜାତା ପାଲ, ସୁଦେଷ୍ଣା ଭଞ୍ଜବାବୁ ପ୍ରମୁଖ ସମ୍ମାନିତ ଅତିଥି ରୂପେ ଯୋଗଦେଇ ରେଡ୍ କ୍ରସ୍ ଦିବସ ପାଳନ କରିବାର ଉଦ୍ଦେଶ୍ୟ କୁ ବ୍ୟକ୍ତ କରିଥିଲେ। ମୟୂରଭଞ୍ଜ କଲେଜ ଅଫ ଆକାଉନଟେନ୍ ଆଣ୍ଡ ମ୍ୟାନେଜମେଣ୍ଟ ଏଡୁକେସନାଲ ଟ୍ରଷ୍ଟ ର ଟ୍ରଷ୍ଟି କୀର୍ତ୍ତିକୌଶିକ ନାୟକ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

# ଘରପୋଡି ଦୁର୍ଗତଙ୍କୁ ରେଡ଼କ୍ରସର ରିଲିଫ ସହାୟତା




ବଡସାହି , ୦୯/୫ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ର ବଡ଼ସାହି ବ୍ଲକ ଅନ୍ତର୍ଗତ କେନ୍ଦୁଡିହା ପଞ୍ଚାୟତ ସ୍ଥିତ କୁଳିଅଣା 'ଖ 'ବିନ୍ଧାଣି ସାହି ରେ ଉଣେଇଶ ଟି ପରିବାର ଅଗ୍ନି ଦୁର୍ବିପାକ ରେ ଗତ ସାତ ତାରିଖ ଦିନ ସମ୍ପୂର୍ଣ୍ଣ ଜଳିପୋଡି ପାଉଁଶ ହୋଇଯାଇଥିଲା । କେବଳ ପିନ୍ଧା ଲୁଗା ବ୍ୟତୀତ ଆଉ ସେମାନଙ୍କ ପାଖରେ କିଛି ସମ୍ବଳ ନଥିଲା । ଏଭଳି ଦୁର୍ଦ୍ଦିନ ରେ ବିଶ୍ୱର ସର୍ବୋତ୍ତମ ସେବା ସଂସ୍ଥା ରେଡ଼କ୍ରସର ଓଡିଶା ରାଜ୍ୟ ଶାଖାର ଅବୈତନିକ ସଚିବ ଶ୍ରୀଯୁକ୍ତ ବିଭୁତି ଭୂଷଣ ପଟ୍ଟନାୟକ ଙ୍କ ତତ୍ତ୍ୱାବଧାନରେ ତ୍ୱରିତ ରିଲିଫ ବଣ୍ଟନ କାର୍ଯ୍ୟ ସମ୍ପାଦନ କରାଯାଇଥିଲା । ଏହି ରିଲିଫ ବଣ୍ଟନ କାର୍ଯ୍ୟକ୍ରମରେ ଜିଲ୍ଲା ୟୁଥ ରେଡ଼କ୍ରସ ସଂଯୋଜକ ଡ଼ ଦିଲ୍ଲୀପ କୁମାର ଭୋଇ, ଜିଲ୍ଲା ଜୁନିୟର ରେଡ଼କ୍ରସ ସେକ୍ରେଟାରୀ ଶ୍ରୀଯୁକ୍ତ ଭାଗିରଥି ମଲ୍ଲିକ,ଜୁନିୟର ରେଡ଼କ୍ରସ ପ୍ରଶିକ୍ଷକ ଚନ୍ଦନ କୁମାର ଦାସ, ରେଡ଼କ୍ରସ ପ୍ରଶିକ୍ଷକ ଦୀପକ ରାମ, ରେଡ଼କ୍ରସ ପ୍ରଶିକ୍ଷକ ମନୋଜ ଜେନା, ରେଡ଼କ୍ରସ କାଉନସେଲର ଚିତ୍ତରଞ୍ଜନ ପଲତା, ପ୍ରଭାସ ନାୟକ, ଦୀପକ ରାମ, ଅଭିନନ୍ଦନ ମହୁରୀ, ପ୍ରଦୀପ ଚୌଧୁରୀ, ହରିଶ୍ଚନ୍ଦ୍ର ଦାସ, ହୃଷିକେଶ ଦେହୁରୀ, ନଳିନୀ ସେନାପତି, ଦିଲ୍ଲୀପ କୁମାର ସେନାପତି ପ୍ରମୁଖ ପହଁଚି ବଣ୍ଟନ କାର୍ଯ୍ୟରେ ସହଯୋଗ କରିଥିଲେ । ବଡ଼ସାହି ବିଡ଼ିଓ ବନଜା ଦାସ, ବ୍ଲକ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ଲକ୍ଷ୍ମଣ ମାଝୀ, ପିଇଓ ଜୟ ନାରାୟଣ କୁଣ୍ଡୁ ଆଦିଙ୍କ ସହଯୋଗରେ ପ୍ରତିଟି ପରିବାର ଙ୍କୁ ଦୁଇଟି ଲେଖାଏଁ ତାରପାଲିନ ପାଲ, ରୋଷେଇ ସରଞ୍ଜାମ, ଦୁଇଟି ଲେଖାଏଁ ଶାଢ଼ୀ, ବାଲଟି, ମଗ, କମ୍ବଳ, ମଶାରୀ, ଲୁଙ୍ଗି, ଗାମୁଛା ଆଦି ନିତ୍ୟ ବ୍ୟବହାର୍ଯ୍ୟ ଜିନିଷମାନ ଦୁର୍ଗତ ପରିବାର ମୁଖ୍ୟ ହରିଆ ବିନ୍ଧାଣି, ରବୀନ୍ଦ୍ର ବିନ୍ଧାଣି, ସୂର୍ଯ୍ୟ ବିନ୍ଧାଣି, ପଟା ବିନ୍ଧାଣି, ଶ୍ୟାମସୁନ୍ଦର ବିନ୍ଧାଣି, ଟୁନା ବିନ୍ଧାଣି, ସାବିତ୍ରୀ ବିନ୍ଧାଣି, ଜଟ ବିନ୍ଧାଣି, ଶଙ୍କର ବିନ୍ଧାଣି, ରମେଶ ବିନ୍ଧାଣି, ଜୀରା ବିନ୍ଧାଣି, ଶୁକୁରା ବିନ୍ଧାଣି, ବାଦଲ ବିନ୍ଧାଣି, ଜଗନ୍ନାଥ ବିନ୍ଧାଣି, ସିଙ୍ଗରାୟ ବିନ୍ଧାଣି, ବୁଦ୍ଧିୟା ବିନ୍ଧାଣି, କବିତା ବିନ୍ଧାଣି, ପଦ୍ମିନୀ ବିନ୍ଧାଣି, ଶମ୍ଭୁ ବିନ୍ଧାଣି ଙ୍କୁ ବଣ୍ଟନ କରିଥିଲେ । ଜୁନିୟର ରେଡ଼କ୍ରସ ଅଧିକାରୀ ଶ୍ରୀଯୁକ୍ତ ଲକ୍ଷ୍ମଣ ସ୍ୱାଇଁ ଏହି କାର୍ଯ୍ୟକୁ ସଂଯୋଜନା କରିଥିଲେ । ରେଡ଼କ୍ରସ କର୍ମଚାରେ ଶ୍ରୀ ବିନୟ ନାୟକ ରିଲିଫ ବଣ୍ଟନ କାର୍ଯ୍ୟରେ ସହଯୋଗ କରିଥିଲେ।

# ବରଖାସ୍ତ ନିଷ୍ପତ୍ତି ପ୍ରତ୍ୟାହାର କଲା ଏୟାର ଇଣ୍ଡିଆ ଏକ୍ସପ୍ରେସ

ନୂଆଦିଲ୍ଲୀ, ୦୯/୫ : ଛୁଟିରେ ଥିବା କ୍ୟାବିନ କ୍ରୁମାନଙ୍କୁ ବରଖାସ୍ତ କରିବା ନିଷ୍ପତ୍ତିକୁ ପ୍ରତ୍ୟାହାର କରି ନେଇଛି ଏୟାର ଇଣ୍ଡିଆ ଏକ୍ସପ୍ରେସ। କମ୍ପାନୀର ପ୍ରାୟ ୩ଶହ କର୍ମଚାରୀ ଏକାଠି ଛୁଟିରେ ଚାଲିଯିବା ହେତୁ ଘୋର ସମସ୍ୟା ସୃଷ୍ଟି ହୋଇଥିଲା। ଛୁଟିରେ ଯାଇଥିବା ୩ଶହ କର୍ମଚାରୀଙ୍କ ମଧ୍ୟରୁ ୩୦ ଜଣଙ୍କୁ ଏୟାର ଇଣ୍ଡିଆ ଏକ୍ସପ୍ରେସ ବରଖାସ୍ତ କରିଥିଲା। ହେଲେ ଏହାକୁ ବିରୋଧ କରି କ୍ୟାବିନ କ୍ରୁ ସଦସ୍ୟମାନେ ବିକ୍ଷୋଭ ଆରମ୍ଭ କରିଥିଲେ। ଏହାପରେ ମୁଖ୍ୟ ଶ୍ରମ କମିଶନରଙ୍କ ପରାମର୍ଶକ୍ରମେ କମ୍ପାନୀ କର୍ତ୍ତୃପକ୍ଷ ବିକ୍ଷୋଭକାରୀଙ୍କୁ ଆଜି ଦିନ ୨ଟାରେ ଭେଟିଥିଲେ। ଏହାପରେ ତତ୍କାଳ ଭାବେ ବରଖାସ୍ତ ନିଷ୍ପତ୍ତିକୁ ପ୍ରତ୍ୟାହାର କରାଯାଇଛି। ବିନା ନୋଟିସରେ କର୍ମଚାରୀମାନେ ଦେହ ଖରାପ ଛୁଟି ନେଇ ଯାଇଥିବାରୁ କମ୍ପାନୀ ବାଧ୍ୟ ହୋଇ ମଙ୍ଗଳବାର ପ୍ରାୟ ୧୦୦ଟି ବିମାନର ଉଡ଼ାଣ ବାତିଲ କରିଥିଲା। କମ୍ପାନୀ ବ୍ୟାପକ କ୍ଷତି ସହିବାରୁ ବିନା ନୋଟିସରେ ଛୁଟିରେ ଥିବା ୩୦ ଜଣ କର୍ମଚାରୀଙ୍କୁ ବରଖାସ୍ତ କରିଥିଲା। ଏଥିସହ ଛୁଟିରେ ଥିବା ବାକି କର୍ମଚାରୀଙ୍କୁ ଦିନ ୪ଟା ସୁଦ୍ଧା କାମରେ ଯୋଗ ଦେବାକୁ ସମୟ ଦେଇଥିଲା। ଯଦି କେହି ଛୁଟିରେ ରହିବେ, ତା'ହେଲେ ସେମାନଙ୍କୁ ମଧ୍ୟ ବରଖାସ୍ତ କରାଯିବ ବୋଲି ମ୍ୟାନେଜମେଣ୍ଟ ଚେତାବନୀ ଦେଇଥିଲା। ସନ୍ଧ୍ୟାରେ ବରଖାସ୍ତ ନିଷ୍ପତ୍ତି ପ୍ରତ୍ୟାହାର ହୋଇଥିଲେ ହେଁ ଆଜି କମ୍ପାନୀ ୮୫ଟି ବିମାନର ଉଡ଼ାଣ ବାତିଲ କରିଛି।

# ନାମାଙ୍କନ ପତ୍ର ଦାଖଲ କଲେ ଭାସ୍କର ମଢ଼େଇ




ଉଦଳା , ୦୯/୫ (ନି.ପ୍ର): ଉଦଳା ବିଧାନସଭା ନିର୍ବାଚନ ମଣ୍ଡଳି ପାଇଁ ଚଳିତ ମେ ୭ ତାରିଖ ମଙ୍ଗଳବାର ଠାରୁ ନାମାଙ୍କନପତ୍ର ଦାଖଲ ପ୍ରକ୍ରୀୟା ଆରମ୍ଭ ହୋଇଥିବା ବେଳେ ଆଜି ୯ ତାରିଖ ଗୁରୁବାର ଦିନ ପ୍ରଥମ କରି ବିଧାୟକ ଭାସ୍କର ମଢ଼େଇ ତାଙ୍କର ଓକିଲ ଓ ପ୍ରସ୍ତାବକ, ସମର୍ଥକଙ୍କୁ ସାଙ୍ଗରେ ନେଇ ନାମାଙ୍କନପତ୍ର ଦାଖଲ କରିଥିବାର ଦୃଶ୍ୟ ଦେଖିବାକୁ ମିଳିଛି। ୧୪ ତାରିଖ ପର୍ଯ୍ୟନ୍ତ ନାମାଙ୍କନ ଦାଖଲ ପାଇଁ ସମୟ ଥିବା ବେଳେ ଆସନ୍ତା କାଲି ଠାରୁ ଅନ୍ୟ ପ୍ରାର୍ଥି ମାନେ ନାମାଙ୍କନ ପତ୍ର ଦାଖଲ କରିବେ ବୋଲି ଶୁଣିବାକୁ ମିଳୁଛି । ଭାସ୍କର ମଢ଼େଇ ଭାରତୀୟ ଜନତା ପାର୍ଟିରୁ ପ୍ରାର୍ଥି ହୋଇଥିବା ବେଳେ, ବିଜୁ ଜନତା ଦଳରୁ ଶ୍ରୀନାଥ ସୋରେନ ଓ କଂଗ୍ରେସ ଦଳରୁ ଦୁର୍ଗା ଟୁଡୁ ପ୍ରାର୍ଥି ବୋଲି ଜଣାପଡ଼ିଛି । ସେହିପରି ଏଥର ଅନେକ ଗୁଡ଼ିଏ ସ୍ୱାଧିନ ପ୍ରାର୍ଥି ମଧ୍ୟ ନାମାଙ୍କପତ୍ର ଦାଖଲ କରିବା ପାଇଁ ପ୍ରସ୍ତୁତ ହେଉଥିବାର ଶୁଣିବାକୁ ମିଳୁଛି । ଏଥର ସ୍ୱାଧିନ ପ୍ରାର୍ଥିଙ୍କ ପାଇଁ ଉଦଳାରେ ବେଶ ଅନୁକୂଳ ବାତାବରଣ ଥିବାର କଥା ସାଧାରଣରେ ଚର୍ଚ୍ଚା ହେଉଛି । ତେବେ ଆଜିର ନାମାଙ୍କନ ପତ୍ରକୁ ସ୍ଥାନୀୟ ଉପଜିଲ୍ଲାପାଳ ସୁଶାନ୍ତ କୁମାର ବାରିକ ଗ୍ରହଣ କରିଥିବା ବେଳେ ଦାୟିତ୍ୱରେ ଥିବା ଅନ୍ୟ ଅଧିକାରୀ ମାନେ ଉପସ୍ଥିତ ଥିଲେ ।

# ରୁବେଲା ଭାଇରସ ନେଇ ଗର୍ଭବତୀଙ୍କୁ ସତର୍କ କରାଇଲା ସ୍ୱାସ୍ଥ୍ୟ ବିଭାଗ

ଭୁବନେଶ୍ୱର, ୦୯/୫ (ନି.ପ୍ର): ନବରଙ୍ଗପୁରରେ ରୁବେଲା ଭାଇରସ ଦେଖାଦେବା ପରେ ଗର୍ଭବତୀଙ୍କୁ ସତର୍କ କରାଇଛନ୍ତି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ବିଜୟ ମହାପାତ୍ର। ସେ କହିଛନ୍ତି ଗର୍ଭବତୀ ମହିଳାଙ୍କ ଠାରେ ରୁବେଲା ହେଲେ ସେମାନଙ୍କ ସନ୍ତାନଙ୍କ କ୍ଷେତ୍ରରେ ମଧ୍ୟ ଜନ୍ମରୁ ଏହି ଭାଇରସ ଦେଖା ଦେଇଥାଏ। ତେଣୁ ଗର୍ଭବତୀ ମହିଳାଙ୍କ ଶରୀରରେ ରାସେସ ଦେଖାଗଲେ ଅବା ସେମାନଙ୍କୁ ଜ୍ୱର ହେଲେ ତୁରନ୍ତ ଟେଷ୍ଟିଂ କରାନ୍ତୁ। ନବରଙ୍ଗପୁରର ଦୁଇଟି ବ୍ଲକରେ ୧୮ ରୋଗୀଙ୍କ ଦେହରେ ଜ୍ୱର ଓ ରାସେସ ଲକ୍ଷଣ ଥିଲା। ଏହି ରୋଗୀ ମାନେ ତେନ୍ତୁଳୀଖୁଂଟି ଓ ନନ୍ଦାହାଣ୍ଡି ବ୍ଲକର। ତେବେ ସମସ୍ତଙ୍କ ସ୍ୱାସ୍ଥ୍ୟ ଅବସ୍ଥା ସ୍ଥିର ରହିଥିବା ସ୍ପଷ୍ଟ କରିଛନ୍ତି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ। ସେ କହିଛନ୍ତି, ଭୟଭୀତ କି ଆତଙ୍କିତ ହୁଅନ୍ତୁ ନାହିଁ। ଆମର ଆରଆରଟି ଟିମ୍ ସରଭେଲାନ୍ସ କରୁଛି। ଇମ୍ୟୁନାଇଜେସନକୁ ଗୁରୁତ୍ୱ ଦେଉଛୁ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo